୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

Calendarkohinoor.com

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ — ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୭ |
| ସମ୍ବତ୍ | ୨୦୮୨ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୬ |

## ଜାନୁୟାରୀ ୨୦୨୬
## JANUARY 2026

ସିଦ୍ଧାର୍ଥ ସମ୍ବତ୍ସର ଧନୁ(ପୌଷ)ଦି୧୭ନ ଠାରୁ ମକର(ମାଘ)ଦି୧୮ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ —ଘ୬।୨୫ | ଘ୫।୧୫ |
| ତା୧୦—ଘ୬।୨୭ | ଘ୫।୨୦ |
| ତା୨୦—ଘ୬।୨୮ | ଘ୫।୨୭ |
| ତା୩୧—ଘ୬।୨୬ | ଘ୫।୩୪ |

| | | | | | |
|---|---|---|---|---|---|
| ରବି SUN | | ୪ ୨୦ ପ୍ରତିପଦ ପୁନର୍ବସୁ ମିଥୁନ | ୧୧ ୨୭ ଅଷ୍ଟମୀ ଚିତ୍ରା ତୁଳା | ଅମାବାସ୍ୟା ୧୮ ୫ ପୂର୍ବାଷାଢ଼ା ଧନୁ | ୨୫ ୧୨ ସପ୍ତମୀ ରେବତୀ ମୀନ |
| ସୋମ MON | | ୫ ୨୧ ଦ୍ୱିତୀୟା ପୁଷ୍ୟା କର୍କଟ | ୧୨ ୨୮ ନବମୀ ସ୍ୱାତୀ ତୁଳା | ୧୯ ୬ ପ୍ରତିପଦ ଉତ୍ତରାଷାଢ଼ା ମକର | ୨୬ ୧୩ ଅଷ୍ଟମୀ ଅଶ୍ୱିନୀ ମେଷ |
| ମଙ୍ଗଳ TUE | | ୬ ୨୨ ତୃତୀୟା ଅଶ୍ଲେଷା କର୍କଟ | ୧୩ ୨୯ ଦଶମୀ ବିଶାଖା ତୁଳା | ୨୦ ୭ ଦ୍ୱିତୀୟା ଶ୍ରବଣା ମକର | ୨୭ ୧୪ ନବମୀ ଦ୍ୱିଜା ମେଷ |
| ବୁଧ WED | | ୭ ୨୩ ଚତୁର୍ଥୀ ପଞ୍ଚମୀ କ୍ଷଃ ମଘା ସିଂହ | ଏକାଦଶୀ ୧୪ ମକର ଦି୧ନ ଅନୁରାଧା ବିଛା | ୨୧ ୮ ତୃତୀୟା ଧନିଷ୍ଠା କୁମ୍ଭ | ୨୮ ୧୫ ଦଶମୀ କୃତ୍ତିକା ବୃଷ |
| ଗୁରୁ THU | ୧ ଧନୁ ଦି୧୭ନ ତ୍ରୟୋଦଶୀ ରୋହିଣୀ ବୃଷ | ୮ ୨୪ ଷଷ୍ଠୀ ପୂର୍ବାଫା ସିଂହ | ୧୫ ୨ ଦ୍ୱାଦଶୀ ଜ୍ୟେଷ୍ଠା ବିଛା | ୨୨ ୯ ଚତୁର୍ଥୀ ଶତଭିଷା କୁମ୍ଭ | ଏକାଦଶୀ ୨୯ ୧୬ ରୋହିଣୀ ମୃଗଶିରା ବୃଷ |
| ଶୁକ୍ର FRI | ୨ ୧୮ ଚତୁର୍ଦ୍ଦଶୀ ମୃଗଶିରା ବୃଷ | ୯ ୨୫ ଷଷ୍ଠୀ (ମଳ) ଉତ୍ତରଫା କନ୍ୟା | ୧୬ ୩ ତ୍ରୟୋଦଶୀ ଜ୍ୟେଷ୍ଠା ବିଛା | ୨୩ ୧୦ ପଞ୍ଚମୀ ପୂର୍ବଭାଦ୍ର କୁମ୍ଭ | ୩୦ ୧୭ ଦ୍ୱାଦଶୀ ଆର୍ଦ୍ରା ମିଥୁନ |
| ଶନି SAT | ପୂର୍ଣ୍ଣିମା ୩ ୧୯ ଆର୍ଦ୍ରା ମିଥୁନ | ୧୦ ୨୬ ସପ୍ତମୀ ହସ୍ତା କନ୍ୟା | ୧୭ ୪ ଚତୁର୍ଦ୍ଦଶୀ ମୂଳା ଧନୁ | ୨୪ ୧୧ ଷଷ୍ଠୀ ଉତ୍ତରଭାଦ୍ର ମୀନ | ୩୧ ୧୮ ତ୍ରୟୋଦଶୀ ଚତୁର୍ଦ୍ଦଶୀ କ୍ଷଃ ପୁନର୍ବସୁ ମିଥୁନ |

## ପର୍ବଦିନ

- ତା୧ ଇଂରାଜୀ ନୂତନ ବର୍ଷ ସନ ୨୦୨୬ ମସିହା ଆରମ୍ଭ
- ତା୨ ପୂର୍ଣ୍ଣିମାର ଚନ୍ଦ୍ର ପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ାପରିକ୍ରମା
- ତା୩ ଦେବାଭିଷେକ ପୂର୍ଣ୍ଣିମା, ମାଘ ବ୍ରତାରମ୍ଭଃ, ମହୋଦଧି ଆରତୀ
- ତା୫ ପୁଷ୍ୟାଭିଷେକ ଓ ରାଜାଭିଷେକ
- ତା୬ ସଂକଟ ଚତୁର୍ଥୀ ବ୍ରତ
- **ତା୧୨ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ**
- ତା୧୩ ନବାଙ୍କ ବେଢ଼ା, ମାସାନ୍ତ
- ତା୧୪ **ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ,** ଷଟ୍‌ତିଳା ଏକାଦଶୀ, ଓଳାଶୁଣି ମେଳା ଓ ହ.ନି
- ତା୧୬ ରଟନ୍ତୀ କାଳୀକା ପୂଜା
- **ତା୧୭** ରଟନ୍ତୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ **ସବେ-ମେରାଜ (ପୂର୍ବରାତ୍ରି)**
- **ତା୧୮ ତ୍ରିବେଣୀ ଅମାବାସ୍ୟା,** ମା ବିରଜା ଦେବୀଙ୍କର ଜନ୍ମୋତ୍ସବ, ସୂର୍ଯ୍ୟମହତି ସ୍ନାନ, ଚନ୍ଦ୍ରକ୍ଷୟ, ନିଶିପାଳନ, ଅଭିରାମ ପରମହଂସଙ୍କ ଜୟନ୍ତୀ, ଶରଣ ଆରମ୍ଭ ଓ ହ.ନି
- ତା୨୦ ଦ୍ୱିତୀୟାର ଚନ୍ଦ୍ର ଦର୍ଶନ
- **ତା୨୧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ**
- ତା୨୨ ବରଦା ଚତୁର୍ଥୀ
- **ତା୨୩ ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ, ରଥକାଠ ଅନୁକୂଳ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ,** ଶରଣ ଶେଷ
- **ତା୨୫ ମାଘସପ୍ତମୀ, ଚନ୍ଦ୍ରଭାଗାତୀର୍ଥେ ସ୍ନାନ,** ଶ୍ରୀମନ୍ଦିର ଜନ୍ମୁଉତ୍ସବ ଗାରୋଇ ଗୋବର୍ଦ୍ଧନ ପୀଠ, ମାଛଗାଁ, ଜଗତସିଂହପୁରି
- **ତା୨୬ ଭୀଷ୍ମାଷ୍ଟମୀ ଓ ୭୭ତମ ସାଧାରଣତନ୍ତ୍ର ଦିବସ**
- **ତା୨୯ ଭୈମୀ(ବଡ଼)ଏକାଦଶୀ, ବ୍ୟାସ ସରୋବର ମେଳା,** ଲକ୍ଷ୍ମୀନାରାୟଣ ବ୍ରତ, ବରାହ ଦ୍ୱାଦଶୀ ଓ ହ.ନି
- ତା୩୧ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ, ଯୋରନ୍ଦା ମେଳା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ଜାନୁୟାରୀ ମାସର ବାର ରାଶିଫଳ

**ମେଷ** – ସୁବିଧାବାଦକୁ ଆପଣେଇ ନେଇ ମନ ବିକାର ଦୂରହେବ। ସ୍ୱାସ୍ଥ୍ୟସମସ୍ୟା ସୁଧୁରିଯିବା ଫଳରେ ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ତୀର୍ଥାଟନ ଯୋଗ ଥିବାରୁ ଅନେକ ପ୍ରକାର ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ପାରିବାରିକ କ୍ଷେତ୍ରରେ ସ୍ନେହ ସଭାବ ବିରାଜମାନ କରିବ। ଯଦି ବ୍ୟବସାୟ କରୁଥାନ୍ତି ଅତ୍ୟନ୍ତ ଲାଭାନ୍ୱିତ ହୋଇ ସଂପତ୍ତି କ୍ରୟ କରିବେ। ବିଦ୍ୟୁତ୍ ବିଭାଗ ପ୍ରଶାସନ ବିଭାଗ, ବିଚାର ବିଭାଗ, ଡାକ ଓ ତାର ବିଭାଗ, ବୈଜ୍ଞାନିକ, ନୃତ୍ୟ ଓ ସଙ୍ଗୀତବିଭାଗ, ସମାଚାର ପତ୍ର ବିଭାଗରେ କର୍ମରତ ଥିଲେ ବିଶେଷ ଲାଭବାନ ହେବେ। ଚାକିରୀ ପାଇଁ ଚେଷ୍ଟା କରୁଥିଲେ ଶିକ୍ଷାକ୍ଷେତ୍ର, ଧର୍ମାନୁଷ୍ଠାନ, ଭୋଜନାଳୟ, ପ୍ରଶାସନ ବିଭାଗ, ଖାଦ୍ୟ ସମ୍ବନ୍ଧୀୟ ବିଭାଗ, ଖାଦ୍ୟ ପ୍ରସ୍ତୁତି କରୁଥିବା କାରଖାନାରେ ଯୋଗାଯୋଗ କରନ୍ତୁ। ନିଶ୍ଚୟ ଚାକିରୀ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ବୃଷ** – ଘରୋଇ ସମସ୍ୟାର ସମାଧାନ ହୋଇ ପାରିବାରିକ ସୁଖ ଶାନ୍ତି ପାଇବେ। ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଉତ୍ତମ ପଥ ପରିଷ୍କାର କରିବେ। ମର୍ଯ୍ୟାଦାଜନକ ପରିସ୍ଥିତି ସୃଷ୍ଟି ହେବା ସହ ସନ୍ତାନଙ୍କ ଶୁଭ ଖବର ପାଇ ଖୁସି ହେବେ। ନିଜର ବୁଦ୍ଧି, ବିବେକ ଖଟାଇ ଅନେକ ସମସ୍ୟାର ସମାଧାନ କରି ପାଇବେ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରୟ କରିବା ପାଇଁ ଯୋଗାଯୋଗ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ହେବ। କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଂଗୀତାଦି କ୍ଷେତ୍ରରେ ପ୍ରଶଂସିତ ହେବେ। ବାଦବିବାଦ, ଖେଳ, କୁଦ, ପ୍ରତିଯୋଗିତା ପରୀକ୍ଷା ଓ ବିଦ୍ୟା କ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ପତିଆରା ଅମଳିନ ରହିବା ସହ ଧାର୍ମିକ କାର୍ଯ୍ୟରେ ମନ ବଳାଇ ପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ମିଥୁନ** – ଶାରିରୀକ ସୁସ୍ଥତା ଦେଖାଦେବ। ପୂର୍ବ ଶତ୍ରୁମାନେ ପଛଘୁଞ୍ଚା ଦେବେ। ଅକସ୍ମାତ ଧନଲାଭ ହୋଇ ଶତ୍ରୁ, ରୋଗ, ଋଣରୁ ମୁକ୍ତି ହେବେ। ବିଶେଷ ଯାତ୍ରାରେ ସଫଳ ହେବେ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ସରକାରୀ କର୍ମଚାରୀମାନଙ୍କର କର୍ମ କ୍ଷେତ୍ରରେ ପଦୋନ୍ନତିରେ ସଫଳତା ଲାଭ କରିବେ। ନୂତନ ଆୟର ପନ୍ଥା ଖୋଲିଯିବ। ପରାକ୍ରମ ପ୍ରତିଷ୍ଠା ମାନସମ୍ମାନବୃଦ୍ଧି ହେବ। ମାଲିମୋକଦ୍ଦମାରେ ସଫଳ ହେବେ। ବିଶେଷ କରି ବିଦ୍ୟାର୍ଥୀମାନେ ଉଚ୍ଚପ୍ରଶଂସିତ ହେବେ। ଛାତ୍ର-ଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସମ୍ମାନିତ ହେବେ। ଗୃହୋପକରଣ କ୍ରୟ କରିବା ଯୋଗେ ବ୍ୟୟ ଅଧିକ ହେବ। ବ୍ୟବସାୟ କ୍ଷେତ୍ରରେ କରଜରମାତ୍ରା ହ୍ରାସ ପାଇବ। ରାଜନୀତି କ୍ଷେତ୍ରରେ ପ୍ରଶଂସା ପାଇବା ଫଳରେ ଦେହମନ ଭଲ ରହିବ। ବିରାଟ ଯୋଜନାର ସଂକଳ୍ପ ନେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**କର୍କଟ** – ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ବ୍ୟବସାୟକୁ ବଢ଼େଇବା ସହଜ ହେବ। ଉଚିତ୍ ପନ୍ଥା ଗ୍ରହଣ କଲେ ବିଦ୍ୟାଧ୍ୟୟନ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବା ସହ ନୂଆ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘସ୍ଥାୟୀ ହେବ। ଶତ୍ରୁଙ୍କ ସଂଘର୍ଷ କରି ସମାଧାନର ରାସ୍ତା ପ୍ରସ୍ତୁତ କରିବେ। ନିଜର ଅଭାବ, ପରାକ୍ରମ ବୃଦ୍ଧି ପାଇବା ସହ ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ପାରିବାରିକ ଜୀବନରେ ଗୁରୁଜନ ସନ୍ତୁଷ୍ଟ ରହିବା ଫଳରେ ସାଧାରଣ ସମସ୍ୟା ସୁଧାରୀ ନେଇ ହସ ଖୁସିରେ ଚଳିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମପାଇଁ ଅପେକ୍ଷା କରିଥିବା ଯୁବତୀମାନେ ଯୋଗ୍ୟତା ଓ ଦକ୍ଷତାକୁ ନେଇ ଉପଯୁକ୍ତ ବିଭାଗରେ କର୍ମ ନିଯୁକ୍ତି ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ଓ ପାରାଙ୍କୁ ଖାଇବାକୁ ଦିଅନ୍ତୁ।

**ସିଂହ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ଭଲ ରହିବ। ସରକାରୀ କାମରେ ସଫଳତା ପାଇବେ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବ। ଅଫିସର ବା ଅଧିକାରୀ କାମରେ ପ୍ରସନ୍ନ ରହିବେ। ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ବ୍ୟାପାର ଓ କାରବାରରେ ସୁଧାର ଆସିବା ସହ ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡ଼ିପାରେ। ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। ଗୁରୁଜନଙ୍କ ସେବା ଓ ସହମତିରେ ଆଗକୁ ବଢ଼ିପାରିବେ। ବନ୍ଧୁ ମିତ୍ରଙ୍କ ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନ ପନ୍ଥା ଅନୁସରଣ କରିବେ। ଆୟ ଉପାର୍ଜନ କ୍ଷେତ୍ରପତି ସଙ୍କଟ ସୃଷ୍ଟି ହେବ ନାହିଁ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତକାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**କନ୍ୟା** – ଅଚାନକ ଧନପ୍ରାପ୍ତି, ଜାଗା, ଜମି ଓ ଉଚ୍ଚସ୍ତରୀୟ ବାହନ କ୍ରୟ କରି ପାରନ୍ତି। ହୋଇପାରୁ ନଥିବା କାମକୁ ଧୈର୍ଯ୍ୟ ଓ ସାହସ ଦ୍ୱାରା କରିପାରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ କର୍ମଚାରୀ ମାନଙ୍କୁ ଭରସା କଲେ କୌଣସି ପ୍ରକାର ଅସୁବିଧା ହେବନାହିଁ। ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତକାରରେ କୃତକାର୍ଯ୍ୟ ହେବେ। ପାରିବାରିକ ମାମଲା ବହୁତ ଶାନ୍ତିପୂର୍ଣ୍ଣ ରହିବ। ବହୁତ ଦିନରୁ ଯେଉଁ କାମ ପାଇଁ ଚିନ୍ତା କରୁଥିଲେ ତାହା ଅଳ୍ପ ପ୍ରୟାସରେ ପୂର୍ଣ୍ଣ ହୋଇଯିବ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। ସାମାଜିକ ପତିଆରା ଅମଳିତ ରହିବ। ଟଙ୍କାର ଆବଶ୍ୟକତା ପୂରଣ ହେବ। ପୁଞ୍ଜି ଲଗାଣ, ଉଦ୍ୟୋଗ, ଧନ ଆଦାନପ୍ରଦାନରେ ଲାଭବାନ୍ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ହରିଡ଼ା ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

**ତୁଳା** – ସାମାଜିକ ପତିଆରା ଅମଳିନ ରହିବ ଓ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁ ଉତ୍ତମ କାର୍ଯ୍ୟକରି ପଦୋନ୍ନତିର ସୁଯୋଗ ପାଇବେ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବା ଫଳରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ପାରିବାରିକ କ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁର ସ୍ୱାଦ ଅନୁଭବ କରିବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ପାଇବେ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରୟ କରିବେ। ରାଜନୀତିରେ ଉଚ୍ଚପ୍ରଶଂସିତ ହେବେ ଓ ସଫଳତା ମିଳିବ। ଭ୍ରମଣ, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ବିଛା** – କାର୍ଯ୍ୟ କ୍ଷେତ୍ରରେ ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ପାଇବେ। ଆକସ୍ମିକ ଅର୍ଥଲାଭ, ସୁନାମ ପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ। ଜାଗା, ଜମି, ଗୃହପୋକରଣ କ୍ରୟକରି ପାରନ୍ତି। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ରୋଜଗାର ସସମ୍ୟା ସୁଧୁରି ଯାଇ ଧନ ଲାଭ ହେବାରୁ ମନ ଖୁସି ରହିବ। ଉଚ୍ଚପଦସ୍ଥ କର୍ମକର୍ତ୍ତା ମାନଙ୍କର କର୍ମ ଉପରେ ନଜର ପଡ଼ିପାରେ। କୌଣସି ଶୁଭ ସମାଚାର ମଧ୍ୟ ଶୁଣିବାକୁ ମିଳିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତକାରରେ କୃକାର୍ଯ୍ୟ ହେବେ। ଯେକୌଣସି ଯନ୍ତ୍ରଚାଳନା, ଯାନବାହାନ ଓ ଜଙ୍ଗଲ ବିପଦ ସଙ୍କୁଳ କ୍ଷେତ୍ରରେ କର୍ମରତ ବ୍ୟକ୍ତିମାନେ ଲାଭବାନ ହୋଇପାରନ୍ତି। ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠପଢ଼ାରେ ମନଯୋଗ ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ଧନୁ** – ବ୍ୟବସାୟକ କ୍ଷେତ୍ରରେ ବୁଦ୍ଧିମତା କାରଣରୁ ପ୍ରଚୁର ମାତ୍ରାରେ ଲାଭହେବ। ବନ୍ଧୁମିତ୍ରଙ୍କ ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ହସଖୁସିରେ ସମୟ ବିତିବ। ଟଙ୍କାର ଆବଶ୍ୟକତା ପୂରଣ ହୋଇ ବନ୍ଧୁବାନ୍ଧବଙ୍କ ଦିଗରୁ ସ୍ୱାର୍ଥ ପ୍ରବଣାତାର ଅଭିବୃଦ୍ଧି ଘଟିବ। ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବେ। ଆପଣା ଲୋକଙ୍କ ସାହାଯ୍ୟ ପାଇ ପାରିବାରିକ ଜୀବନ ସୁଧାରୀନବା ଫଳରେ ଦାମ୍ପତ୍ୟ ସୁଖରେ ଆନନ୍ଦିତ ହେବେ। ଶରୀର ସୁସ୍ଥ ହେବା ସହ ସାମାଜିକ ପତିଆରା ଅମଳିନ ରହିବ ଓ ମାନସିକ ସ୍ଥିରତା ଦେଖାଦେବ। ଚାକିରୀ କ୍ଷେତ୍ରରେ ପଦୋନ୍ନତି ହେବା ସହ ସ୍ଥାନାନ୍ତର ମଧ୍ୟ ହୋଇପାରେ। ଅବିବାହିତ ଯୁବକ ଯୁବତୀମାନଙ୍କର ବିବାହ ସ୍ଥିର ହେବ। ଦୂରଯାତ୍ରାର ସୁଯୋଗ ପାଇବେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। **ପ୍ରତିକାର** – ପ୍ରତ୍ୟେକଦିନ କଦଳୀଗଛ ମୂଳରେ ହଳଦୀପାଣି ଦିଅନ୍ତୁ।

**ମକର** – ଶରୀର କିମ୍ବା ଆଇନ୍ ଅଦାଲତ୍ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂରହେବ। ପାରିବାରିକ କ୍ଷେତ୍ରରେ ଭୁଲ ବୁଝାମଣାର ସମାଧାନ ହୋଇ ଉନ୍ନତି ମୂଳକ ପଦକ୍ଷେପ ନେବେ ଓ ପରିବାର ହିତପାଇଁ ଅଧିକ ଖର୍ଚ୍ଚାନ୍ତ ହେବେ। ପତିପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଅନୁଭବ କରିବେ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପରୀକ୍ଷା ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହୋଇ ହସଖୁସିରେ ସମୟ ବିତାଇବା ରାଜନୈତିକ କ୍ଷେତ୍ରରେ ସମସ୍ୟା ସମାଧାନ କରି ବିଜୟୀ ହେବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟକରି ଚାଲିବା ହିତକର ହେବ। ଯଦି ବ୍ୟବସାୟ ବଢ଼େଇବା ପାଇଁ କୌଣସି ଋଣ କରିବାକୁ ଇଚ୍ଛା କରୁଛନ୍ତି ତେବେ ଏଥିରେ କିଛି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେଇ କାର୍ଯ୍ୟ କରନ୍ତୁ। ଅପରିଚିତ ଲୋକମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଉତ୍ତରାଧିକାରୀ ସୂତ୍ରରୁ କିଛି ଧନ ସମ୍ପତ୍ତି ପାଇବାର ଯୋଗ ଅଛି। ବ୍ୟବସାୟରେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ହେବ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ନିଜର ଯୋଜନା ମୁତାବକ କାମକଲେ କୌଣସିପ୍ରକାର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କାମ ହାସଲ କରିବା ସକାସେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ। ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। ପରିବାରର ସଦସ୍ୟଙ୍କ ମନରେ ଆପଣଙ୍କ ପ୍ରତି ବୁଝାମଣା ହୋଇପାରେ। ସ୍ୱାସ୍ଥ୍ୟ ସାମାନ୍ୟ ଦୁର୍ବଳ ରହିବ। ଗ୍ୟାଷ୍ଟିକ୍ ସମସ୍ୟା ଦେଖାଦେଇପାରେ। କିନ୍ତୁ ଅଯଥା ଖର୍ଚ୍ଚ ପ୍ରତିସାବଧାନ ରୁହନ୍ତୁ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମୀନ** – ବନ୍ଧୁଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। ଧୈର୍ଯ୍ୟ ଓ ସହନଶୀଳତା ଯୋଗେ ଯଶ ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ବ୍ୟବସାୟରେ ଅଚାନକ ଧନପ୍ରାପ୍ତି ହେବ। ଦୂରଯାତ୍ରାରେ ସଫଳ ହେବେ। ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠ ପଢ଼ାରେ ମନଯୋଗ ଦେବେ। ରାଜନୀତି କ୍ଷେତ୍ରରେ ଶୁଭ ସମ୍ବାଦ ଦୂରଯାତ୍ରାରେ ସଫଳ ହେବେ। ନୂତନ କର୍ମପ୍ରାପ୍ତିର ସୁଯୋଗ ପାଇବେ। ସାମାଜିକ କାର୍ଯ୍ୟରେ ସଫଳତା ମିଳିବା ସହ ମାନସମ୍ମାନ ବୃଦ୍ଧି ହେବ। ଯାତ୍ରାରେ ଭୋଗ ବିଳାସ ଓ ଆନନ୍ଦମୟ ମୁହୂର୍ତ୍ତ କଟିବ। କାର୍ଯ୍ୟ କ୍ଷେତ୍ରରେ ସୁଖଶାନ୍ତି ବୃଦ୍ଧି ହେବ ଓ ଉଚ୍ଚସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ପାଇବେ। ଆଉ ଉପାର୍ଜନରେ ବାଧା ନାହିଁ। ଅଫିସ୍‌ରେ କରିଥିବା କାମର ଶୁଭ ସୂଚନା ଶୁଣିବାକୁ ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଅଶ୍ୱତ୍ଥ ବୃକ୍ଷ ମୂଳରେ ଗୁଡ଼ ପାଣି ଥୋଇ ପ୍ରଣାମ କରନ୍ତୁ।

Calendarkohinoor.com

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ିରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୭ |
| ସମ୍ବତ୍ | ୨୦୮୨ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୬ |

## ଫେବୃୟାରୀ ୨୦୨୬
## FEBRUARY 2026

ସିଦ୍ଧାର୍ଥ ସମ୍ବତ୍ସର ମକର(ମାଘ)ଦି ୧୯ନ ଠାରୁ କୁମ୍ଭ(ଫାଲ୍ଗୁନ)ଦି ୧୬ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୬।୨୬ | ଘ୫।୩୪ |
| ତା୧୦–ଘ୬।୨୨ | ଘ୫।୩୯ |
| ତା୨୦–ଘ୬।୧୭ | ଘ୫।୪୫ |
| ତା୨୮–ଘ୬।୧୧ | ଘ୫।୪୮ |

| ରବି SUN | ପୂର୍ଣ୍ଣିମା ୧ ମକର ଦି ୧୯ନ ପୁଷ୍ୟା କର୍କଟ | ୮ ୨୬ ସପ୍ତମୀ ସ୍ୱାତୀ ତୁଳା | ୧୫ ୩ ତ୍ରୟୋଦଶୀ ଉତ୍ତରାଷାଢ଼ା ମକର | ୨୨ ୧୦ ପଞ୍ଚମୀ ଅଶ୍ୱିନୀ ମେଷ |
|---|---|---|---|---|
| ସୋମ MON | ୨ ୨୦ ପ୍ରତିପଦ ଅଶ୍ଳେଷା କର୍କଟ | ୯ ୨୭ ଅଷ୍ଟମୀ ବିଶାଖା ତୁଳା | ୧୬ ୪ ଚତୁର୍ଦ୍ଦଶୀ ଶ୍ରବଣା ମକର | ୨୩ ୧୧ ଷଷ୍ଠୀ ଦ୍ୱିଜା ମେଷ |
| ମଙ୍ଗଳ TUE | ୩ ୨୧ ଦ୍ୱିତୀୟା ମଘା ସିଂହ | ୧୦ ୨୮ ଅଷ୍ଟମୀ (ମଳ) ବିଶାଖା ବିଛା | ଅମାବାସ୍ୟା ୧୭ ୫ ଧନିଷ୍ଠା ମକର | ୨୪ ୧୨ ସପ୍ତମୀ ଅଷ୍ଟମୀକ୍ଷୟ କୃତ୍ତିକା ବୃଷ |
| ବୁଧ WED | ୪ ୨୨ ତୃତୀୟା ପୂର୍ବାଫା ସିଂହ | ୧୧ ୨୯ ନବମୀ ଅନୁରାଧା ବିଛା | ୧୮ ୬ ପ୍ରତିପଦ ଶତଭିଷା କୁମ୍ଭ | ୨୫ ୧୩ ନବମୀ ରୋହିଣୀ ବୃଷ |
| ଗୁରୁ THU | ୫ ୨୩ ଚତୁର୍ଥୀ ଉତ୍ତରାଫା କନ୍ୟା | ୧୨ ୩୦ ଦଶମୀ ଜ୍ୟେଷ୍ଠା ବିଛା | ୧୯ ୭ ଦ୍ୱିତୀୟା ପୂର୍ବଭାଦ୍ର କୁମ୍ଭ | ୨୬ ୧୪ ଦଶମୀ ମୃଗଶିରା ମିଥୁନ |
| ଶୁକ୍ର FRI | ୬ ୨୪ ପଞ୍ଚମୀ ହସ୍ତା କନ୍ୟା | ଏକାଦଶୀ ୧୩ କୁମ୍ଭ ଦି ୧ନ ମୂଳା ଧନୁ | ୨୦ ୮ ତୃତୀୟା ଉତ୍ତରଭାଦ୍ର ମୀନ | ଏକାଦଶୀ ୨୭ ୧୫ ଆର୍ଦ୍ରା ମିଥୁନ |
| ଶନି SAT | ୭ ୨୫ ଷଷ୍ଠୀ ଚିତ୍ରା କନ୍ୟା | ୧୪ ୨ ଦ୍ୱାଦଶୀ ପୂର୍ବାଷାଢ଼ା ଧନୁ | ୨୧ ୯ ଚତୁର୍ଥୀ ରେବତୀ ମୀନ | ୨୮ ୧୬ ଦ୍ୱାଦଶୀ ପୁନର୍ବସୁ କର୍କଟ |

**ଶୁଦ୍ଧାଶୁଦ୍ଧ କାଳ** – ୨୦୨୬ ମସିହା ଜାନୁୟାରୀ ତା୧ରିଖରୁ ଫେବୃୟାରୀ ତା୧୫ରିଖ (୧୫।୨।୨୦୨୬) ପର୍ଯ୍ୟନ୍ତ ଶୁକ୍ରବୃଦ୍ଧଅସ୍ତ ଓ ଖରମାସ ଜନିତ ଅଶୁଦ୍ଧକାଳ। ଫେବୃୟାରୀ ତା୧୬।୨।୨୦୨୬ରିଖ ଠାରୁ ମଇ ମାସ ତା୧୬।୫।୨୦୨୬ ରିଖ ପର୍ଯ୍ୟନ୍ତ ଶୁଦ୍ଧକାଳ। ମଇ ତା୧୭ ରିଖ ଠାରୁ ଜୁନ୍ ତା୧୫ ପର୍ଯ୍ୟନ୍ତ ମଳମାସ ଜନିତ ଅଶୁଦ୍ଧକାଳ। ଜୁନ୍ ତା୧୬ରିଖ ଠାରୁ ଜୁଲାଇ ତା୧୧ରିଖ ପର୍ଯ୍ୟନ୍ତ ଶୁଦ୍ଧକାଳ । ଜୁଲାଇ ତା୧୨ରିଖ ଠାରୁ ଡିସେମ୍ବର ତା୩୧ ରିଖ ପର୍ଯ୍ୟନ୍ତ ବୃହସ୍ପତି ବୃଦ୍ଧ, ଅସ୍ତ, ଗୁର୍ବାଦିତ୍ୟ, ହରିଶୟନ, ଚତୁର୍ମାସ୍ୟା, ବୃହସ୍ପତି ସିଂହରାଶିକୁ ଅତିଚାର ଶୁକ୍ର ବୃଦ୍ଧ ଅସ୍ତ ଓ ଖରମାସ ଜନିତ ଅଶୁଦ୍ଧକାଳ।

## ପର୍ବଦିନ

**ତା୧ ମାଘ ପୂର୍ଣ୍ଣିମା,** ଚନ୍ଦ୍ରପୂଜା, ଅଗ୍ନ୍ୟୁତ୍ସବ ମାଘବ୍ରତ ସମାପନ, ଶ୍ରୀଜଗନ୍ନାଥ **ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ।**

**ତା୪ ସବେ-ବରାତ୍ (ପୂର୍ବରାତ୍ରି)**, ମଧୁସୂଦନ ଦାସଙ୍କ ତିରୋଧାନ ଦିବସ

ତା୧୨ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ମାସାନ୍ତ

**ତା୧୩ କୁମ୍ଭ ସଂକ୍ରାନ୍ତି** (ସର୍ବ) **ପଙ୍କୋଦ୍ଧାର ଏକାଦଶୀ** ଓ ହ.ନି

ତା୧୪ ଶରଣ ଆରମ୍ଭ

**ତା୧୫ (ସ୍ମାର୍ତ୍ତ)ମହାଶିବରାତ୍ରୀ ଓ ଜାଗର ଉପବାସ ଓ ବେଢ଼ା**

ତା୧୬ ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି

ତା୧୭ ଅମାବାସ୍ୟା, ଗୋସହସ୍ରୀ ସ୍ନାନ

ତା୧୮ ଦ୍ୱିତୀୟାର ଚନ୍ଦ୍ରଦର୍ଶନ

**ତା୧୯ ରମଜାନ୍ ମାସ ଆରମ୍ଭ (ପୂର୍ବରାତ୍ରି),ରାମକୃଷ୍ଣ ପରମହଂଙ୍କ ଜୟନ୍ତୀ** ଓ ଶରଣ ଶେଷ

**ତା୨୬ ଫଗୁ ଦଶମୀ, ସୁଦଶାବ୍ରତ ଓ ଶ୍ରୀଜୀଉଙ୍କ ଚାଚେରୀ ବେଶ**

ତା୨୭ ପାପ ନାଶିନୀ ଏକାଦଶୀ ଉପବାସ ଓ ହ.ନି

ତା୨୮ ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ

**ବିବାହ ତା୧୯।୨୦।୨୧।୨୨।୨୫। ୨୬ ରିଖ।**
**ବ୍ରତ - ତା୧୯।୨୦।୨୨।୨୬ରିଖ।**

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

# ସନ ୨୦୨୬ ମସିହା ଫେବୃୟାରୀ ମାସର ବାର ରାଶିଫଳ

**ମେଷ** – ପରିବାରର ମାମଲା ଘରୋଇ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁଁ ଉତ୍ତମ କାର୍ଯ୍ୟ କରି ପଦୋନ୍ନତି ପାଇବେ। ବାଦବିବାଦ ପରୀକ୍ଷା, ପ୍ରତିଯୋଗିତା ଓ ମାଲିମକଦ୍ଦମାର ଅବସାନ ହେବ। ରାଜନୀତି କ୍ଷେତ୍ରରେ ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ। ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ। ସରକାରୀ କାମରେ ସଫଳତା ମିଳିବା ସହ ନୂତନ ବନ୍ଧୁଙ୍କୁ ପାଇ ଖୁସୀ ହେବେ। ବନ୍ଧୁ ମିତ୍ରଙ୍କର ସହଯେର, ପ୍ରେରଣା ଓ ଆର୍ଥିକ ସହାୟତାରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବ ଓ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇପାରେ। ଗୁରୁଜନ ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୂରଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ବୃଷ** – ସନ୍ତାନ ସନ୍ତତି ମାନଙ୍କ ଖୁସିରେ ଆନନ୍ଦିତ ହେବେ। ହାତଖାଲି ହେବା ବେଳକୁ ଦୈବୀ ସହାୟତା ତଥା କର୍ମଯୋଗ ଦ୍ୱାରା ଖାଲି ହାତ ପୁଣି ଭରି ହୋଇଯିବ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ଆଗ୍ରହ ବଢ଼ିବ। ନ୍ୟାୟମାର୍ଗ ଓ ମିଷ୍ଟ ବଚନକୁ ନିଜର ଭୂଷଣଭାବି କର୍ମ କରିଲେ ଲାଭବାନ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ବାଦ୍‌ବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍‌କାରରେ ବିଜୟୀ ହେବେ। ଦୂରଯାତ୍ରାର ସୁଯୋଗ ପାଇବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତି ବିଶୃଙ୍ଖଳା ଦୂରେଇଯାଇ ଶାନ୍ତିଶୃଙ୍ଖଳା ଦେଖାଦେବ। ନୂତନ କର୍ମପ୍ରାପ୍ତିର ସୁଯୋଗ ପାଇବେ। ଦାମ୍ପତ୍ୟସୁଖ ବୃଦ୍ଧି ହେବା ସହ ସାମାଜିକ ପ୍ରତିଷ୍ଠା ମାନ-ସମ୍ମାନ ବୃଦ୍ଧି ପାଇବ। ରାଜନୈତିକ କ୍ଷେତ୍ରରେ ଲୋକପ୍ରିୟତା, ଖେଳରେ ପ୍ରଶଂସାପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମିଥୁନ** – ବ୍ୟବସାୟ ବାଣିଜ୍ୟ ପାଇଁ ଦୂରଗାମୀ ହେଲେ ସବୁ ମତେ ଉନ୍ନତିର ସମ୍ଭାବନା ବୃଦ୍ଧିହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବା ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ସଫଳ ହେବେ। ରାଜନୀତି କ୍ଷେତ୍ରରେ ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ଧାର କରଜ ସୁଝିବାପାଇଁ ସୁଯୋଗ ପାଇବେ। ପଢ଼ାପଢ଼ିରେ ମନ ଧ୍ୟାନ ପ୍ରାୟ ଲାଗି ରହିବ ଆଧ୍ୟାତ୍ମିକ ଭାବଧରାରେ ଉଦ୍‌ବୁଦ୍ଧ ହୋଇ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନବଳାଇ ପାରନ୍ତି। ଦୂରବନ୍ଧୁଙ୍କ ସୌଜନ୍ୟ ମୂଳକ ସାକ୍ଷାତ ଲାଭକରି ଖୁସୀହେବେ। ପାରିବାରିକ ସୁଖ ସମ୍ପନ୍ନତା ଲାଭ ହେବ ଓ ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ନୂତନ କର୍ମାରମ୍ଭ ହେତୁ ନୂଆ ଉତ୍ସାହ ନେଇ କାମ କରିବେ। ବରିଷ୍ଠ ଅଧିକାରୀଙ୍କ ସହ ଦୂର ଯାତ୍ରା କରିବାକୁ ପଡ଼ି ପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ ହରିଶ ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

**କର୍କଟ** – ଧୀରସ୍ଥିର ଭାବରେ ପାରିବାରିକ ସମସ୍ୟା ସୁଧାରୀ ନେବା ଉଚିତ୍। ତୀର୍ଥାଟନ ଯୋଗ ଥିବାରୁ ଯାତ୍ରା କରି ଆନନ୍ଦିତ ହେବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ଜୟଯୁକ୍ତ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମପ୍ରସଙ୍ଗରେ ସଫଳତା ମିଳିବ। ନୂତନ କର୍ମଆଶାୟୀ ଯୁବକ ଯୁବତୀମାନଙ୍କର ଆଶା ପୂରଣ ହେବାସାମାଜିକ ସ୍ଥିତି, ମାନସମ୍ମାନ ବୃଦ୍ଧି ହେବା ସହ ବିନା ପରିଶ୍ରମରେ ଧନପ୍ରାପତି ହେବ। ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ନିର୍ମାଣ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିଦ୍ୟା କ୍ଷେତ୍ରରେ ମନନିବେଶ କରିବେ। ଧର୍ମାତ୍ମା, ଦେବତା, ସାଧୁସନ୍ଥଙ୍କ ସେବା ଓ ପରୋପକାର କର୍ମରେ ନିଜକୁ ନିୟୋଜିତ କରି ପାରନ୍ତି। ବ୍ୟବସାୟୀମାନେ ସାଧୁ ଓ ସଚ୍ଚୋଟ ଭାବେ କର୍ମଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ ଖାଇବାକୁ ଦିଅନ୍ତୁ।

**ସିଂହ** – ପୁରୁଣା ନିବେଶ ଲାଭ ଦେବ। ଶୁଭ ସମାଚାର ମିଳିପାରେ। ସ୍ୱାସ୍ଥ୍ୟ ଭଲ ରହିବ। ଭ୍ରାତୃ ବିବାଦ ଦୂର ହୋଇ ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଆର୍ଥିକ ଦିଗରୁ ବେଶ୍ ଅନୁକୂଳ ଥିବାରୁ କିଛି ନୂତନ ପଦାର୍ଥ ସଂଗ୍ରହ ବା ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠ ପଢ଼ାରେ ମନଯୋଗ ଦେବେ। ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ନୂତନ ବନ୍ଧୁ ମିତ୍ରଙ୍କ ସହଯୋଗରେ ପ୍ରେମ ପ୍ରସଙ୍ଗରେ ଆଗକୁ ବଢ଼ିପାରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ଫଳରେ ସାଧାରଣ ଚଳଣି ଅତୁଟ ରହିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା ପରୀକ୍ଷା ଓ ସାକ୍ଷାତ୍ କାରରେ କୃତକାର୍ଯ୍ୟ ହେବେ। ଖାଇବା ପିଇବାରେ ସତର୍କ ନରହିଲେ ଉଦରପୀଡ଼ା ଭୋଗିବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କନ୍ୟା** – ସରକାରୀ କ୍ଷେତ୍ରରେ ଯଶ, ମାନ ସମ୍ମାନ ପ୍ରତିଷ୍ଠା ମିଳିବ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ-ସମ୍ପର୍କ ଫଳରେ କର୍ମୋନ୍ନତିର ସୂଚନା ପାଇବେ। ବିଦ୍ୟା କ୍ଷେତ୍ରରେ ମଧ୍ୟ ସଫଳତା ମିଳିବ। ଶତ୍ରୁମାନେ ଦୂର ହେବେ। ରୋଜଗାରରେ ଉନ୍ନତିହେବା ସହ ଋଣ ଭରଣାରେ ସହଜ ହେବ। ସଠିକ୍ ଚିନ୍ତା ଓ ଧୈର୍ଯ୍ୟ ସାହସ ଦ୍ୱାରା ହୋଇପାରୁ ନଥିବା କାମକୁ କରି ଦେଖାଇବେ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେତୁ ଚିତ୍ତ ପ୍ରସନ୍ନ ରହିବ। ମିତ୍ରମାନଙ୍କ ଦ୍ୱାରା ଲାଭ ମିଳିବ। କୌଣସି ମହତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ବ୍ୟବସାୟରେ ଉନ୍ନତି ହେବ। ରାଜନୀତି କ୍ଷେତ୍ରରେ ଉଚ୍ଚସମ୍ପର୍କରୁ ଲାଭବାନ ହେବେ। ବନ୍ଧୁଙ୍କ ଶୁଭକର୍ମରେ ଯୋଗଦେବାକୁ ପଡ଼ିପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**ତୁଳା** – ଶିକ୍ଷକ, ପ୍ରଶିକ୍ଷକ, ଅଭିନେତା, ନେତାମାନେ ଲାଭବାନ୍ ହେବେ। ବ୍ୟବସାୟୀମାନଙ୍କର କାରବାର ବଢ଼ିବ ଓ ଲୋକ ସମ୍ପର୍କ ବୃଦ୍ଧି ହେବ। ଆର୍ଥିକ ଲାଭ ହେବାର ସମ୍ଭାବନା ଅଛି। ରାଜନୀତି କ୍ଷେତ୍ରରେ ମାନସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କୁ ଆପଣାର କରି କୃପା ଭାଜନ ହେବା ସହ ଅଧସ୍ତନ କର୍ମୀ ଓ କରିବେ। ତଳ ମହଲରୁ ଆଶାତୀତ ଲାଭ ପାଇବେ। ରାଜକୀୟ ମାମଲାରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଭୁଲ ବୁଝାମଣା, ରାଗରୁଷା, ମାନଅଭିମାନ, କଳହ ଇତ୍ୟାଦି ଅଛ ବହୁତ ଦେଖାଦେଲେ ମଧ୍ୟ କୁ ପ୍ରଭାବ ପଡିବ ନାହିଁ। ଛାତ୍ରଛାତ୍ରୀ ମାନେ ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ଜରୁରୀ କାର୍ଯ୍ୟ ଓ ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୂଚାରୁରୂପେ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀ ମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ବିଛା** – ସହକର୍ମୀ ମାନଙ୍କ ସହ ବାଦବିବାଦର ଅବସାନ ଘଟି ବନ୍ଧୁତ୍ୱ ସୃଷ୍ଟି ହେବ। ଜାଗା, ଜମି, ବାସଗୃହ ଓ ଯାନବାହାନ ଆଦି କ୍ରୟକରିବା ପାଇଁ ଯୋଗାଯୋଗ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲୋକସମର୍ଥନକୁ ଆଧାର କରି ବଳୀୟାନ ହେବେ। ପରିଶ୍ରମ କରି ପ୍ରତ୍ୟେକ ଉଚ୍ଚସ୍ଥିତି ରକ୍ଷା କରି ପାରିବେ। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର କରି ଅତ୍ୟଧିକ ଲାଭ ପାଇବେ। ବାଦବିବାଦ, ମାଲିମୋକଦ୍ଦମା, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାର ବିଜୟୀ ହେବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। କୌଣସି ମହତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ସହିତ ଭେଟ ହେବ। କିନ୍ତୁ କୌଣସି ଧାର୍ମିକ କାର୍ଯ୍ୟରେ ଅର୍ଥ କିଛି ବ୍ୟୟ କରିବେ। ଆୟ ଅପେକ୍ଷା ବ୍ୟୟ ବୃଦ୍ଧିପାଇବାସହ ସ୍ୱାସ୍ଥ୍ୟହାନିର ମଧ୍ୟ ଆଶଙ୍କା ରହିଛି। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ଧନୁ** – ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତିଶୃଙ୍ଖଳା ବଜାୟ ରଖି ପାରିବେ। ଆୟ ଉପାର୍ଜନର ବୃଦ୍ଧି, ଋଣରୁ ମୁକ୍ତି ମିଳିବା ସହ ଶତ୍ରୁବାଧା ଯିବ। ଅଧିକାରୀ ଓ ସହକର୍ମୀମାନେ କାମର ପ୍ରଶଂସା କରିବେ। ମାନସିକ ବିଷାଦ, ଦାମ୍ପତ୍ୟ କଳହ ଓ ଭୟ ଆଶଙ୍କା ଦୂରେଇ ଯାଇ ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବକେୟା ଅର୍ଥ କିଛି ମିଳିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସ୍ନେହଭାବର ବୃଦ୍ଧିହେବ। ରାଜନୀତିରେ ଲୋକସମର୍ଥନକୁ ଆଧାର କରି ବଳୀୟାନ ହେବେ। ମାଲିମୋକଦ୍ଦମାରେ ଆପୋଷ ସମାଧାନର ରାସ୍ତା ଖୋଲିଯିବ। ସାମାଜିକ କ୍ଷେତ୍ରରେ ନିଜର ପ୍ରଭାବ ଓ ପ୍ରରାକ୍ରମ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସୁଖଶାନ୍ତି ବୃଦ୍ଧି ହେବ। ରାଜନୈତିକ କ୍ଷେତ୍ରରେ ପ୍ରଶଂସିତ ହେବେ। **ପ୍ରତିକାର** – ପ୍ରତ୍ୟେକଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମକର** – ଶାରୀରିକ ସୁସ୍ଥତା ଅନୁଭବ କରିବେ। ଶତ୍ରୁନାଶ, ଧନପ୍ରାପ୍ତି, ମିତ୍ରଲାଭ, ପ୍ରଶଂସିତ ହେବା ସହ ଉଚ୍ଚ ସମ୍ମାନ ପାଇବେ। ଜମିଜମା ସଙ୍କ୍ରାନ୍ତିୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ। ସାମ୍ବାଦିକତାରୁ ଲାଭ ଓ ଶୁଭ ସମାଚାର ମିଳିବ। ପରିବାରର ମାମଲା ଘରୋଇ ସମସ୍ୟାର ସମାଧାନ ହୋଇ ଆୟର ସ୍ରୋତ ଖୋଲିଯିବ। ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରି ପ୍ରଚୁର ଲାଭ କରିବେ। ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। କରିଥିବା କାମର ଶୁଭ ସୂଚନା ପାଇବେ। ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ ଓ ନୂତନ ସମ୍ବନ୍ଧ ସୃଷ୍ଟିହେବ। ବନ୍ଧୁ, ମିତ୍ର ସହକର୍ମୀ ଓ ଭାଗୀଦାରୀଙ୍କ ସମ୍ପର୍କରେ ମଧୁର ଆସିବ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଶତ୍ରୁମାନେ ଦୁର୍ବଳ ହେବେ। ଶୁଭ ସଂବାଦ ପାଇ ଖୁସିହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଅସହାୟଙ୍କୁ ସାହାଯ୍ୟ କରନ୍ତୁ।

**କୁମ୍ଭ** – ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ଫଳରେ ପ୍ରଶଂସା ପାଇବେ। ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ। ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ଅର୍ଜନ କରିବେ। ବନ୍ଧୁ ମିତ୍ରଙ୍କ ଠାରୁ ସାହାଯ୍ୟ ସହଯୋଗ ମିଳିବା ଫଳରେ ମାନସିକ ଶାନ୍ତି ପାଇବେ। ଆମୋଦ ପ୍ରମୋଦ, ମନୋରଞ୍ଜନ, ନୃତ୍ୟଗୀତ, କଳାସଙ୍ଗୀତ, ମଉଜ ମଜଲିସ୍, ଆଡମ୍ବରରେ ଉତ୍ସାହ ବଢ଼ିବ। ବ୍ୟବସାୟୀମାନେ ନିମ୍ନବର୍ଗ କର୍ମୀଙ୍କ ପ୍ରତି ସତର୍କ ରହି ଚଉଆଖିଆ ହୋଇ କର୍ତ୍ତବ୍ୟ ପାଳି ଚାଲିଲେ ପରେ ହଇରାଣ ହେବେ ନାହିଁ। ରାଜନୀତିରେ ଲୋକ ସମର୍ଥନକୁ କରି ବଳିୟାନ ହେବେ। ଛାତ୍ରଛାତ୍ରୀ ମାନଙ୍କର ସହପାଠୀ ମାନଙ୍କ ମଧ୍ୟରେ ସମନ୍ୱୟ ରହି ବନ୍ଧୁତ୍ୱ ବୃଦ୍ଧି ପାଇବ। କଠିନ ପରିଶ୍ରମ ଫଳରେ ସହକାରୀ କ୍ଷେତ୍ରରେ ସଫଳତା ମିଳିବ। ବିଦ୍ୟାକ୍ଷେତ୍ରରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ପ୍ରଶଂସା ପାଇବେ। **ପ୍ରତିକାର** – ପ୍ରତ୍ୟେକଦିନ ଭୋକିଲା ଲୋକକୁ ନିରାଶ କରନ୍ତୁ ନାହିଁ।

**ମୀନ** – ଆକସ୍ମିକ ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂରହେବ। ପାରିବାରିକ ସମସ୍ୟା ସମାଧାନ କରି ଶାନ୍ତି ପାଇବେ। ବ୍ୟବସାୟରେ ଜବରଦସ୍ତି ଉନ୍ନତି ସହ ଆଶାତୀତ ଲାଭ ପାଇବେ। କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। ଅଏସ୍ ଆରାମ୍ ସୁଖ ସନ୍ତୁଷ୍ଟି ପାଇବାରେ ବାଧା କିଛି ନାହିଁ। ଯେତେ ସମସ୍ୟା ଲାଗିଲେ ମଧ୍ୟ କାମକୁ ଅବହେଳା କରିବେ ନାହିଁ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିବ। ଆଧ୍ୟାତ୍ମିକ ଭାବଧାରରେ ଉଦ୍‌ବୁଦ୍ଧ ସତସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳେଇବେ। ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର ଛାତ୍ରୀ ମାନଙ୍କର ସଂଘର୍ଷ ଦ୍ୱାରା ସଫଳତା ମିଳିବା ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହୋଇ ପାରନ୍ତି। ଖାଦ୍ୟପେୟ ଓ ଔଷଧ ସେବନ ପ୍ରତି ଧ୍ୟାନ ନ ରଖିଲେ, ବିଶେଷ କ୍ଷତି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋ-ମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

Calendarkohinoor.com

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨[illegible]୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୭ |
| ସମ୍ବତ୍ | ୨୦୮୨ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୬ |

## ମାର୍ଚ୍ଚ ୨୦୨୬
## MARCH 2026

ସିଦ୍ଧାର୍ଥ ସମ୍ବତ୍ସର କୁମ୍ଭ(ଫାଲ୍‌ଗୁନ)ଦି୧୭ନ ଠାରୁ ମୀନ(ଚୈତ୍ର)ଦି୧୭ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୬।୧୦ | ଘ୫।୪୮ |
| ତା୧୦–ଘ୬।୦୪ | ଘ୫।୫୧ |
| ତା୨୦–ଘ୫।୫୫ | ଘ୫।୫୪ |
| ତା୩୧ –ଘ୫।୪୫ | ଘ୫।୫୭ |

| ରବି SUN | ୧ କୁମ୍ଭ ଦି୧୭ନ ତ୍ରୟୋଦଶୀ ପୁଷ୍ୟା କର୍କଟ | ୮ ୨୪ ପଞ୍ଚମୀ ସ୍ୱାତୀ ତୁଳା | ଏକାଦଶୀ ୧୫ ମୀନ ଦି୧ନ ଶ୍ରବଣା ମକର | ୨୨ ୮ ଚତୁର୍ଥୀ ଦ୍ୱିଜା ମେଷ | ଏକାଦଶୀ ୨୯ ୧୫ ଅଶ୍ଳେଷା କର୍କଟ |
|---|---|---|---|---|---|
| ସୋମ MON | ୨ ୧୮ ଚତୁର୍ଦ୍ଦଶୀ ଅଶ୍ଳେଷା କର୍କଟ | ୯ ୨୫ ଷଷ୍ଠୀ ବିଶାଖା ତୁଳା | ୧୬ ୨ ଦ୍ୱାଦଶୀ ଶ୍ରବଣା ମକର | ୨୩ ୯ ପଞ୍ଚମୀ କୃତ୍ତିକା ବୃଷ | ୩୦ ୧୬ ଦ୍ୱାଦଶୀ ମଘା ସିଂହ |
| ମଙ୍ଗଳ TUE | ପୂର୍ଣ୍ଣିମା ୩ ୧୯ ମଘା ସିଂହ | ୧୦ ୨୬ ସପ୍ତମୀ ଅନୁରାଧା ବିଛା | ୧୭ ୩ ତ୍ରୟୋଦଶୀ ଧନିଷ୍ଠା କୁମ୍ଭ | ୨୪ ୧୦ ଷଷ୍ଠୀ ରୋହିଣୀ ବୃଷ | ୩୧ ୧୭ ତ୍ରୟୋଦଶୀ ପୂର୍ବାଫା ସିଂହ |
| ବୁଧ WED | ୪ ୨୦ ପ୍ରତିପଦ ପୂର୍ବାଫା ସିଂହ | ୧୧ ୨୭ ଅଷ୍ଟମୀ ଜ୍ୟେଷ୍ଠା ବିଛା | ୧୮ ୪ ଚତୁର୍ଦ୍ଦଶୀ ଶତଭିଷା କୁମ୍ଭ | ୨୫ ୧୧ ସପ୍ତମୀ ମୃଗଶିରା ବୃଷ | |
| ଗୁରୁ THU | ୫ ୨୧ ଦ୍ୱିତୀୟା ଉତ୍ତରଫା କନ୍ୟା | ୧୨ ୨୮ ନବମୀ ମୂଳା ଧନୁ | ଅମାବାସ୍ୟା ୧୯ ୫ ପ୍ରତିପଦ କ୍ଷଃ ପୂର୍ବଭାଦ୍ର ଉତ୍ତରଭାଦ୍ର କ୍ଷଃ ମୀନ | ୨୬ ୧୨ ଅଷ୍ଟମୀ ଆର୍ଦ୍ରା ମିଥୁନ | |
| ଶୁକ୍ର FRI | ୬ ୨୨ ତୃତୀୟା ହସ୍ତା କନ୍ୟା | ୧୩ ୨୯ ନବମୀ (ମଳ) ପୂର୍ବାଷାଢ଼ା ଧନୁ | ୨୦ ୬ ଦ୍ୱିତୀୟା ରେବତୀ ମୀନ | ୨୭ ୧୩ ନବମୀ ପୁନର୍ବସୁ ମିଥୁନ | |
| ଶନି SAT | ୭ ୨୩ ଚତୁର୍ଥୀ ଚିତ୍ରା ତୁଳା | ୧୪ ୩୦ ଦଶମୀ ଉତ୍ତରାଷାଢ଼ା ଧନୁ | ୨୧ ୭ ତୃତୀୟା ଅଶ୍ୱିନୀ ମେଷ | ୨୮ ୧୪ ଦଶମୀ ପୁଷ୍ୟା କର୍କଟ | |

**ମେଘଙ୍କ ନାମ** — ଏ ସମ୍ବତ୍ସରରେ ମେଘଙ୍କ ନାମ – ପୁଷ୍କର, ପୌଢ଼ାବସ୍ଥା, ୨ ପଦ୍ମ ସୈନ୍ୟନେଇ ବୃଷ୍ଟିକରିବ ଦକ୍ଷିଣ ଦିଗରୁ, ଗୃହ ପଶ୍ଚିମ ଦିଗେ, ଆସ୍ଥାନ, କ୍ରୌଞ୍ଚଦ୍ୱୀପେ, ବୃଷ୍ଟିକରିବ ଜଳ ସମୁଦ୍ରରୁ ବର୍ଷା ପରିମାଣ ଦି୫୦ନ। ପୃଥିବୀରେ ଶସ୍ୟାୟ ୬ବିଶ୍ୱା ୮ଗଣ୍ଡା ମାତ୍ର

## ପର୍ବଦିନ

ତା୧ **ପ୍ରସିଦ୍ଧ ଅରିଲୋ ମେଲଣ କଟକ ନଗରୀ ଗ୍ରାମପଞ୍ଚାୟତ**

ତା୨ **ବରାହ ଦୋଳ,** ରାଜାଗ୍ନି ଓ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

ତା୩ **ଦୋଳ ପୂର୍ଣ୍ଣିମା** ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ, ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ଓ **ଚନ୍ଦ୍ରଗ୍ରହଣ**

ତା୪ **ହୋଲି ଉତ୍ସବ**

ତା୮ **ପଞ୍ଚୁଦୋଳ** ତା୯ **ସ୍କନ୍ଦ ଷଷ୍ଠୀ**

ତା୧୪ ମାସାନ୍ତ, ଶରଣ ଆରମ୍ଭ

ତା୧୫ **ମୀନ ସଂକ୍ରାନ୍ତି,** ପାପମୋଚନୀ ଏକାଦଶୀ ଉପବାସ ଓ ହ.ନି

ତା୧୭ ବାରୁଣୀ ସ୍ନାନ, ତାରାତାରିଣୀ ଯାତ୍ରା, ଶିବଚତୁର୍ଦ୍ଦଶୀ ଓ ବେଢ଼ା, **ସବେ କଦର (ପୂର୍ବରାତ୍ରି)**

ତା୧୮ ସ୍ନାହୀ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ଶରଣଶେଷ ଓ ହ.ନି

ତା୧୯ ମଧୁ ଅମାବାସ୍ୟା, ସୃଷ୍ଟ୍ୟାରମ୍ଭ ଦିବସ, ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟା ନବଦିନାତ୍ମକ ପୂଜାରମ୍ଭ ଓ **ତେଲୁଗୁ ନୂତନବର୍ଷ**

ତା୨୦ ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ଓ **ଜମାତୁଲ-ଓ୍ୱିଦା**

ତା୨୧ **ଇଦୁଲ ଫିତର** ଓ ସମ ଦିବସ

ତା୨୨ ଶ୍ରୀ ମନ୍ଦିରେ ବାଡି ନୃସିଂହ ବିଜେ

ତା୨୪ ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ସପ୍ତମୀପୂଜା ଓ ଶ୍ରୀମନ୍ଦିରେ ଚୈତ୍ର ଗୁଣ୍ଡିଚା ଯାତ୍ରା

ତା୨୫ ଶ୍ରୀ ବାସନ୍ତୀଦୁର୍ଗା ଦେବ୍ୟାଃ ମହାଷ୍ଟମୀ ପୂଜା ଓ **ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା**

ତା୨୬ **ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା,** ଶ୍ରୀବାସନ୍ତୀଦୁର୍ଗା ଦେବ୍ୟାଃ ମହାନବମୀ ପୂଜା ଓ ଶ୍ରୀମନ୍ଦିରେ ଜେଉଟଭୋଗ

ତା୨୭ **ଶ୍ରୀରାମନବମୀ** ଓ ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ଦଶହରା

ତା୨୮ ଶ୍ରୀମନ୍ଦିରେ ଯଜ୍ଞରକ୍ଷା

ତା୨୯ କାମଦା ଏକାଦଶୀ, ସୀତାବିବାହ ଓ ରବିନାୟଣ ବ୍ରତ

ତା୩୦ ଅନଙ୍ଗ ତ୍ରୟୋଦଶୀ , ଶ୍ରୀମନ୍ଦିରେ ବନବାସ ଓ କନ୍ଦର୍ପାଧିବାସ

ତା୩୧ ଶ୍ରୀମନ୍ଦିରେ ଦୟଣାଚୋରୀ, ଶିବଦମନକ ଚତୁର୍ଦ୍ଦଶୀ ଉପବାସ, **ମହାବୀର ଜୟନ୍ତୀ** ଓ ବାୟାଣୀ ପୂଜା।

**ବିବାହ–ତା୫।୭।୮।୯ରିଖ।**
**ବ୍ରତ–ତା୫।୨୫।୨୬।୨୯।ରିଖ।**
**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ମାର୍ଚ୍ଚ ମାସର ବାର ରାଶିଫଳ

**ମେଷ** – ସାମାଜିକ କ୍ଷେତ୍ରରେ ନିଜର ପ୍ରତିଷ୍ଠା ପ୍ରତିପତ୍ତି ବୃଦ୍ଧି ପାଇବ। ଶତ୍ରୁନାଶ, ଋଣନାଶ ଓ ପୁରାତନ ରୋଗପୀଡ଼ାର ଉପଶମ ହୋଇ ଶାରୀରିକ ସୁସ୍ଥତା ଦେଖା ଦେବା ସହ ମାନସିକ ଶାନ୍ତି ମିଳିବ। ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସମ୍ମାନିତ ହେବେ ଓ ବ୍ୟବସାୟରେ ଆର୍ଥିକସ୍ଥିତି ସୁଦୃଢ଼ ହେବ। ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ ଓ ବନ୍ଧୁମିତ୍ର ମାନଙ୍କ ଠାରୁ ପୂର୍ଣ୍ଣ ସହଯୋଗ ପାଇବେ। ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବାସହ କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବେ। ଇଚ୍ଛାଶକ୍ତି ପ୍ରବଳ ମାତ୍ରାରେ ଜାଗ୍ରତ ହେବା ଫଳରେ ଅର୍ଥର ସମ୍ୟକ ବୃଦ୍ଧି ହେବ। ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା ସମସ୍ତବାଧା ବିଘ୍ନକୁ ଅତିକ୍ରମ କରି ଆଗକୁ ବଢ଼ି ପାରିବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ବୃଷ** – ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ କର୍ମୋନ୍ନତି ହେବ। କଳା ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି ଜୟଯୁକ୍ତ ହେବେ। ଶତ୍ରୁହାନୀ, ଋଣପ୍ରାପ୍ତି, କର୍ମତତ୍ପର, ମାଲିମୋକଦ୍ଦମାରେ ଜୟ, ଲୋକ ସମ୍ପର୍କ ବୃଦ୍ଧିହେବ। ନୂତନ କାର୍ଯ୍ୟାରମ୍ଭ, ଉଚ୍ଚପ୍ରଶଂସା ଲାଭ ସାହସୀ ଓ ଦୃଢ଼ସଂକଳ୍ପ ଫଳରେ ଲାଭବାନ ହେବେ। ଶିକ୍ଷାକ୍ଷେତ୍ରରେ ଚଳଚଞ୍ଚଳ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିବେ। ସରକାରୀ ଚାପ ପଡିଲେ ମଧ୍ୟ ରାଜନୀତି କ୍ଷେତ୍ରରେ କୂଟନୀତି ପ୍ରୟୋଗ କରି ପ୍ରଶଂସିତ ହେବେ। ପରିବାରରେ ସୁଖଦାୟକ ବାତାବରଣ ଦେଖାଦେବ। ସୁଖ ସମୃଦ୍ଧି ବୃଦ୍ଧିହେବା ସହ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଜମି ବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହୋଇପାରେ **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ମିଥୁନ** – ସ୍ୱାସ୍ଥରେ ଉନ୍ନତି ହେବ। ବ୍ୟବସାୟରେ ପୂର୍ବ ଶତ୍ରୁମାନେ ପଛଘୁଞ୍ଚା ଦେବା ଫଳରେ ପୂର୍ଣ୍ଣ ସଫଳତା ପାଇବେ। ଦୂର ଯାତ୍ରାରେ ଲାଭବାନ ହେବେ। ଧନ ଲାଭର ମାର୍ଗ ଖୋଲିଯିବ। ନୂତନକର୍ମ ସଂସ୍ଥାରେ ନିଯୁକ୍ତି ପାଇବାର ଯୋଗ ରହିଛି। କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ସାମାଜିକ ପ୍ରତିଷ୍ଠା ମାନ ସମ୍ମାନବୃଦ୍ଧି ଶିକ୍ଷା କ୍ଷେତ୍ରରେ ବିଦେଶ ଯାତ୍ରାରେ ସଫଳ ହେବେ। ପ୍ରେମକ୍ଷେତ୍ରରେ ଆତ୍ମନିୟନ୍ତ୍ରଣ କରିବା ଶିଖିବେ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ନୂତନ କାରବାରରେ ସଫଳତା ମିଳିବ ଓ ଖାଦ୍ୟ ବ୍ୟବସାୟୀମାନେ ପ୍ରଚୁର ଲାଭ କରିବେ। ରାଜନୀତିରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମାରେ ବିଜୟୀ ହେବେ। ଅନେକ ସମସ୍ୟା ଦୂର ହୋଇ ଉଚ୍ଚ ଆଶାରେ ଆଗେଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**କର୍କଟ** – ଚିତ୍ତ ପ୍ରସନ୍ନ ଯୋଗେ କାର୍ଯ୍ୟ ସିଦ୍ଧି ହେବ। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବ ଓ ବହୁବିଧ ଲାଭମିଳିବ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବା ସହ ମିତ୍ରମାନଙ୍କ ଦ୍ୱାରା ସାହାଯ୍ୟ ମିଳିବ ଓ ନିଜ ଲୋକମାନେ ହିଁ କାମରେ ଆସିବେ। ଉଚ୍ଚସମ୍ମାନ ଲାଭ, ମନରେ ଉତ୍ସାହ ଓ ମିଷ୍ଟାନ୍ନ ଭୋଜନ ପ୍ରାପ୍ତି ହେବ। ଉଚ୍ଚସ୍ତରୀୟ ଯାନବାହାନ କ୍ରୟ କରିବାର ସୁବିଧା ସୁଯୋଗ ପାଇବେ। ପାରିବାରିକ କ୍ଷେତ୍ରରେ ଅସନ୍ତୋଷ, କ୍ଷୋଭ ଓ ଅବଶୋଷ ଦୂରେଇ ଯାଇ ଶାନ୍ତି ବିରାଜମାନ କରିବ। ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ ସଫଳ ହେବେ। ଆକସ୍ମିକ ଧନ ପ୍ରାପ୍ତି ହୋଇ ଆୟବୃଦ୍ଧି ହେବ। ଶତ୍ରୁମାନେ ମଥାନତ କରିବେ। ସମସ୍ତ କାର୍ଯ୍ୟ ମନୋନୁକୂଳ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ସିଂହ** – କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଶିକ୍ଷାକ୍ଷେତ୍ରରେ ମନୋବାଞ୍ଛିତ ସ୍ଥାନରେ ପଢ଼ିବାର ସୁଯୋଗ ପାଇବେ। ନୂତନ କର୍ମ ପ୍ରୟାସରତ ଯୁବକ ଯୁବତୀ ମାନେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ। ଅକସ୍ମାତ ଭୂମିଲାଭ ଯୋଗ ମଧ୍ୟ ଘଟିବ। ଦୂର ବନ୍ଧୁ ଖୁବ୍ ସାହାଯ୍ୟ କରିବେ। ଗୁରୁଜନ କେହି ସନ୍ତୁଷ୍ଟ ରହିବେ। ବ୍ୟବସାୟ କ୍ଷେତ୍ରରେ କଠିନ ପରିଶ୍ରମ କରି ବ୍ୟବସାୟକୁ ବଢ଼େଇ ପାରିବେ। ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ପ୍ରସଙ୍ଗରେ ମଧୁରତା ଆସିବ। ନିତ୍ୟକର୍ମ ପରିବର୍ତ୍ତନ ହେତୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଗୋଟିଏ ପାଖରେ ସ୍ନେହ ଶ୍ରଦ୍ଧାର ସ୍ରୋତ ଛୁଟିଥିଲାବେଳେ ଅନ୍ୟ ପାଖରେ ଉପେକ୍ଷା ଓ ଅଶାନ୍ତିର ନିଆଁକୁହୁଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କନ୍ୟା** – ବ୍ୟବସାୟରେ ନୂତନଧାରା ଖୋଲିଲେ ଅଚାନକ ଧନପ୍ରାପ୍ତି ହୋଇ ଆର୍ଥିକ ସଙ୍କଟ ଦୂରେଇ ଯିବ। ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ପ୍ରସଙ୍ଗରେ ଅଧିକ ଘନିଷ୍ଠତା ହେବ। ଅଧିନସ୍ଥ କର୍ମଚାରୀଙ୍କ ପ୍ରତି ସତର୍କ ରହିଲେ ସମସ୍ୟାର ସମାଧାନ କରିହେବ। କଳକାରଖାନା, କୋଇଲା ଖଣି, ରେଳବିଭାଗ, ଡାକ ଓ ତାର ବିଭାଗ, ଟ୍ରାନ୍ସପୋର୍ଟ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରିବା ଫଳରେ କର୍ମୋନ୍ନତି ହେବ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବୃଦ୍ଧି ପାଇବା ସହ ମୁଖ୍ୟନେତାଙ୍କର ପ୍ରିୟ ପାତ୍ର ହେବେ। ଠିକାଦାରୀ, ସଡ଼କ, ଗୃହ ନିର୍ମାଣ, ଗୃହୋପକରଣ, ଗୃହନିର୍ମାଣ ସାମଗ୍ରୀ ବ୍ୟବସାୟ ପ୍ଲାଷ୍ଟିକ ଚମଡ଼ା, ଫଳ, ତେଲ, ମଟର, କୋଇଲା, ପେଟ୍ରୋଲିୟମ୍ ପଦାର୍ଥ, ଏଜେନ୍ସି ଆଦି ବ୍ୟବସାୟରେ ଲାଭବାନ ହେବେ। ମାନସିକଚାପ ବୃଦ୍ଧି ଓ ସ୍ୱାସ୍ଥ୍ୟରେ ଅବନ୍ନତୀ ଘଟିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାକୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** – ପ୍ରତିଯୋଗୀତା କ୍ଷେତ୍ରକୁ ମୁହାଁଇଲେ ବାଧାବିଘ୍ନକୁ ପଛରେ ପକାଇ ଅଗ୍ରଗତିର ବେଗ ବଢ଼ିଯିବ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଲୋକସମର୍ଥନ ପାଇବେ। ରାଜନୈତିକ ସହକର୍ମୀ ମାନଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇ ଲୋକପ୍ରିୟତା ହାସଲ କରି ନୂତନ ଯୋଜନାକୁ କ୍ରିୟାନ୍ୱିତ କରିବେ ଓ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ପାରିବାରିକ କ୍ଷେତ୍ରରେ ଭୋଗ ବିଳାସ ଓ ଆନନ୍ଦମୟ ମୁହୂର୍ତ୍ତ ସାଙ୍ଗକୁ ସମ୍ମାନଜନକ ଘଟଣା ଘଟିବ। କର୍ମଚାରୀମାନଙ୍କର ପଦୋନ୍ନତି ହେବ। ନୂତନ କର୍ମପ୍ରାପ୍ତିର ସୁଯୋଗ ମିଳିବ। ଦାମ୍ପତ୍ୟ ସୁଖ ବୃଦ୍ଧିହେବ। ଋଣ ଭାରରୁ ମୁକ୍ତି ପାଇବେ। ବିଦ୍ୟାକ୍ଷେତ୍ରରେ ପ୍ରଶଂସା ପାଇବେ। ପ୍ରଶାସନ ସେବା ସଂବନ୍ଧିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ। କୌଣସି ଶିକ୍ଷା ଅନୁଷ୍ଠାନରେ ଯୋଗ ଦେବାର ସୁବିଧା ସୁଯୋଗ ଆସିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଶ୍ୱେତ ଚନ୍ଦନରେ କର୍ପୁର ମିଶେଇ ମସ୍ତକରେ ଧାରଣ କରନ୍ତୁ।

**ବିଛା** – ମାଲିମୋକଦ୍ଦମାରେ ମୁଣ୍ଡ ଉଚ୍ଚ ରହିବ। ଅଧସ୍ତନ କର୍ମୀ ଓ ସହକର୍ମୀଙ୍କ ସୌଜନ୍ୟରୁ ସାହାଯ୍ୟ ସମର୍ଥନ ହାସଲ କରିବେ। କର୍ମକ୍ଷେତ୍ରରେ ସହଯୋଗୀମାନେ ସହଯୋଗ କରିବା ଫଳରେ ପଦୋନ୍ନତିର ସୁଯୋଗ ପାଇପାରିବେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଦିବ୍ୟ ଗୁଣ ଗୁଡିକ ପ୍ରକାଶ ପାଇବ। ରାଜନୀତି କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ଉଦ୍ୟମୀ, ଦକ୍ଷ, ଜନପ୍ରିୟ, ସିଦ୍ଧହସ୍ତା, ସୁବକ୍ତା, ବ୍ୟକ୍ତିରୂପେ ସମାଜର ସ୍ୱୀକୃତି ପାଇବେ। ପରିବାରରେ କିମ୍ବା କୁଟୁମ୍ବରେ ମାଙ୍ଗଳିକ କାର୍ଯ୍ୟରେ ଦାୟିତ୍ୱ ନେଇ ଧାଦୌଡ଼ି କରିବା ଫଳରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟର ଆୟୋଜନ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବା ସହ ବ୍ୟବସାୟରେ ଉନ୍ନତି ଓ ଲାଭପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ ପ୍ରଶଂସା ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୂରଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ

**ଧନୁ** – କର୍ମକ୍ଷେତ୍ରରେ ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ଦ୍ୱନ୍ଦ ମେଣ୍ଟିଯିବ ଓ ମାନସିକ ଏକାଗ୍ରତା ବଜାୟ ରହିବ। ବ୍ୟବସାୟୀକ ହିସାବପତ୍ର ସହ ଭଲଭାବରେ ଜଗାରଖା କରିବା ଦ୍ୱାରା ବିଶେଷ ଲାଭବାନ୍ ହେବେ। ବନ୍ଧୁ, ମିତ୍ର, ସହଯୋଗୀଙ୍କ ଯୋଗେ ମାନସିକ ଶାନ୍ତି ଓ ମନସ୍କାମନା ପୂର୍ଣ୍ଣହେବ। ଶତ୍ରୁମାନେ ମୁଣ୍ଡ ଟେକିବାକୁ ସାହସ କରିବେ ନାହିଁ। ଆକସ୍ମିକ ଭାବରେ କୌଣସି ଅବାଞ୍ଛିତ ସୂତ୍ରରୁ ମୋଟା ଅର୍ଥ ମିଳିଯିବ। ଆତ୍ମବିଶ୍ୱାସ ଦ୍ୱାରା ଅନ୍ୟ ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବେ। କୌଣସିଥିରେ ଅଭିମାନ ନଥାଇ ସନ୍ତାନମାନେ ସୁନାମ ଅର୍ଜନ କରିବେ। କୃଷିଜୀବିମାନେ ପନିପରିବା କ୍ଷେତ୍ରରୁ ବେଶ୍ ଲାଭବାନ୍ ହୋଇ ପାରିବେ। ରାଜକର୍ମଚାରୀ ମାନେ ଅନେକ ସୁବିଧା ସୁଯୋଗ ପାଇବେ। ଯୋଜନା ଫଳପ୍ରସୂ ହେବା ସହଜ ସରଳ ହୋଇଯିବା ଫଳରେ ଆନନ୍ଦିତ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମକର** – ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ଆର୍ଥିକ ଦିଗରୁ ଉନ୍ନତ ହେବା ଫଳରେ ନୂତନପନ୍ଥା ଅନୁସରଣ କରିବେ। ଅବିବାହିତ ଯୁବକ ଯୁବତୀମାନେ ବିବାହ କରିବାର ସୁଯୋଗ ପାଇବେ। ଉଦାସୀନତା ଓ ନକରାତ୍ମକ ପ୍ରବୃତ୍ତିକୁ ଛାଡିବା ପାଇଁ ପ୍ରୟାସ କରିବେ। ରାଜନୀତି କ୍ଷେତ୍ରରେ ସ୍ୱାର୍ଥରକ୍ଷା କରିବା ପାଇଁ କଠିନ ପରିଶ୍ରମ କରିବେ। କାର୍ଯ୍ୟକ୍ଷେତ୍ରରେ କଠିନ ପରିଶ୍ରମ ଦ୍ୱାରା ଆଗକୁ ବଢ଼ି ପାରିବେ। ସ୍ୱାସ୍ଥ୍ୟସମସ୍ୟା ଦୂରହୋଇ ଆର୍ଥିକସ୍ଥିତି ସୁଧୁରିଯିବା ଫଳରେ ଖୁସିହେବେ। ନିଜର ଯୋଜନା ମୁତାବକ କାମକଲେ କୌଣସି ପ୍ରକାର ଅସୁବିଧା ହେବନାହିଁ। ମାଲିମୋକଦ୍ଦମାରେ କୂଟନୀତିର ଶିକାର ହେବେ। ଆଚାର ଓ ବ୍ୟବହାରରେ ଶାନ୍ତ ହୋଇ କାର୍ଯ୍ୟ କରି ନିଅନ୍ତୁ। ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ପାଣିରେ କିଛି ଗୋଟା ଲୁଣ ପକାଇ ଘରକୁ ପୋଛନ୍ତୁ।

**କୁମ୍ଭ** – କର୍ମନିଯୁକ୍ତି କ୍ଷେତ୍ରରେ ସଫଳହେବେ। ଆୟ ଉପାର୍ଜନ ମଧ୍ୟମ ହେବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ। ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ମନଯୋଗ ଦେଇ ପରସ୍ପରକୁ ସାହାଯ୍ୟ ସହଯୋଗ କରି ଗଠନମୂଳକ ଦିଗପ୍ରତି ଆଗ୍ରହି ହେବେ। ଏକ ବିରାଟ କାର୍ଯ୍ୟର ସଂକଳ୍ପ ନେବେ ଯାହା ଫଳରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ। ଘରୋଇ କର୍ମକ୍ଷେତ୍ରରେ ସହକର୍ମୀ ଓ ପଦାଧିକାରୀମାନେ ଖୁସୀ ରହିବା ସହ ମାନସମ୍ମାନ ବୃଦ୍ଧିହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରାର ସୁଯୋଗ ପାଇବେ। ପରସ୍ପରକୁ ସାହାଯ୍ୟ ସହଯୋଗ କରି ଗଠନମୂଳକ କାର୍ଯ୍ୟ ହାତକୁ ନେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଅଷ୍ଟଗନ୍ଧ ତିଳକ ଚନ୍ଦନ ଧାରଣ କରନ୍ତୁ।

**ମୀନ** – କର୍ମକ୍ଷେତ୍ରରେ ଆଶା କରୁଥିବା ଘଟଣା ଘଟିବା ଫଳରେ ନୂଆ ଲକ୍ଷକୁ ନିର୍ଦ୍ଧାରିତ କରିପାରିବେ। ବ୍ୟାପାର ବାଣିଜ୍ୟ ଓ କାମକାର୍ଯ୍ୟର ସ୍ଥିତି ସନ୍ତୋଷ ଜନକ ହେବ। ପ୍ରପର୍ଟୀ ସମ୍ବନ୍ଧୀୟ ମାମଲା ସତୃଙ୍କ ମଧ୍ୟସ୍ଥତା ଦ୍ୱାରା ଦୂର ହେବ। ପୁରୁଣା ନିବେଶ ଲାଭ ଦେବା ଫଳରେ ଆର୍ଥିକ ସ୍ଥିତିକୁ ସୁଧାରି ପାରିବେ। ବିଗିଡ଼ି ଯାଇଥିବା କାର୍ଯ୍ୟ ସୁଧୁରିଯିବା ଫଳରେ କାର୍ଯ୍ୟ କ୍ଷେତ୍ରରେ ଉତ୍ସାହିତ ହେବେ। କୌଣସି ରୋଚକ ବା ଜ୍ଞାନବର୍ଦ୍ଧକ ସାହିତ୍ୟ ପ୍ରତି ମନ ବଳାଇବେ। କୋର୍ଟ କଚେରୀ ମାମଲା ଓ ବାଦବିବାଦ ଆପଣଙ୍କ ସପକ୍ଷରେ ରହିବ। ନୂତନ ବସ୍ତୁ କ୍ରୟ କରିବେ। ପରିବାରରେ ସମ୍ବନ୍ଧରେ ପ୍ରଗାଢ଼ତା ଆସିବା ଫଳରେ ଶାନ୍ତି ମିଳିବ। ପ୍ରେମ ପ୍ରସଙ୍ଗରେ ସଫଳତା ମିଳିବ। ବାଦ୍‌ବିବାଦ, ପରୀକ୍ଷା ପ୍ରତିଯୋଗିତା ଓ ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୭/୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୬/୨୭ |

## ଅପ୍ରେଲ୍ ୨୦୨୬
## APRIL 2026

ସିଦ୍ଧାର୍ଥ ସମ୍ବତ୍ସର ମୀନ(ଚୈତ୍ର)ଦି୧୮ନ ଠାରୁ ମେଷ(ବୈଶାଖ)ଦି୧୭ନ ପର୍ଯ୍ୟନ୍ତ

| | ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|---|
| ତା୧ | ଘ୫।୪୪ | ଘ୫।୫୭ |
| ତା୧୦ | ଘ୫।୩୭ | ଘ୬।୦୦ |
| ତା୨୦ | ଘ୫।୩୦ | ଘ୬।୦୩ |
| ତା୩୦ | ଘ୫।୨୩ | ଘ୬।୦୭ |

ବହୁ ପୁରାତନ, ପ୍ରତିଷ୍ଠିତ, ବିଶୁଦ୍ଧ ଓ ସର୍ବପରିଚିତ ଓଡ଼ିଶା କୋହେନୂର୍ ପ୍ରେସ ପଞ୍ଜିକା ସର୍ବଦା ବ୍ୟବହାର କରନ୍ତୁ।

| ବାର | | | | | |
|---|---|---|---|---|---|
| ରବି SUN | | ୫ ୨୨ ତୃତୀୟା ବିଶାଖା ତୁଳା | ୧୨ ୨୯ ଦଶମୀ ଶ୍ରବଣା ମକର | ୧୯ ୬ ଦ୍ୱିତୀୟା ଦ୍ୱିଜା କୃତ୍ତିକା କ୍ଷଃ ମେଷ | ୨୬ ୧୩ ଦଶମୀ ମଘା ସିଂହ |
| ସୋମ MON | | ୬ ୨୩ ଚତୁର୍ଥୀ ଅନୁରାଧା ବିଛା | ଏକାଦଶୀ ୧୩ ୩୦ ଧନିଷ୍ଠା ମକର | ୨୦ ୭ ତୃତୀୟା ଚତୁର୍ଥୀ କ୍ଷଃ ରୋହିଣୀ ବୃଷ | ଏକାଦଶୀ ୨୭ ୧୪ ପୂର୍ବାଫା ସିଂହ |
| ମଙ୍ଗଳ TUE | | ୭ ୨୪ ପଞ୍ଚମୀ ଜ୍ୟେଷ୍ଠା ବିଛା | ୧୪ ମେଷ ଦି୧ନ ଦ୍ୱାଦଶୀ ଶତଭିଷା କୁମ୍ଭ | ୨୧ ୮ ପଞ୍ଚମୀ ମୃଗଶିରା ବୃଷ | ୨୮ ୧୫ ଦ୍ୱାଦଶୀ ଉତ୍ତରଫା କନ୍ୟା |
| ବୁଧ WED | ୧ ମୀନ ଦି୧୮ନ ଚତୁର୍ଦ୍ଦଶୀ ଉତ୍ତରଫା କନ୍ୟା | ୮ ୨୫ ଷଷ୍ଠୀ ଜ୍ୟେଷ୍ଠା ବିଛା | ୧୫ ୨ ତ୍ରୟୋଦଶୀ ପୂର୍ବଭାଦ୍ର କୁମ୍ଭ | ୨୨ ୯ ଷଷ୍ଠୀ ଆର୍ଦ୍ରା ମିଥୁନ | ୨୯ ୧୬ ତ୍ରୟୋଦଶୀ ହସ୍ତା କନ୍ୟା |
| ଗୁରୁ THU | ପୂର୍ଣ୍ଣିମା ୨ ୧୯ ହସ୍ତା କନ୍ୟା | ୯ ୨୬ ସପ୍ତମୀ ମୂଳା ଧନୁ | ୧୬ ୩ ଚତୁର୍ଦ୍ଦଶୀ ଉତ୍ତରଭାଦ୍ର ମୀନ | ୨୩ ୧୦ ସପ୍ତମୀ ପୁନର୍ବସୁ ମିଥୁନ | ୩୦ ୧୭ ଚତୁର୍ଦ୍ଦଶୀ ଚିତ୍ରା କନ୍ୟା |
| ଶୁକ୍ର FRI | ୩ ୨୦ ପ୍ରତିପଦ ଚିତ୍ରା କନ୍ୟା | ୧୦ ୨୭ ଅଷ୍ଟମୀ ପୂର୍ବଷାଢ଼ା ଧନୁ | ଅମାବାସ୍ୟା ୧୭ ୪ ରେବତୀ ମୀନ | ୨୪ ୧୧ ଅଷ୍ଟମୀ ପୁଷ୍ୟା କର୍କଟ | |
| ଶନି SAT | ୪ ୨୧ ଦ୍ୱିତୀୟା ସ୍ୱାତୀ ତୁଳା | ୧୧ ୨୮ ନବମୀ ଉତ୍ତରଷାଢ଼ା ମକର | ୧୮ ୫ ପ୍ରତିପଦ ଅଶ୍ୱିନୀ ମେଷ | ୨୫ ୧୨ ନବମୀ ଅଶ୍ଳେଷା କର୍କଟ | |

## ପର୍ବଦିନ

ତା୧ **ଉତ୍କଳ ଦିବସ,** ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ, ହିଙ୍ଗୁଳାଯାତ୍ରା, ଶ୍ରୀମନ୍ଦିରେ ଦୟଣାବେଢ଼ା, ଚନ୍ଦ୍ରପୂଜା

ତା୨ ଚୈତ୍ର ପୂର୍ଣ୍ଣିମା, ବୈଶାଖ ବ୍ରତାରମ୍ଭ ଓ ଚୈତ୍ରପର୍ବ

**ତା୩ ଗୁଡ୍‌ଫ୍ରାଇଡେ** ଓ ଲଙ୍କାପୋଡି

ତା୬ ଇଷ୍ଟର ମନ୍‌ଡେ

ତା୧୦ ଶରଣ ଆରମ୍ଭ

ତା୧୨ ଶ୍ରୀମନ୍ଦିରେ ରାମାଭିଷେକ

ତା୧୩ ବରୁଥିନୀ ଏକାଦଶୀ ,ମାସାନ୍ତ ଓ ହ.ନି

**ତା୧୪ ମହାବିଷୁଭ ପଣା ସଂକ୍ରାନ୍ତି, ଝାମୁଯାତ୍ରା,** ରାଧାରମଣ ଦେବଙ୍କ ଜନ୍ମୋତ୍ସବ ଓ ହନୁମାନ ଜୟନ୍ତୀ

ତା୧୫ ଶରଣ ଶେଷ

ତା୧୬ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି

**ତା୧୭ ରୁକ୍ମିଣୀ ଅମାବାସ୍ୟା**

ତା୧୮ ଚନ୍ଦ୍ର ଦର୍ଶନ

ତା୧୯ ପର୍ଶୁରାମ ଜୟନ୍ତୀ।

**ତା୨୦ ଅକ୍ଷୟ ତୃତୀୟା** ଓ ଶ୍ରୀକ୍ଷେତ୍ରେ ଚନ୍ଦନଯାତ୍ରାରମ୍ଭ

ତା୨୧ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ

ତା୨୨ ଶ୍ରୀରାମାନୁଜଚାର୍ଯ୍ୟଙ୍କ ଜୟନ୍ତୀ

ତା୨୪ ନିଳାଦ୍ରୀ ମହୋଦୟାଷ୍ଟମୀ ଓ ଜାତୀୟ ପଞ୍ଚାୟତରାଜ ଦିବସ

ତା୨୫ ସୀତା ନବମୀ ଓ ଶନିଶ୍ଚର ଯଜ୍ଞ

ତା୨୭ ମୋହିନୀ ଏକାଦଶୀ ଉପବାସ ଓ ହଳ ନିଷେଧ

**ତା୨୮ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ**

ତା୩୦ ନୃସିଂହ ଜନ୍ମ ଚତୁର୍ଦ୍ଦଶୀ ଉପବାସ

ବିବାହ- ତା୨୧ରିଖ
ବ୍ରତ - ତା୩।୨୪ରିଖ
ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

Calendarkohinoor.com

# ସନ ୨୦୨୬ ମସିହା ଅପ୍ରେଲ୍ ମାସର ବାର ରାଶିଫଳ

**ମେଷ** – ଧର୍ମ କାର୍ଯ୍ୟରେ ଲିପ୍ତ ରହି ପାରନ୍ତି। ଶିକ୍ଷାକ୍ଷେତ୍ରରେ ମାନସିକ ସ୍ଥିରତା ଦେଖାଦେବା ସହ ବିଜୟ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବା ସହ ମାନସିକ ଶାନ୍ତି ମିଳିବ ଓ ଋଣଭାର ଲାଘବ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବା ଫଳରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବା ବ୍ୟବସାୟ ପାଇଁ ଭ୍ରମଣ କରିବା ଫଳରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବା ବ୍ୟବସାୟ ପାଇଁ ଭ୍ରମଣ କରିବା ଫଳରେ ବିଶେଷ ଲାଭାନ୍ୱିତ ହେବେ। ଭାବିଚିନ୍ତି କାର୍ଯ୍ୟ ନ କଲେ ଠକାମିରେ ପଡ଼ି ପାରନ୍ତି। ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ଅଧିକ ଘନିଷ୍ଠତା ହେବ। ଭୋଗ ବିଳାସଦ୍ରବ୍ୟ କ୍ରୟ କରି ଆର୍ଥିକ ଭୋଗିବେ। ଅଭାବ ଅସୁବିଧା ଥାଇ ମଧ୍ୟ କୌଣସି କାମ ଅଟକିଯିବ ନାହିଁ। କର୍ମକ୍ଷେତ୍ରରେ ଅସୁବିଧା ପରିସ୍ଥିତିକୁ ସାମାନ୍ୟ ଚେଷ୍ଟାରେ ସଜାଡି ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ ଓ କର୍ମକ୍ଷେତ୍ରରେ ଅନେକ ଦିନର ଅଭିଳାଷ ପୂର୍ଣ୍ଣ ହେବ। ଶାରୀରିକ ଓ ମାନସିକ ସ୍ଥିରତା ହେଖାଦେବ। ପ୍ରତିକୂଳ ପରିସ୍ଥିତି ଦୂରେଇଯିବ ଓ ନିଜ ଚେଷ୍ଟାରେ କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ଓ ସନ୍ତାନ ସୁଖ ମିଳିବ। ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରିବା ସହ ଅନେକ କାର୍ଯ୍ୟ ନିଜେ ସମାଧାନ କରିବାକୁ ସାହସ ବାନ୍ଧିବେ। ପ୍ରେମିକ ପ୍ରେମିକାମାନେ ପ୍ରେମକ୍ଷେତ୍ରରେ ପ୍ରଶଂସିତ ହେବେ। କୋର୍ଟ କଚେରୀ ଓ ମାଲିମୋକଦ୍ଦମାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚେଷ୍ଟା କରିଲେ ସଫଳ ହେବେ। ରାଜନୀତିରେ ସାଧାରଣ ପରିଶ୍ରମ ଫଳରେ ଅଧିକ ଉନ୍ନତି ହେବ। ଜମିଜମା ସଂକ୍ରାନ୍ତିୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ କରନ୍ତୁ।

**ମିଥୁନ** –ଅଚାନକ ଭାବରେ କୌଣସି ସୁସମ୍ବାଦ ଶୁଣିବେ। ସନ୍ତାନ ସନ୍ତତିଙ୍କ ତରଫରୁ ଆଶାବାଦୀ ହେବେ। ପାରିବାରିକ ତିକ୍ତତାର ସମାପ୍ତି ହେବ। କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡିବ। ବ୍ୟବସାୟୀମାନଙ୍କର ଲାଭ ଅଧିକ ହେବା ଫଳରେ ମନ ଖୁସି ରହିବ। ରାଜନୀତିରେ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ବିଦ୍ୟା କ୍ଷେତ୍ରରେ ଯଶ ପ୍ରାପ୍ତି ହେବ ଓ ପଢ଼ାପଢ଼ିରେ ମାନସିକ ଶାନ୍ତି ମିଳିବ। ଧର୍ମାନୁଷ୍ଠାନରେ ସମୟ କଟେଇବା ପାଇଁ ମନ ବଳାଇବେ। ଅସହାୟ ମାନଙ୍କୁ ସାହାଯ୍ୟ କରିବା ଫଳରେ ଲୋକମାନଙ୍କ ନିକଟରେ ମାନସମ୍ମାନ ପ୍ରତିଷ୍ଠା ପ୍ରତିପ୍ରତ୍ତି ବୃଦ୍ଧି ପାଇବ। ବିଗିଡିଯାଇଥିବା କାର୍ଯ୍ୟ ସୁଧୁରିଯିବ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ। ଅପେକ୍ଷା କରିଥିବା କାର୍ଯ୍ୟଟି ପୂରଣ କରିବା ପାଇଁ ସକ୍ଷମ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆ ବାପା ଗୁରୁଙ୍କୁ ପ୍ରଣାମ କରନ୍ତି।

**କର୍କଟ** – ଅଟକିଥିବା ବା ଉଧାର ଦେଇଥିବା ଟଙ୍କା ମିଳିଯିବ। ସାଧୁ, ସତ୍ୟବାଦୀ, ଧର୍ମାତ୍ମା, ଗୁରୁବ୍ରାହ୍ମଣଙ୍କ ସହ ସମ୍ପର୍କ ସ୍ଥାପନ ହେବା ଫଳରେ ପ୍ରଶଂସିତ ହେବେ। ରାଜନୀତିରେ କୃତକାର୍ଯ୍ୟ ହେବା ସହ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବା ରୋଜଗାର ସମସ୍ୟା ସୁଧୁରିଯିବ। ଧନଲାଭ ହେବାରୁ ମନ ଖୁସି ରହିବ ଭାତୃ ବିବାଦ, ଜମିବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହୋଇପାରେ। ସନ୍ତାନ ମାନଙ୍କର ଉନ୍ନତିରେ ଖୁସି ହେବେ। ଅଳ୍ପ ପରିଶ୍ରମରେ ବହୁତ ଧନ ଲାଭ ହେବ। ଆର୍ଥିକ କ୍ଷେତ୍ରରେ ଉନ୍ନତି, ଶତ୍ରୁ ବୃଦ୍ଧି ହେଲେ ମଧ୍ୟ ଯେକୌଣସି କାର୍ଯ୍ୟରେ ହାତ ଦେଲେ ସଫଳ ହେବେ। ମନରେ ଥିବା କାମନା ପୂର୍ଣ୍ଣହେବ। ଶରୀର ଭଲ ରହିବ। ନୂତନ ବନ୍ଧୁ ମିତ୍ରଙ୍କ ସହ ମିଳନ ହେବା ସହ ପ୍ରେମ ପ୍ରସଙ୍ଗରେ ସଫଳତା ମିଳିବ। ରୋଜଗାରରେ ଉନ୍ନତି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ସିଂହ** – ନିଜ ଚେଷ୍ଟାରେ ବାକିଥିବା ଅର୍ଥ ପାଇବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ଯେକୌଣସି କାର୍ଯ୍ୟରେ ହାତ ଦେଲେ ସଫଳ ହେବେ। ସରକାରୀ କର୍ମଚାରୀମାନଙ୍କର ଆୟବୃଦ୍ଧି, ଋଣମୁକ୍ତି ଓ କର୍ମକ୍ଷେତ୍ରରେ ପୂର୍ବଶତ୍ରୁମାନେ ପଛଘୁଞ୍ଚା ଦେବେ। ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବାଣିଜ୍ୟ କ୍ଷେତ୍ରରେ ଉତ୍ତମାନର ଫଳପାଇବା ସହ ଶତ୍ରୁମାନେ ସାମ୍ନାକୁ ଆସିବାକୁ ସାହସ କରିବେ ନାହିଁ। ସନ୍ତାନଙ୍କ ମାନସିକ ଶାନ୍ତି ଅନୁଭବ କରିବେ। ସାହିତ୍ୟ କଳା କ୍ଷେତ୍ରରେ ମଧ୍ୟ ଆକର୍ଷିତ ହେବେ। ଗୁରୁ ଗୁରୁଜନ ଆପଣଙ୍କ ବୁଦ୍ଧିକୁ ପ୍ରଶଂସା କରିବେ। ଭାଇ ବନ୍ଧୁ ମାନଙ୍କ ଠାରୁ ଲାଭ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଅଶ୍ୱସ୍ଥ ବୃକ୍ଷ ମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ।

**କନ୍ୟା** – ସମ୍ପର୍କୀୟ ବନ୍ଧୁ ସାହାଯ୍ୟ ସହଯୋଗ କରିବେ। କର୍ମକ୍ଷେତ୍ରରେ ଅଧିକାରୀଙ୍କ ଠାରୁ ସହଯୋଗ ମିଳବା ଫଳରେ ଆୟ ବୃଦ୍ଧି ହେବା ସହ ଅଫିସ୍‌ରେ କରିଥିବା କାମର ଶୁଭ-ସୂଚନା ଶୁଣିବାକୁ ପାଇବେ। ଋଣଭାର ଲଘବ ହେବ। ନିଜର ଇଚ୍ଛା ବିରୋଧରେ କୌଣସି କର୍ମକରି ଅନୁତାପ କରି ପାରନ୍ତି। ନିଜ ଲୋକ ମନୋମୋଟିଆ ହେବେ। ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଶାରିରୀକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ସ୍ୱଜନ ଓ ମିତ୍ରଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳିବ। ସମ୍ପତ୍ତି କ୍ରୟ ବିକ୍ରୟ ଓ ଯାନ ବାହନ କ୍ରୟ ବିକ୍ରୟ କରି ପାରନ୍ତି। ଯାତ୍ରାରେ ସମୟ କଟିବ ଓ ସଶ୍ରମ ଦ୍ୱାରା ଲାଭ ପାଇବେ। ମନୋରଞ୍ଜନ କରିବା ପାଇଁ ସମୟ ମିଳିବ। ଗୃହ ବଦଳେଇବେ ନତୁବା ଗୃହରେ କିଛି ପରିବର୍ତ୍ତନ କରି ପାରନ୍ତି। ସମୟ ଅନୁକୂଳ ଥିବାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହୋଇଯିବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀ ମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ତୁଳା** – ଉଚ୍ଚାଧିକାରୀ ବ୍ୟକ୍ତି କୌଣସି କାର୍ଯ୍ୟରେ ଆପଣଙ୍କୁ ସହାୟତା କରିବେ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ମାନପ୍ରତିଷ୍ଠା ବୃଦ୍ଧି ହେବ। ଦାମ୍ପତ୍ୟ ସୁଖବୃଦ୍ଧି ହେବ। ଆର୍ଥିକ ସମସ୍ୟାରେ ସଫଳତା ମିଳିବ କିନ୍ତୁ ସନ୍ତୁଷ୍ଟ ହେବେ ନାହିଁ। କ୍ରୋଧିତ ହେବେ ନାହିଁ। ନଚେତ୍ ତିଆରି କରିଥିବା କାର୍ଯ୍ୟ ବିଫଳ ହେବ। ସନ୍ତାନ ସନ୍ତତି ମାନଙ୍କ ପାଇଁ ଫଳ ଉତ୍ତମ । ବ୍ୟବସାୟକ୍ଷେତ୍ରରେ ତୈଳବୀଜ ଓ ରବି ଫସଲ ବ୍ୟବସାୟରେ ବେଶ୍ ଲାଭବାନ୍ ହେବେ। ଲୁହା, କାଠ କୋଇଲା, କଳକବ୍ଜା ବ୍ୟବସାୟରୁ କଣ୍ଟ୍ରାକ୍ଟରୀରୁ ଯଥେଷ୍ଟ ଲାଭ ଉଠାଇବେ। ନାନା ବାଟରେ ଧନାଗମ ଘଟିବ। ଆର୍ଥିକ ସ୍ଥିତି ସୁଧାରିବାକୁ ଚେଷ୍ଟା କରିବେ। ଏକ ସମୟରେ ଅନେକ ଗୁଡିଏ କାର୍ଯ୍ୟବ୍ୟସ୍ତତା ଭିତରେ ରହିଲେ ମଧ୍ୟ ନିଜର ମାନସିକଭାରସାମ୍ୟ ବଜାୟ ରହିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଶୟନ କକ୍ଷରେ ଘିଅ ଦୀପ ଜାଳନ୍ତୁ।

**ବିଛା** – ଉଚ୍ଚାଧିକାରୀ ଓ ସହକର୍ମୀଙ୍କ ସହ ବାଦବିବାଦ ମେଣ୍ଟିଯିବ। କର୍ମକ୍ଷେତ୍ରରେ ମିଛଆଶା ଉପରେ ନିର୍ଭର ନକରି ନିଜକୁ ନିୟନ୍ତ୍ରଣ କରିପାରିଲେ ସ୍ଥିତି ସନ୍ତୋଷ ଜନକ ରହିବ। ରାଜକୀୟ ମାମଲାରେ ସଫଳତା ମିଳିବ। ଭାଇ ଭଉଣୀମାନଙ୍କ ସହ ମନୋମାଳିନ୍ୟ ଦୂର ହୋଇ ପାରିବାରିକ କ୍ଷେତ୍ରରେ ଶାନ୍ତି ଦେଖାଦେବ। ସନ୍ତା ମାନଙ୍କ ଭବିଷ୍ୟତ ନେଇ ଖୁସି ରହିବେ। ବନ୍ଧୁ ମିତ୍ର ନିକଟ ସମ୍ପର୍କୀୟ ବ୍ୟକ୍ତି ଆର୍ଥିକ ସାହାଯ୍ୟ କରିବେ। ଯାହା ଚିନ୍ତା କରିଛନ୍ତି ତାହା ପୂରଣ କରିବାକୁ ଚେଷ୍ଟା କରିବେ। ମାନସିକ ଚିନ୍ତା ଦୂର ହେବ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ସାଧାରଣ ଲୋକମାନେ ଆପଣଙ୍କ ବାଣୀ ଓ ଯୋଗ୍ୟତାରେ ପ୍ରଭାବିତ ହେବେ। ବ୍ୟବସାୟରେ ବାଧା ଉପୁଜିଲେ ମଧ୍ୟ ଲାଭବାନ୍ ହେବେ। ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୁର ଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ଧନୁ** – ପାରିବାରିକ ସମସ୍ୟାକୁ ସମାଧାନ କରି ଅଧିକ ଭାଗ୍ୟବାଦି ହୋଇ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ରାଜନୀତି କାର୍ଯ୍ୟରେ ପରିଶ୍ରମ ଦ୍ୱାରା ବାଧାବିଘ୍ନ କମ୍ ହେବ ଓ ସଫଳତା ମିଳିବ। ଆନୁଷ୍ଠାନିକ କାମ ହାସଲ କରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ। ବନ୍ଧୁ ମିତ୍ରଙ୍କ ଦ୍ୱାରା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେବ। କାର୍ଯ୍ୟ ସ୍ଥିତିରେ ସୁଧାର ହେଲେ ନୂଆ ଯୋଜନା ଅନୁସାରେ କାର୍ଯ୍ୟ ଆରମ୍ଭ ହେବ। ଗୃହ ସମସ୍ୟାରୁ ମୁକ୍ତି ମିଳିବ ଓ ବିରୋଧୀମାନେ ଦୁର୍ବଳ ହୋଇଯିବେ। ଧନ ସମ୍ପତ୍ତି ଓ ଗୃହକାର୍ଯ୍ୟରେ ସମୟ ବିତିବ। ପ୍ରିୟଲୋକଙ୍କ ସହିତ ସାକ୍ଷାତ୍ ହେବ ଏବଂ ପଦୋନ୍ନତିର ସୁଯୋଗ ମିଳିବ। ଶିକ୍ଷା କ୍ଷେତ୍ରରେ ମନ ଲଗେଇବେ। ସାମାଜିକ ପ୍ରତିଷ୍ଠା, ମାନ-ସମ୍ମାନ ବୃଦ୍ଧି ପାଇବ। ଋଣରୁ ମୁକ୍ତି ମିଳିବ। ଆୟ ପନ୍ଥା ପାଇଁ ନୂତନ ଧାରା ଅବଲମ୍ବନ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ କଦଳୀଗଛ ମୂଳରେ ହଳଦୀପାଣି ଦିଅନ୍ତୁ।

**ମକର** – ଶତ୍ରୁବାଧା ଦୂରେଇ ଯିବ। ଆର୍ଥିକ ସମସ୍ୟା ନିଶ୍ଚିତ ରୂପେ ସମାଧାନ ହୋଇଯିବ। ଧନ, ଧାନ୍ୟ, ଐଶ୍ୱର୍ଯ୍ୟ, ମାନସମ୍ମାନ ତଥା ପରାକ୍ରମର ବୃଦ୍ଧି ହେବ। ବ୍ୟବସାୟୀ ହୋଇଥିଲେ ବ୍ୟବସାୟ କ୍ଷେତ୍ରକୁ ସୁସଜ୍ଜିତ କରି ପ୍ରଚୁର ଲାଭବାନ ହେବେ। ନୂଆ ନୂଆ ବ୍ୟବସାୟିକ ସଂପର୍କସ୍ଥାପନ ଭାଗିଦାର ବ୍ୟବସାୟ ପାଇଁ ସାହାଯ୍ୟ ସହଯୋଗ ଅଚାନକ ମିଳିବ। ଅଟକି ଯାଇଥିବା ଧନ, ଉଧାର ଦେଇଥିବା ଟଙ୍କା, ଋଣ କରିଥିବା ଅର୍ଥ ସହଜରେ ହସ୍ତଗତ ହେବ। ଭୂମିକ୍ରମ, ବାହନକ୍ର, ଗୃହନିର୍ମାଣ କରିବାରେ ଖର୍ଚ୍ଚ କରିବାକୁ ପଡ଼ିବ। ବିଦ୍ୟାର୍ଥୀବର୍ଗ ଅତ୍ୟନ୍ତ ସଫଳତା ସହ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ମନ ଭଲ ରହିବ। ରାଜନୀତି କ୍ଷେତ୍ରରେ ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ। **ପ୍ରତିକାର**– ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – ବ୍ୟବସାୟ କ୍ଷେତ୍ରରେ ଭାଗ୍ୟ ଅନୁକୂଳ ହେତୁ ଆଶାତିତ ଲାଭ ମିଳିବ। ସେୟାର, ଲଟେରୀ ଆଦିରେ ଲାଭ ଅଧିକ ମିଳିବ। ନୂତନ ଉଦ୍ୟୋଗରେ ପଇସା ଖଟେଇବେ। ପାରିବାରିକ କ୍ଷେତ୍ରରେ ଶୁଭ ସମାଚାର ଶୁଣି ଖୁସି ହେବେ। ସରକାରୀ କର୍ମଚାରୀ ମାନେ କର୍ମକ୍ଷେତ୍ରରେ ବହୁ ସୁବିଧା ସୁଯୋଗ ପାଇବେ। ଏହାକୁ ସତ୍ ଉପଯୋଗ କରିବାକୁ ଆପ୍ରାଣ ଚେଷ୍ଟା କରିବା ଉଚିତ୍। ଶିକ୍ଷା କ୍ଷେତ୍ରରେ ମନଯୋଗ ଦେଇ ପ୍ରଶଂସିତ ହେବେ। ଆର୍ଥିକ ଦୃଷ୍ଟିକୋଣରୁ ଉନ୍ନତି ହେବ। ସନ୍ତାନମାନଙ୍କର ଶିକ୍ଷା, ଉଚ୍ଚଶିକ୍ଷାର ମନସ୍କାମନା ପୂର୍ଣ୍ଣ ହେବ। ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ। ରାଜନୀତି କ୍ଷେତ୍ରରେ ବିଡିଯାଇଥିବା ମାମଲାରେ ମଧ୍ୟ ସଫଳତା ମିଳିବ। ଦୂରେଇ ଯାଇଥିବା ବନ୍ଧୁ ମିତ୍ରମାନଙ୍କ ସହ ସୁସମ୍ପର୍କ ସ୍ଥାପନ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀ ମୂଳ ମାଟି ମୁଣ୍ଡରେ ଲଗାନ୍ତୁ।

**ମୀନ** – ବ୍ୟବସାୟ ପ୍ରସାର ପ୍ରଚାର ଫଳରେ ଲୋକସମ୍ପର୍କ ଅତ୍ୟଧିକ ବଢ଼ିବା ସହ ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ପାଇ ବ୍ୟବସାୟରେ ଯଥେଷ୍ଟ ଲାଭ ମିଳିବ। କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧିହେବ ଓ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବା ସହ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ ସଫଳ ହୋଇ ବିଦ୍ୟା କ୍ଷେତ୍ରରେ ପ୍ରଶଂସା ପାଇବେ। ଲକ୍ଷ୍ୟ ପୂରଣ ହେବାରେ କୌଣସି ଅସୁବିଧା ହେବନାହିଁ। କଳା ସାହିତ୍ୟ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ କୃତକାର୍ଯ୍ୟ ହେବେ। ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ କରିଥିବା ଯୋଜନା ସଫଳ ହୋଇ ପାରିବ। ବିରୋଧୀମାନେ ଦୂରେଇଯିବେ ଓ ନୂତନ କାର୍ଯ୍ୟ ନିର୍ଦ୍ଦ୍ୱନ୍ଦରେ ଆଗେଇନେବେ। କୌଣସି ନୂତନ ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ସୁଖ ସମୃଦ୍ଧି ବୃଦ୍ଧି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ମଇ ୨୦୨୬
## MAY 2026

ସିଦ୍ଧାର୍ଥ ସମ୍ବତ୍ସର ମେଷ (ବୈଶାଖ) ଦି୧୮ନ ଠାରୁ ଦି୨୫ନ ପର୍ଯ୍ୟନ୍ତ
ମେଷ ଦି୨୬ନ ଠାରୁ ରୌଦ୍ର ସମ୍ବତ୍ସର ପ୍ରବେଶ ଠାରୁ ବୃଷ ଦି୧୭ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୨୩ | ଘ୬।୦୭ |
| ତା୧୦–ଘ୫।୧୮ | ଘ୬।୧୦ |
| ତା୨୦–ଘ୫।୧୩ | ଘ୬।୧୩ |
| ତା୩୧ –ଘ୫।୧୧ | ଘ୬।୧୮ |

| | | | | | |
|---|---|---|---|---|---|
| ରବି SUN | ପୂର୍ଣ୍ଣିମା ୩୧ ୧୭ ଅନୁରାଧା ବିଛା | ୩ ୨୦ ଦ୍ୱିତୀୟା ବିଶାଖା ବିଛା | ୧୦ ୨୭ ଅଷ୍ଟମୀ ଧନିଷ୍ଠା ମକର | ୧୭ ୩ ପ୍ରତିପଦ କୃତ୍ତିକା ବୃଷ | ୨୪ ୧୦ ନବମୀ ପୂର୍ବାଫା ସିଂହ |
| ସୋମ MON | **ଅକ୍ଷୋଉରୀ ମତେ ଆୟ ବ୍ୟୟ** – ମେଷ – ୨-୩, ବୃଷ ୧୧-୫, ମିଥୁନ – ୧୪-୪, କର୍କଟ – ୮-୪, ସିଂହ – ୧୧-୨, କନ୍ୟା – ୧୪-୪, ତୁଳା – ୧୧-୫, ବିଛା – ୨-୩, ଧନୁ – ୫-୫, ମକର ୮-୩, କୁମ୍ଭ – ୮-୩, ମୀନ – ୫-୫ । | ୪ ୨୧ ତୃତୀୟା ଅନୁରାଧା ବିଛା | ୧୧ ୨୮ ନବମୀ ଶତଭିଷା କୁମ୍ଭ | ୧୮ ୪ ଦ୍ୱିତୀୟା ରୋହିଣୀ ବୃଷ | ୨୫ ୧୧ ଦଶମୀ ଉତ୍ତରଫା ସିଂହ |
| ମଙ୍ଗଳ TUE | | ୫ ୨୨ ତୃତୀୟା ମଳ ଜ୍ୟେଷ୍ଠା ବିଛା | ୧୨ ୨୯ ଦଶମୀ ପୂର୍ବଭାଦ୍ର କୁମ୍ଭ | ୧୯ ୫ ତୃତୀୟା ମୃଗଶିରା ମିଥୁନ | ୨୬ ୧୨ ଏକାଦଶୀ ହସ୍ତା କନ୍ୟା |
| ବୁଧ WED | | ୬ ୨୩ ଚତୁର୍ଥୀ ମୂଳା ଧନୁ | ଏକାଦଶୀ ୧୩ ୩୦ ଉତ୍ତରଭାଦ୍ର ମୀନ | ୨୦ ୬ ଚତୁର୍ଥୀ ଆର୍ଦ୍ରା ପୁନର୍ବସୁ ମିଥୁନ | ଏକାଦଶୀ ୨୭ ୧୩ ଏକାଦଶୀ ମଳ ହସ୍ତା କନ୍ୟା |
| ଗୁରୁ THU | | ୭ ୨୪ ପଞ୍ଚମୀ ପୂର୍ବଷାଢ଼ା ଧନୁ | ୧୪ ୩୧ ଦ୍ୱାଦଶୀ ରେବତୀ ମୀନ | ୨୧ ୭ ପଞ୍ଚମୀ ପୁଷ୍ୟା କର୍କଟ | ୨୮ ୧୪ ଦ୍ୱାଦଶୀ ଚିତ୍ରା ତୁଳା |
| ଶୁକ୍ର FRI | ପୂର୍ଣ୍ଣିମା ୧ ମେଷ ଦି୧୮ନ ସ୍ୱାତୀ ତୁଳା | ୮ ୨୫ ଷଷ୍ଠୀ ଉତ୍ତରଷାଢ଼ା ମକର | ୧୫ ବୃଷ ଦି୧ନ ତ୍ରୟୋଦଶୀ ଚତୁର୍ଦ୍ଦଶୀ କ୍ଷଃ ଅଶ୍ୱିନୀ ମେଷ | ୨୨ ୮ ଷଷ୍ଠୀ ସପ୍ତମୀ କ୍ଷଃ ଅଶ୍ଲେଷା କର୍କଟ | ୨୯ ୧୫ ତ୍ରୟୋଦଶୀ ସ୍ୱାତୀ ତୁଳା |
| ଶନି SAT | ୨ ୧୯ ପ୍ରତିପଦ ବିଶାଖା ତୁଳା | ୯ ୨୬ ସପ୍ତମୀ ଶ୍ରବଣା ମକର | ଅମାବାସ୍ୟା ୧୬ ୨ ଦ୍ୱିଜା ମେଷ | ୨୩ ୯ ଅଷ୍ଟମୀ ମଘା ସିଂହ | ୩୦ ୧୬ ଚତୁର୍ଦ୍ଦଶୀ ବିଶାଖା ତୁଳା |

## ପର୍ବଦିନ

- ତା୧ **ଶ୍ରମିକ ଦିବସ, ଚନ୍ଦନ ପୂର୍ଣ୍ଣିମା,** ଚନ୍ଦ୍ରପୂଜା, **ବୁଦ୍ଧ ଜୟନ୍ତୀ** ଓ **ବୈଶାଖ ବ୍ରତ ସମାପନ**
- ତା୭ ଶରଣ ଆରମ୍ଭ
- ତା୯ ଶ୍ରୀକ୍ଷେତ୍ରେ ଭଉଁରୀ
- ତା୧୦ ଉତ୍କଳେ ଭଉଁରୀ ଓ ଶ୍ରୀକ୍ଷେତ୍ରେ ହଳଦୀ ପାଣି
- ତା୧୨ ଶରଣ ଶେଷ
- ତା୧୩ ଜଳକ୍ରୀଡା ଏକାଦଶୀ ଉପବାସ ଓ ହଳନିଷେଧ
- ତା୧୪ ମାସାନ୍ତ
- **ତା୧୫ ବୃଷ ସଂକ୍ରାନ୍ତି,** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ଓ ହଳ ନିଷେଧ
- **ତା୧୬** ଅମାବାସ୍ୟା, **ସାବିତ୍ରୀ ବ୍ରତ,** ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ:ନି
- ତା୧୭ ଚନ୍ଦ୍ର ଦର୍ଶନ ଓ ମଳମାସ ଆରମ୍ଭ
- **ତା୨୭** ପୁରୁଷୋତ୍ତମୀ ଏକାଦଶୀ ଉପବାସ, **ଭଦୁଲୁହା** ଓ ହଳ ନିଷେଧ
- ତା୨୯ ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
- ତା୩୦ ପୂର୍ଣ୍ଣିମାର ଚନ୍ଦ୍ରପୂଜା
- ତା୩୧ ମଳ ପୂର୍ଣ୍ଣିମା

ବିବାହ–ତା୩।୬।୭।୮।୯।୧୦ ରିଖ
ବ୍ରତ - ତା୩ ରିଖ
ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ ।

Calendarkohinoor.com

# ସନ ୨୦୨୬ ମସିହା ମଇ ମାସର ବାର ରାଶିଫଳ

**ମେଷ** — ବାଣୀର ପ୍ରଭାବ ଓ ପରାକ୍ରମ ବଢ଼ିବା ଫଳରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ରାଜନୀତିରେ ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ। ଯୁବକ-ଯୁବତୀ ମାନେ ନୂତନ କର୍ମନିଯୁକ୍ତି ପାଇଁ ପ୍ରତିଯୋଗିତା ପରୀକ୍ଷାରେ ଓ ସାକ୍ଷାତ୍ କାରରେ ଉତ୍ତିର୍ଣ୍ଣ ହେବେ। କର୍ମକ୍ଷେତ୍ରରେ ସହଯୋଗୀମାନେ ସହଯୋଗ କରିବା ଫଳରେ ପଦୋନ୍ନତିର ସୁଯୋଗ ପାଇପାରିବେ। ବ୍ୟବସାୟରେ ଉନ୍ନତି ହେବାସହ ଭଲଲାଭ ପାଇବେ। ସମାଜ କଲ୍ୟାଣ, ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସିତ ହେବେ। ନିଜର ଇଚ୍ଛା ପୂରଣ ପାଇଁ କୌଣସି କର୍ମକରି ପ୍ରଶଂସା ପାଇବେ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ। ପଇସା ଅଭାବରୁ ମାନସିକ ଅଶାନ୍ତି ବୃଦ୍ଧି ପାଇପାରେ। ଉଦରପୀଡା ଓ ଚକ୍ଷୁପୀଡାରେ ପ୍ରଭାବିତ ରହିବେ। **ପ୍ରତିକାର** — ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବୃଷ** — ବ୍ୟବସାୟ କ୍ଷେତ୍ରରେ ଦ୍ୱିଗୁଣା ଲାଭ ପାଇବା ସହ କିଛି ନୂତନ ଦ୍ରବ୍ୟକ୍ରୟ କରିବେ। ପରିବହନ ବ୍ୟବସାୟ, ଗବେଷଣା, ଯୋଗାଯୋଗ ସକାଶେ ସମୟ ବହୁତ ଭଲ ରହିବ। ସାଂଗଠନିକ କାର୍ଯ୍ୟରେ ଅଂଶ ଗ୍ରହଣ କରି ପାରନ୍ତି ଓ ଆନୁଷ୍ଠାନିକ କାମରୁ ସମ୍ମାନଲାଭ ହେବ। କମ୍ପାନୀ, ବ୍ୟାଙ୍କ, କମ୍ପ୍ୟୁଟର ଇତ୍ୟାଦି ବିଭାଗରେ ନୂତନ କର୍ମପ୍ରାପ୍ତି ହୋଇପାରେ। ଉଚ୍ଚଶିକ୍ଷାର ମଧ୍ୟ ସୁବିଧା ସୁଯୋଗ ପାଇବେ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଲୋକ ସମର୍ଥନ ପାଇବେ। ବାଦବିବାଦ, ମାଲିମକଦ୍ଦମାରେ ବିଜୟୀ ହେବେ। ଶତ୍ରୁପକ୍ଷ ଦୁର୍ବଳ ହୋଇ ଗୋଡ ଟାଣିବାର ପ୍ରଚେଷ୍ଟା ଆରମ୍ଭ କରି ପାରନ୍ତି ସେଥିପାଇଁ ସତର୍କରେ ନ ଚାଲିଲେ କ୍ଷତିରେ ପଡିବେ। ବିଭିନ୍ନ ପ୍ରକାର କଥା ଚିନ୍ତାକରି କୌଣସି କାମ ପ୍ରତି ମନ ଲାଗିବ ନାହିଁ। ସନ୍ତାନ ଯୋଗେ ଚିନ୍ତିତ ରହିବେ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମିଥୁନ** — ସମସ୍ତ ଦୁଃଶ୍ଚିନ୍ତା ଦୂର ହେବ। ବିଦ୍ୟାକ୍ଷେତ୍ରରେ ସ୍ୱନାମ ଅର୍ଜନ କରିବା ସହ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ। ଆଶା କରୁଥିବା ଖବର ପାଇ ଖୁସୀ ହୋଇଯିବେ। ତୀର୍ଥ ଯାତ୍ରା ଓ ଦେବ ଦର୍ଶନ କରିବେ। ସ୍ଥଗିତ କର୍ମଗୁଡିକର ସମ୍ପାଦନ କରିବେ। ପାରିବାରିକ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ରାଜନୀତି କ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ଦୂର ହୋଇ ଯଶମାନ ବୃଦ୍ଧିହେବ। ଯୁକ୍ତିଯୁକ୍ତ କଥାକହି ଅନ୍ୟମାନଙ୍କୁ ଆପଣେଇ ପାରିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ପ୍ରେମ କ୍ଷେତ୍ରରେ ମିତ୍ରମାନଙ୍କ ଦ୍ୱାରା ଲାଭ ପାଇବେ। ବ୍ୟବସାୟରେ ଉନ୍ନତି ସହିତ ଶ୍ରମିକଙ୍କ ତିକ୍ତତାର ସମସ୍ୟା ଦୂରହେବ। କଳା, ସଙ୍ଗୀତ, ସାହିତ୍ୟ ପ୍ରତି ରୁଚି ବୃଦ୍ଧି ହେବ। ପ୍ରଗତି, ଲାଭ, ଭୌତିକ ସଂବୃଦ୍ଧି ବୃଦ୍ଧି ହେବ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। **ପ୍ରତିକାର** — ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କର୍କଟ** — ଶୁଭ ସମାଚାର ଶୁଣି ଆନନ୍ଦିତ ହେବେ। ପାରିବାରିକ କ୍ଷେତ୍ରରେ ଗୁରୁଜନଙ୍କ ସହାନୁଭୂତି ଉପଲବ୍ଧ ହେବା ଫଳରେ ଆତ୍ମସନ୍ତୋଷ ଲାଭହେବ। ରାଜନୈତିକ କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧିହେବ। ପ୍ରତିଦ୍ୱନ୍ଦିତାରେ ସଫଳ ହୋଇ ସାମାଜିକ ଭାବମୂର୍ତ୍ତି-ସୁରକ୍ଷା ହେବ। ଏମିତି କାର୍ଯ୍ୟ କରିବେ ଯାହାକି ଭବିଷ୍ୟତ ଆକାଂକ୍ଷାକୁ ପୂର୍ଣ୍ଣ କରିବା ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ପ୍ରତିଯୋଗିତା ପରୀକ୍ଷା ଓ ମାଲିମୋକଦ୍ଦମାରେ ସଫଳତା ମିଳିବ। ଅବହେଳିତ ଲୋକଙ୍କ ସହ ମିଳାମିଶା କରି ନୂତନ ଦିଗ୍‌ଦର୍ଶନ ପାଇବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ସମାନ ବିଚାରଧାରା ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ଶତ୍ରୁ ଓ ବିରୋଧୀ ମାନେ କୌଣସି କ୍ଷତି କରିପାରିବେ ନାହିଁ। **ପ୍ରତିକାର** — ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ସିଂହ** — ପରିବାରରେ ସୁସ୍ଥ ବାତାବରଣ ଜାରି ରହିବା ଫଳରେ ଆର୍ଥିକ ଦିଗରୁ ସୁବିଧା ହୋଇଯିବ। ଶିକ୍ଷାକ୍ଷେତ୍ରରେ ଚଳଚଞ୍ଚଳ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିବେ। ନିଷ୍ଠାର ସହ ପରିଶ୍ରମ ଫଳରେ ଶତ୍ରୁମାନେ ବିପଦରେ ପକେଇବାକୁ ଚେଷ୍ଟାକରି ବିଫଳ ହେବେ। ବ୍ୟବସାୟିକ ଗତିବିଧି ଉତ୍ତମ ଭାବରେ ଚାଲିବା ଯୋଗେ ଲାଭବାନ୍ ହେବେ। ବାଦବିବାଦ ପରୀକ୍ଷା ପ୍ରତିଯୋଗିତାରେ ଦୁଇଗୁଣ ଉତ୍ସାହ ସହ ଆଗେଇ ଯିବେ। ସାମାଜିକ ଜୀବନରେ ନୂତନ ଗୁରୁଦାୟିତ୍ୱ ଗ୍ରହଣ କରିବେ। ଆୟ ବୃଦ୍ଧି ପାଇବା ଦ୍ୱାରା ଅଟକିଥିବା କାର୍ଯ୍ୟ ପୁନରାୟ ଚାଲୁ କରିବେ। ନୂତନ ବନ୍ଧୁଙ୍କ ସାହାଯ୍ୟରେ ନୂତନ ଯୋଜନା ପ୍ରସ୍ତୁତ କରି ଲାଭବାନ ହେବେ। ଧାର୍ମିକ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଉପରିସ୍ଥ ଅଧିକାରୀଙ୍କ ଠାରୁ ଅପମାନିତ ହୋଇପାରନ୍ତି। **ପ୍ରତିକାର** — ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

**କନ୍ୟା** — ଭୌତିକ ଓ ଆଧାତ୍ମିକ ମାମଲାରେ ବ୍ୟସ୍ତ ରହିବେ। ଦାମ୍ପତ୍ୟ ସୁଖ ବୃଦ୍ଧି ହେବ। ଧାର୍ମିକ କାର୍ଯ୍ୟରେ ମନ ବଳାଇ ନୂତନ ବନ୍ଧୁଙ୍କୁ ପାଇ ଖୁସୀହେବେ। ଅଟକିଥିବା କାର୍ଯ୍ୟ ସଫଳତା ପୂର୍ବକ ସମ୍ପନ୍ନ ହେବ। ସ୍ୱାସ୍ଥ୍ୟ ଅନେକାଂଶରେ ଭଲ ରହିବ। ବ୍ୟୟ ଅପେକ୍ଷା ଆୟ ବୃଦ୍ଧିପାଇବ। ବିଭିନ୍ନ ଦିଗରୁ ସାହାର୍ଯ୍ୟ ସହଯୋଗ ମିଳିବ। ଧନସମ୍ପଦ, ବସ୍ତ୍ରଆଭୁଷଣ ଆଦି ଲାଭହେବ। ବ୍ୟବସାୟ ବଢ଼ାଇବାରେ ସମର୍ଥ ହେବେ। କର୍ମଚାରୀ ଓ ଶ୍ରମିକମାନେ ବେଶି ଉପକୃତ ହେବେ। ମହଲରୁ ଆଶାତୀତ ଲାଭ ପାଇବେ। ପରୀକ୍ଷା ପ୍ରତିଯୋଗିତା ଓ ସାକ୍ଷାତ୍କାରରେ ସଫଳ ହେବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟ କରି ହସଖୁସିରେ ଚଳିବେ। ଦକ୍ଷତାକୁ କେନ୍ଦ୍ରକରି ଉଚ୍ଚ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟ କ୍ରମେ ଖେଳକୁଦରେ ବିଜୟୀ ହେବେ। **ପ୍ରତିକାର** — ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ତୁଳା** — ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅବିବାହିତ ଯୁବକ ଓ ଯୁବତୀମାନଙ୍କର ବିବାହ ପ୍ରସ୍ତାବ ସ୍ଥିର ହେବ। ସାମ୍ବାଦିକ ମାନେ ଉଦ୍ଦେଶ୍ୟକୁ ସଫଳ କରିବାରେ ସକ୍ଷମ ହେବେ। ଧର୍ମ କାର୍ଯ୍ୟରେ ଯୋଗ ଦେଇ ଦେବ ଦର୍ଶନ କରିବେ। ପ୍ରେମିକ ପ୍ରେମିକା ମାନଙ୍କର ଆମୋଦ ପ୍ରମୋଦ, ମନୋରଞ୍ଜନରେ ଆଗ୍ରହ ବଢ଼ିବ। ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଉତ୍ତମ ରୋଜଗାର ମିଳିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। ମିତ୍ରମାନଙ୍କ ଦ୍ୱାରା ଅନେକ କାର୍ଯ୍ୟରେ ସଫଳତା ମିଳିବ। ସ୍ଥଗିତ ଥିବା ଧନ ମିଳିବାରୁ ଖୁସି ହେବେ। ମନୋକାମନା ପୂରଣ ହେବ ଓ ଆତ୍ମ ବିଶ୍ୱାସ ବୃଦ୍ଧି ହୋଇ ଲାଭର ମାର୍ଗ ପ୍ରଶସ୍ଥ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। **ପ୍ରତିକାର** — ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବିଛା** — ପାରିବାରିକ ଜୀବନ ଆନନ୍ଦରେ କଟିବ। ନୂତନ ଆୟପନ୍ଥା ପ୍ରାପ୍ତି ହେବ। ବିଭିନ୍ନ ପ୍ରକାରର ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। ପ୍ରେମିକ ପ୍ରେମିକା ମାନେ ପ୍ରେମ କ୍ଷେତ୍ରରେ ଆନନ୍ଦିତ ହେବେ। କ୍ରୀଡ଼ାବିଦ୍ ମାନେ ପ୍ରଶଂସିତ ହେବେ। ନୂତନ ଗୃହସୁଖ ଓ ଯାନବାହନ ସୁଖ ମିଳିପାରେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ସାମ୍ବାଦିକ ମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ରାଜନୀତି ଓ ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧ ହେବେ। ପ୍ରବାସ ଯାତ୍ରାରେ ଲାଭବାନ ହେବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଗୁରୁଜନ ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। **ପ୍ରତିକାର** — ପ୍ରତ୍ୟେକ ଦିନ ସିନ୍ଦୂରଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ଧନୁ** — ସରକାରୀ କାମରେ ସଫଳତା ମିଳିବା ସହ ଆୟକୁ ବଢ଼ାଇବା ପାଇଁ ବହୁତ ପ୍ରୟାସ କରିବେ। ଉଚ୍ଚବିଦ୍ୟା ଅଧ୍ୟୟନ ପାଇଁ ବାହ୍ୟ ଦେଶକୁ ଯାତ୍ରା କରି ପାରିବେ। ଗୃହପାଳିତ ପଶୁ ଓ ଯାନବାହାନ ଇତ୍ୟାଦି କ୍ରୟ କରି ଲାଭବାନ୍ ହେବେ। ଶତ୍ରୁମାନେ ପରାଜିତ ହେବା ଫଳରେ ମାନସିକ ଅଶାନ୍ତି ଦୂରେଇ ଯିବ। ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ଲୋକପ୍ରିୟତା ହାସଲ କରି ନୂତନ ଯୋଜନାକୁ କ୍ରିୟାନ୍ୱିତ କରିବେ ଓ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବା ସହ ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡ଼ିପାରେ। ଯୁକ୍ତି ତର୍କରେ ଦକ୍ଷତା ସହ ବ୍ୟବହାରିକ ବିଜ୍ଞାନ ଓ ଦର୍ଶନର ଗଭୀରତା ଭିତରକୁ ଟାଣିହୋଇ ଯିବେ। ସବୁ ଭଲଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇ ପାରେ। **ପ୍ରତିକାର**— ପ୍ରତ୍ୟେକ ଦିନ ଅଶ୍ୱସ୍ଥ ବୃକ୍ଷମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ।

**ମକର** — ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ବ୍ୟବସାୟତାରେ ବ୍ୟବସାୟକୁ ବଢ଼େଇବା ସହଜ ହେବ। ଉଚିତ୍ ପନ୍ଥା ଗ୍ରହଣ କଲେ ବିଦ୍ୟାଧ୍ୟୟନ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବା ସହ ନୂଆ ଯୋଗ ଦେଇ ପାରନ୍ତି। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବ। ଶତ୍ରୁଙ୍କ ସହିତ ସଂଘର୍ଷ କରି ସମାଧାନର ରାସ୍ତା ପ୍ରସ୍ତୁତ କରିବେ। ନିଜର ପ୍ରଭାବ, ପରାକ୍ରମ ବୃଦ୍ଧି ପାଇବା ସହ ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ପାରିବାରିକ ଜୀବନରେ ଗୁରୁଜନ ସନ୍ତୁଷ୍ଟ ରହିବା ଫଳରେ ସାଧାରଣ ସମସ୍ୟା ସୁଧାରି ନେଇ ହସ ଖୁସିରେ ଚଳିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମପାଇଁ ଅପେକ୍ଷା କରିଥିବା ଯୁବକ ଯୁବତୀମାନେ ଯୋଗ୍ୟତା ଓ ଦକ୍ଷତାକୁ ନେଇ ଉପଯୁକ୍ତ ବିଭାଗରେ କର୍ମ ନିଯୁକ୍ତି ପାଇବେ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** — ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ଭଲ ରହିବ। ସରକାରୀ କାମରେ ସଫଳତା ପାଇବେ। ନିଜର ଓ ପରାକ୍ରମ ବୃଦ୍ଧି ପାଇବ। ଅଫିସର ବା ଅଧିକାରୀ କାମରେ ପ୍ରସନ୍ନ ରହିବେ। ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ବ୍ୟାପାର ଓ କାରବାରରେ ସୁଧାର ଆସିବା ସହ ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡିପାରେ। ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। ଗୁରୁଜନଙ୍କ ସେବା ଓ ସହମତିରେ ଆଗକୁ ବଢ଼ିପାରିବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ଆୟ ଉପାର୍ଜନ କ୍ଷେତ୍ରପ୍ରତି ସଙ୍କଟ ସୃଷ୍ଟିହେବ ନାହିଁ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍ କାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** — ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମୀନ** — ଶରୀର କିମ୍ବା ଆଇନ୍ ଅଦାଲତ୍ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂରହେବ। ପାରିବାରିକ କ୍ଷେତ୍ରରେ ଭୁଲବୁଝାମଣାର ସମାଧାନ ହୋଇ ଉନ୍ନତି ମୂଳକ ପଦକ୍ଷେପ ନେବେ ଓ ପରିବାର ହିତ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବେ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ। ବାଦବିବାଦ, କ୍ରିଡା, ପ୍ରତିଦ୍ୱନ୍ଦିତା, ପରୀକ୍ଷା ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହୋଇ ହସଖୁସିରେ ସମୟ ବିତାଇବେ। ରାଜନୈତିକ କ୍ଷେତ୍ରରେ ପୁରୁଣା ସମସ୍ୟା ସମାଧାନ କରି ବିଜୟୀ ହେବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟକରି ଚାଲିବା ହିତକର ହେବ। ଯଦି ବ୍ୟବସାୟ ବଢ଼େଇବା ପାଇଁ କୌଣସି ଋଣ କରିବାକୁ ଇଚ୍ଛା କରୁଛନ୍ତି ତେବେ ଏଥିରେ କିଛି ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେଇ କାର୍ଯ୍ୟ କରନ୍ତୁ। ଅପରିଚିତ ଲୋକମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। **ପ୍ରତିକାର** — ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତି।

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ୍ଗୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ — ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଜୁନ୍ ୨୦୨୬
## JUNE 2026

ରୌଦ୍ର ସମ୍ବତ୍ସର ବୃଷ (ଜ୍ୟେଷ୍ଠ) ଦି ୧୮ ନ ଠାରୁ ମିଥୁନ (ଆଷାଢ଼) ଦି ୧୬ ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୧୧ | ଘ୬।୧୮ |
| ତା୧୦–ଘ୫।୧୧ | ଘ୬।୨୧ |
| ତା୨୦–ଘ୫।୧୨ | ଘ୬।୨୪ |
| ତା୩୦–ଘ୫।୧୪ | ଘ୬।୨୫ |

| | | | | | |
|---|---|---|---|---|---|
| ରବି SUN | | ୭ ୨୪ ସପ୍ତମୀ ଧନିଷ୍ଠା କୁମ୍ଭ | ୧୪ ୩୧ ଚତୁର୍ଦ୍ଦଶୀ ରୋହିଣୀ ବୃଷ | ୨୧ ୭ ସପ୍ତମୀ ପୂର୍ବାଫା ସିଂହ | ୨୮ ୧୪ ଚତୁର୍ଦ୍ଦଶୀ ଜ୍ୟେଷ୍ଠା ବିଛା |
| ସୋମ MON | ୧ ବୃଷ ଦି ୧୮ ନ ପ୍ରତିପଦ ଜ୍ୟେଷ୍ଠା ବିଛା | ୮ ୨୫ ଅଷ୍ଟମୀ ଶତଭିଷା କୁମ୍ଭ | ଅମାବାସ୍ୟା ୧୫ ମିଥୁନ ଦି ୧ ନ ପ୍ରତିପଦ କ୍ଷୟ ମୃଗଶିରା ବୃଷ | ୨୨ ୮ ଅଷ୍ଟମୀ ଉତ୍ତରଫା କନ୍ୟା | ପୂର୍ଣ୍ଣିମା ୨୯ ୧୫ ମୂଳା ଧନୁ |
| ମଙ୍ଗଳ TUE | ୨ ୧୯ ଦ୍ୱିତୀୟା ମୂଳା ଧନୁ | ୯ ୨୬ ନବମୀ ପୂର୍ବାଭାଦ୍ର ମୀନ | ୧୬ ୨ ଦ୍ୱିତୀୟା ଆର୍ଦ୍ରା ମିଥୁନ | ୨୩ ୯ ନବମୀ ହସ୍ତା କନ୍ୟା | ୩୦ ୧୬ ପୂର୍ଣ୍ଣିମା ମଳ ପୂର୍ବାଷାଢ଼ା ଧନୁ |
| ବୁଧ WED | ୩ ୨୦ ତୃତୀୟା ପୂର୍ବାଷାଢ଼ା ଧନୁ | ୧୦ ୨୭ ଦଶମୀ ଉତ୍ତରଭାଦ୍ର ମୀନ | ୧୭ ୩ ତୃତୀୟା ପୁନର୍ବସୁ ମିଥୁନ | ୨୪ ୧୦ ଦଶମୀ ଚିତ୍ରା ତୁଳା | |
| ଗୁରୁ THU | ୪ ୨୧ ଚତୁର୍ଥୀ ଉତ୍ତରଷାଢ଼ା ଧନୁ | ଏକାଦଶୀ ୧୧ ୨୮ ରେବତୀ ମୀନ | ୧୮ ୪ ଚତୁର୍ଥୀ ପୁଷ୍ୟା କର୍କଟ | ଏକାଦଶୀ ୨୫ ୧୧ ସ୍ୱାତୀ ତୁଳା | |
| ଶୁକ୍ର FRI | ୫ ୨୨ ପଞ୍ଚମୀ ଶ୍ରବଣା ମକର | ୧୨ ୨୯ ଦ୍ୱାଦଶୀ ଅଶ୍ୱିନୀ ଦ୍ୱିଜା ମେଷ | ୧୯ ୫ ପଞ୍ଚମୀ ଅଶ୍ଳେଷା କର୍କଟ | ୨୬ ୧୨ ଦ୍ୱାଦଶୀ ବିଶାଖା ତୁଳା | |
| ଶନି SAT | ୬ ୨୩ ଷଷ୍ଠୀ ଶ୍ରବଣା ମକର | ୧୩ ୩୦ ତ୍ରୟୋଦଶୀ କୃତ୍ତିକା ମେଷ | ୨୦ ୬ ଷଷ୍ଠୀ ମଘା ସିଂହ | ୨୭ ୧୩ ତ୍ରୟୋଦଶୀ ଅନୁରାଧା ବିଛା | |

**ବିଂଶୋତ୍ତରୀ ମତେ ଆୟ ବ୍ୟୟ** — ମେଷ – ୧୪-୨, ବୃଷ–୮-୫, ମିଥୁନ – ୧୪-୪, କର୍କଟ – ୮-୩, ସିଂହ – ୧୧-୨, କନ୍ୟା – ୧୪-୪, ତୁଳା – ୮-୫, ବିଛା – ୧୪-୨, ଧନୁ – ୧୧-୪, ମକର ୫-୫, କୁମ୍ଭ – ୫-୫, ମୀନ – ୧୧-୪।

## ପର୍ବଦିନ

ତା୪ ଶରଣ ଆରମ୍ଭ
ତା୮ ଶରଣ ଶେଷ
ତା୧୧ ପୁରୁଷୋତ୍ତମୀ ଏକାଦଶୀ ଉପବାସ ଓ ହଳ ନିଷେଧ
ତା୧୪ **ପହିଲି ରଜ**, ମାସାନ୍ତ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
ତା୧୫ **ମିଥୁନ (ରଜ) ସଂକ୍ରାନ୍ତି**, ମଳ ଅମାବାସ୍ୟା ଓ ହ.ନି
ତା୧୬ ଶୁଦ୍ଧ ମାସ ଆରମ୍ଭ, ଚନ୍ଦ୍ର ଦର୍ଶନ, ଶେଷରଜ ଓ ଭୂଦାହ
ତା୧୭ ରମ୍ଭା ତୃତୀୟା ଓ **ବସୁମତୀ ସ୍ନାନ**
ତା୧୮ ଉମା ଚତୁର୍ଥୀ ଓ **ଶିବବିବାହୋତ୍ସବ**
ତା୧୯ **ଶୀତଳ ଷଷ୍ଠୀ** ଓ **ଆରଣ୍ୟକ ଷଷ୍ଠୀ**
ତା୨୦ **ଶ୍ରୀମନ୍ଦିରେ ଶୀତଳଷଷ୍ଠୀ** ଓ ଜଳକ୍ରୀଡ଼ା
ତା୨୧ **ବିଶ୍ୱ ଯୋଗ ଦିବସ**
ତା୨୪ ଗଙ୍ଗା ଦଶହରା
ତା୨୫ **ରୁକ୍ମିଣୀ ବିବାହ**, ନିର୍ଜଳା ଏକାଦଶୀ , ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନିଷେଧ
ତା୨୬ ଚମ୍ପକ ଦ୍ୱାଦଶୀ ଓ **ମହରମ୍**
ତା୨୮ ଶ୍ରୀମନ୍ଦିରେ ଚତୁର୍ଥୀ ହୋମ
ତ୨୯ **ଦେବସ୍ନାନ ପୂର୍ଣ୍ଣିମା** ଚନ୍ଦ୍ରପୂଜା ଓ ଶ୍ରୀଜୀଉଙ୍କ ଅନବସର ଆରମ୍ଭ

ବିବାହ-ତା୧୯।୨୨।୨୬।୨୭ରିଖ
ବ୍ରତ - ତା୧୬ରିଖ (ସାମ)
ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ଜୁନ୍ ମାସର ବାର ରାଶିଫଳ

**ମେଷ** – ବ୍ୟବସାୟୀକ କ୍ଷେତ୍ରରେ ବୁଦ୍ଧିମତା କାରଣରୁ ପ୍ରଚୁର ମାତ୍ରାରେ ଲାଭହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ହସ ଖୁସିରେ ସମୟ ବିତିବ। ଟଙ୍କାର ଆବଶ୍ୟକତା ପୂରଣ ହୋଇ ବନ୍ଧୁବାନ୍ଧବଙ୍କ ଦିଗରୁ ସ୍ୱାର୍ଥ ପ୍ରବଣତାର ଅଭିବୃଦ୍ଧି ଘଟିବ। ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଆପଣା ଲୋକଙ୍କ ସାହାଯ୍ୟ ପାଇ ପାରିବାରିକ ଜୀବନ ସୁଧାରି ନବା ଫଳରେ ଦାମ୍ପତ୍ୟ ସୁଖରେ ଆନନ୍ଦିତ ହେବେ। ଶରୀର ସୁସ୍ଥ ହେବା ସହ ସାମାଜିକ ପତିଆରା ଅମଳିନ ରହିବ ଓ ମାନସିକ ସ୍ଥିରତା ଦେଖାଦେବ। ଚାକିରୀ କ୍ଷେତ୍ରରେ ପଦୋନ୍ନତି ହେବା ସହ ସ୍ଥାନାନ୍ତର ମଧ୍ୟ ହୋଇପାରେ। ଅବିବାହିତ ଯୁବକ ଯୁବତୀମାନଙ୍କର ବିବାହ ସ୍ଥିର ହେବ। ଦୂରଯାତ୍ରାର ସୁଯୋଗ ପାଇବେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କଦଳୀଗଛ ମୂଳରେ ହଳଦୀପାଣି ଦିଅନ୍ତୁ।

**ବୃଷ** – କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡିବ। ଉତ୍ତରାଧିକାରୀ ସୂତ୍ରରୁ କିଛି ଧନ ସମ୍ପତ୍ତି ପାଇବାର ଯୋଗଅଛି। ବ୍ୟବସାୟରେ ଯେତେ ଅଧିକ ପରିଶ୍ରମ କରିବେ ସେତ ଅଧିକ ଲାଭ ହେବ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ନିଜର ଯୋଜନା ମୁତାବକ କାମକଲେ କୌଣସିପ୍ରକାର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କାମ ହାସଲ କରିବା ସକାଶେ ସାହାଯ୍ୟ ଉପରେ ନିର୍ଭର କରିବେ। ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। ପରିବାରର ସଦସ୍ୟଙ୍କ ମନରେ ଆପଣଙ୍କ ପ୍ରତି ଭୁଲ୍ ବୁଝାମଣା ହୋଇପାରେ। ସ୍ୱାସ୍ଥ୍ୟ ସାମାନ୍ୟ ଦୁର୍ବଳ ରହିବ। ଗ୍ୟାଷ୍ଟିକ୍ ସମସ୍ୟା ଦେଖାଦେଇ ପାରେ କିନ୍ତୁ ଅଯଥା ଖର୍ଚ୍ଚ ପ୍ରତି ସାବଧାନ ରୁହନ୍ତୁ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମିଥୁନ** – ପୁରୁଣା ନିବେଶ ଲାଭ ଦେବ। ଶୁଭ ସମାଚାର ସ୍ୱାସ୍ଥ୍ୟ ଲାଭ ରହିବ। ଭାତୃ ବିବାଦ ଦୂର ହୋଇ ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଆର୍ଥିକ ଦିଗରୁ ବେଶ୍ ଅନୁକୂଳ ଥିବାରୁ କିଛି ନୂତନ ପଦାର୍ଥ ସଂଗ୍ରହ ବା ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠ ପଢ଼ାରେ ମନେଯୋଗ ଦେବେ। ଜାଗା ଜମି, ଗୃହପୋକରଣ କ୍ରୟ କରିବେ। ନୂତନ ବନ୍ଧୁ ମିତ୍ରଙ୍କ ସହଯୋଗରେ ପ୍ରେମ ପ୍ରସଙ୍ଗରେ ଆଗକୁ ବଢ଼ିପାରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ଫଳରେ ସାଧାରଣ ଚଳଣି ଅତୁଟ ରହିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍କାରରେ କୃତକାର୍ଯ୍ୟ ହେବେ। ଖାଇବା ପିଇବାରେ ସତର୍କ ନ ରହିଲେ ଉଦରପୀଡ଼ା ଭୋଗିବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କର୍କଟ** – ବିଚାରବିଭାଗ ଚିକିତ୍ସାବିଭାଗ, ରାଜନୀତି ବିଭାଗ, ଶିକ୍ଷାବିଭାଗ, ଆଦିରେ କର୍ମରତ ବ୍ୟକ୍ତମାନେ ଆଶାତୀତ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ଉଚ୍ଚ ପଦ ପଦବୀର ପଦାଧିକାରୀ ହୋଇ ପାରିବେ। ବ୍ୟବସାୟ କ୍ଷେତ୍ରରେ ଭାଗ୍ୟ ଅନୁକୂଳ ହେତୁ ଆଶାତିତ ଲାଭ ମିଳିବ। ଅଚାନକ ଧନଲାଭ ହୋଇ ନୂତନ ଉଦ୍ୟୋଗରେ ପଇସା ଖଟେଇବେ। କିଛି ଅର୍ଥ ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କ ଉପଚାର ରୋଗ ନିବୃତ୍ତି ପାଇଁ ଖର୍ଚ୍ଚ ହୋଇଯିବ। ପରର ଅନିଷ୍ଟ ଚିନ୍ତା ନ କରି ନ୍ୟାୟ ବାଟରେ ଚାଲିଲେ କ୍ରମଶଃ ବିପତ୍ତି କଟିବା ଫଳରେ ସୁଖ ସୌଭାଗ୍ୟ ବୃଦ୍ଧିହେବ। ଦୂରସ୍ଥାନକୁ ଯାତ୍ରା କରି ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପରିଚିତ ଲୋକଙ୍କଠାରୁ ଅଧିକ ଲାଭ ମିଳିବ କିନ୍ତୁ ସଞ୍ଚୟ କମ୍ ହେବ ଓ ଖର୍ଚ୍ଚ ଅଧିକ ହେବ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବା ସହିତ ପଢ଼ା ପାଢ଼ିରେ ମନଯୋଗ ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ ଖାଇବାକୁ ଦିଅନ୍ତୁ।

**ସିଂହ** – ସାମାଜିକ କ୍ଷେତ୍ରରେ ରାଜକୀୟ ସମ୍ମାନ ମିଳିବ। ଶିକ୍ଷକ, ପ୍ରଶିକ୍ଷକ, ଅଭିନେତା, ନେତାମାନେ ଲାଭବାନ୍ ହେବେ। ବନ୍ଧୁଙ୍କ ଶୁଭକର୍ମରେ ଯୋଗଦେବାକୁ ପଡିପାରେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ବ୍ୟବସାୟରେ ସଫଳତା ଅର୍ଜନ କରିବାର ସୁଯୋଗ ପାଇବେ। ଛାତ୍ର ଛାତ୍ରୀମାନେ ପାଠ ପଢ଼ାରେ ମନଯୋଗଦେବେ। ବ୍ୟବସାୟରେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନଙ୍କର ଶିକ୍ଷକ ଓ ସହପାଠୀ ମାନଙ୍କ ମଧ୍ୟରେ ସମନ୍ୱୟ ରହି ବନ୍ଧୁତ୍ୱ ବୃଦ୍ଧି ପାଇବ। ଦୂରେଇ ଯାଇଥିବା ବନ୍ଧୁମାନେ ପୁଣି ନିକଟବର୍ତ୍ତୀ ହେବେ। ଆର୍ଥିକ ଦିଗରୁ ଉନ୍ନତି ହେବା ସହ ଋଣ ପରିଶୋଧ କରିବାର ସୁଯୋଗ ପାଇବେ। ପୁରାତନ ରୋଗ ପୀଡ଼ାର ଉପଶମ ହେବ ଓ ମନୋରଂଜନ କାର୍ଯ୍ୟରେ ସମୟ କଟିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**କନ୍ୟା** – କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ଉପରିସ୍ଥ ଅଧିକାରୀଙ୍କର କୃପା ଲାଭ କରିବେ। ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ବାଦବିବାଦ, ମାଲିମୋକଦ୍ଦମା, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଯଶସ୍ୱୀ ହେବେ। ସୁଖସୌଭାଗ୍ୟ ବୃଦ୍ଧି ହେବା ସହ ଆର୍ଥିକ ଦୃଷ୍ଟି କୋଣରୁ ଉନ୍ନତି ହେବ। ଆୟ ପନ୍ଥା ପାଇଁ ନୂତନ ଧାରା ଅବଲମ୍ବନ କରିବେ। ସନ୍ତାନମାନଙ୍କର ଶିକ୍ଷା, ଉଚ୍ଚଶିକ୍ଷାର ମନସ୍କାମନା ପୂର୍ଣ୍ଣ ହେବ। ପାରିବାରିକ କ୍ଷେତ୍ରରେ ଶୁଭ ସମାଚାର ଶୁଣି ଖୁସି ହେବେ। ଖଣିଜ ବ୍ୟବସାୟ, ଯାନବାହନ ବ୍ୟବସାୟ ଯାତାୟତ ବ୍ୟବସାୟ, ବାୟୁଯାନ, ରେଳ ବିଭାଗର ଟିକେଟ ବିକ୍ରି, ଭୂ-ଜାତ ଦ୍ରବ୍ୟ ବ୍ୟବସାୟ, ସାନିଟାରୀ, ଇଟା, କୋଇଲା, ହାର୍ଡୱାର, ମହମବତୀ, ପ୍ରେଟ୍ରୋଲିୟମ, କବାଡି, ଗାଈ, କୁକୁଡ଼ା, ଛେଳିଫାର୍ମ ଇତ୍ୟାଦିରେ କର୍ମରତ ବ୍ୟକ୍ତି ଓ ବ୍ୟବସାୟରେ ଅତ୍ୟଧିକ ଲାଭ ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ତୁଳା** – ପାରିବାରିକ ବ୍ୟବସ୍ଥା ପରି ବର୍ତ୍ତନ ସାଙ୍ଗକୁ ଅର୍ଥସଙ୍କଟରୁ ମୁକ୍ତି ମିଳିବ। ନିଜର ବାପା, ମା, ଭାଇ, ଭଉଣୀଙ୍କ କଥା ବୁଝିବାକୁ ବେଶି ଆଗଭର ହେବେ ଓ ମଧୁର ସଂପର୍କ ସ୍ଥାପନ ହୋଇପାରିବ। ମହତ୍ ଉଦ୍ଦେଶ୍ୟ ନେଇ ଉଚ୍ଚଆକାଂକ୍ଷାରେ କାର୍ଯ୍ୟକଲେ ନିଶ୍ଚୟ ଭାଗ୍ୟୋଦୟ ହେବାସହ ଅଭିଳାଷପୂର୍ଣ୍ଣ ହେବ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଆଶାନୁରୂପ ଫଳପାଇବେ। ଇଲେକ୍ଟ୍ରୀ, ଇଲେକଟ୍ରୋନିକ୍ସ୍ ଠିକାଦାରୀ, ଧାତୁବ୍ୟବସାୟୀ, ଔଷଧଦୋକାନ, କଳକାରଖାନା, ଖଣିଜପଦାର୍ଥ, ଗୁଡ଼, ଲଙ୍କାମରିଚ, ମସୁରଡାଲି; ଧାନ, ଗହମ ଇତ୍ୟାଦି ବ୍ୟବସାୟ କରୁଥିବା ବ୍ୟକ୍ତିମାନେ କିମ୍ବା ଏହି ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ। ନୂତନକର୍ମ ସଂସ୍ଥାନରେ ନିଯୁକ୍ତି ପାଇବାର ଯୋଗ ରହିଛି। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳତା ଲାଭ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ବିଛା** – ସୁଖ ସମୃଦ୍ଧି ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ। ଭାତୃ ବିବାଦ, ଜମିବାଡି ଓ ଘରଜାଗା ନେଇ ଥିବା ଦ୍ୱନ୍ଦର ସମାଧାନ ହେବ। ଯେ କୌଣସି କାର୍ଯ୍ୟ ହାତକୁ ନେଲେ ଶେଷ କରିବା ପରେ ଆଶ୍ୱସ୍ତି ହେବେ। ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ଦୀର୍ଘଦିନପରେ ଆପଣଙ୍କ ଜୀବନରେ ଅଧିକ ସୁଖ ଓ ସମୃଦ୍ଧିର ସମୟ ଉପସ୍ଥିତ ହୋଇଛି। ଆକସ୍ମିକ ଧନ ପ୍ରାପ୍ତି ହେବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ବାଦବିବାଦ, ମାଲିମକଦ୍ଦମାରେ ସଫଳତା ପ୍ରାପ୍ତି ହେବ। ନୂତନ କାର୍ଯ୍ୟାରମ୍ଭ, ଶତ୍ରୁହାନୀ, ଉଚ୍ଚଆଶା ସଫଳହେବ ଓ ଉଚ୍ଚ ପ୍ରଶଂସା ଲାଭ କରିବେ। ସାହସୀ ଓ ଦୃଢ଼ସଂକଳ୍ପ ଫଳରେ ଚିତ୍ତ ପ୍ରସନ୍ନ ହୋଇ କାର୍ଯ୍ୟ ସିଦ୍ଧି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ଧନୁ** – ଆୟର ଯଥେଷ୍ଟ ଅର୍ଥ ସାମାଜିକ ଏବଂ ଶୁଭକାର୍ଯ୍ୟରେ ଖର୍ଚ୍ଚ କରିବେ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବା ସହିତ ସ୍ୱାସ୍ଥ୍ୟ ଅନେକାଂଶରେ ଭଲ ରହିବ। ମିଛଆଶା ଉପରେ ନିର୍ଭର ନ କରି ନିଜକୁ ନିୟନ୍ତ୍ରଣ କରି ପାରିବେ। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ସାମାନ୍ୟ ଲାଭ ପାଇବେ। କଳା ସାହିତ୍ୟ କିମ୍ବା ସାମାଜିକ କାମଗୁଡିକରେ ସମସ୍ୟା ସମାଧାନ ହୋଇପାରିବ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବଢ଼ିବା ସହ ମୁଖ୍ୟନେତାଙ୍କର ପ୍ରିୟପାତ୍ର ହେବେ। ଗୃହରେ ସୁଖଶାନ୍ତି ବିରାଜମାନ କରିବା ସହ ଦାମ୍ପତ୍ୟ ସୁଖରେ ସୁଖୀ ହେବେ। ଡାକ ଓ ତାର ବିଭାଗ, ଟ୍ରାନ୍ସପୋର୍ଟ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରି ପ୍ରଶଂସା ପାଇବେ। ପୁରାତନ ରୋଗର ପ୍ରକୋପ ସହିତ ଉଦର ପୀଡା ଦେଖାଦେଇପାରେ। ଯାନବାହାନରେ ସତର୍କତା ଅବଲମ୍ବନ କରିବା ଉଚିତ୍। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମକର** – ପରିବାରର ମାମଲା ଘରୋଇ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁ ଉତ୍ତମ କାର୍ଯ୍ୟ କରି ପଦୋନ୍ନତି ପାଇବେ। ବାଦବିବାଦ ପରୀକ୍ଷା, ପ୍ରତିଯୋଗିତା ଓ ମାଲିମୋକଦ୍ଦମାର ଅବସାନ ହେବ। ରାଜନୀତି କ୍ଷେତ୍ରରେ ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ। ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ। ସରକାରୀ କାମରେ ସଫଳତା ମିଳିବା ସହ ନୂତନ ବନ୍ଧୁଙ୍କୁ ପାଇ ଖୁସି ହେବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବ ଓ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇପାରେ। ଗୁରୁଜନ ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

**କୁମ୍ଭ** – କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ପାଇବେ। ଆକସ୍ମିକ ଅର୍ଥଲାଭ, ସୁନାମ ପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ। ଜାଗା, ଜମି ଗୃହପୋକରଣ କ୍ରୟ କରି ପାରନ୍ତି। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ରୋଜଗାର ସମସ୍ୟା ସୁଧୁରି ଯାଇ ଧନଲାଭ ହେବାରୁ ମନ ଖୁସି ରହିବ। ଉଚ୍ଚପଦସ୍ଥ କର୍ମକର୍ତ୍ତା ମାନଙ୍କର କର୍ମ ଉପରେ ନଜର ପଡିପାରେ। କୌଣସି ଶୁଭ ସମାଚାର ମଧ୍ୟ ଶୁଣିବାକୁ ମିଳିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍ କାରରେ କୃତକାର୍ଯ୍ୟ ହେବେ। ଯେକୌଣସି ଯନ୍ତ୍ରଚାଳନା, ଯାନବାହାନ ଓ ଜଙ୍ଗଲ ବିପଦ ସଙ୍କୁଳ କ୍ଷେତ୍ରରେ କର୍ମରତ ବ୍ୟକ୍ତିମାନେ ଲାଭବାନ ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠପଢ଼ାରେ ମନଯୋଗ ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ମୀନ** – ସାମାଜିକ ପତିଆରା ଅମଳିନ ରହିବ ଓ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁ ଉତ୍ତମ କାର୍ଯ୍ୟକରି ପଦୋନ୍ନତିର ସୁଯୋଗ ପାଇବେ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବା ଫଳରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ପାରିବାରିକ କ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସତ୍କର୍ମର ମଧୁର ସ୍ୱାଦ ଅନୁଭବ କରିବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାର୍ଯ୍ୟ ସହଯୋଗ ପାଇବେ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରମ କରିବେ। ରାଜନୀତିରେ ଉଚ୍ଚପ୍ରଶଂସିତ ହେବେ ଓ ସଫଳତା ମିଳିବ। ଭ୍ରମଣ, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ହରିଡା ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଜୁଲାଇ ୨୦୨୬
## JULY 2026

ରୌଦ୍ର ସମ୍ବତ୍ସର ମିଥୁନ (ଆଷାଢ଼) ଦି୧୭ନ ଠାରୁ କର୍କଟ (ଶ୍ରାବଣ) ଦି୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୧୫ | ଘ୬।୨୫ |
| ତା୧୦–ଘ୫।୧୭ | ଘ୬।୨୬ |
| ତା୨୦–ଘ୫।୨୧ | ଘ୬।୨୫ |
| ତା୩୧ –ଘ୫।୨୫ | ଘ୬।୨୦ |

| ରବି SUN | | ୫<br>୨୧ ପଞ୍ଚମୀ<br>ଶତଭିଷା କୁମ୍ଭ | ୧୨<br>୨୮ ତ୍ରୟୋଦଶୀ<br>ରୋହିଣୀ ବୃଷ | ୧୯<br>୩ ଷଷ୍ଠୀ<br>ଉତ୍ତରଫା କନ୍ୟା | ୨୬<br>୧୦ ଦ୍ୱାଦଶୀ<br>ଜ୍ୟେଷ୍ଠା ବିଛା |
|---|---|---|---|---|---|
| ସୋମ MON | | ୬<br>୨୨ ଷଷ୍ଠୀ<br>ପୂର୍ବଭାଦ୍ର କୁମ୍ଭ | ୧୩<br>୨୯ ଚତୁର୍ଦ୍ଦଶୀ<br>ମୃଗଶିରା ଆର୍ଦ୍ରା କ୍ଷଃ ମିଥୁନ | ୨୦<br>୪ ସପ୍ତମୀ<br>ହସ୍ତା କନ୍ୟା | ୨୭<br>୧୧ ତ୍ରୟୋଦଶୀ<br>ମୂଳା ଧନୁ |
| ମଙ୍ଗଳ TUE | | ୭<br>୨୩ ସପ୍ତମୀ<br>ଉତ୍ତରାଭାଦ୍ର ମୀନ | ଅମାବାସ୍ୟା ୧୪<br>୩୦ ପୁନର୍ବସୁ<br>ମିଥୁନ | ୨୧<br>୫ ଅଷ୍ଟମୀ<br>ଚିତ୍ରା କନ୍ୟା | ୨୮<br>୧୨ ଚତୁର୍ଦ୍ଦଶୀ<br>ପୂର୍ବାଷାଢ଼ା ଧନୁ |
| ବୁଧ WED | ୧<br>ମିଥୁନ ଦି୧୭ନ<br>ପ୍ରତିପଦ ପୂର୍ବାଷାଢ଼ା ଧନୁ | ୮<br>୨୪ ଅଷ୍ଟମୀ<br>ରେବତୀ ମୀନ | ୧୫<br>୩୧ ପ୍ରତିପଦ<br>ପୁଷ୍ୟା କର୍କଟ | ୨୨<br>୬ ନବମୀ<br>ସ୍ୱାତୀ ତୁଳା | ପୂର୍ଣ୍ଣିମା ୨୯<br>୧୩ ଉତ୍ତରଷାଢ଼ା<br>ମକର |
| ଗୁରୁ THU | ୨<br>୧୮ ଦ୍ୱିତୀୟା<br>ଉତ୍ତରଷାଢ଼ା ମକର | ୯<br>୨୫ ନବମୀ<br>ଅଶ୍ୱିନୀ ମେଷ | ୧୬<br>୩୨ ଦ୍ୱିତୀୟା<br>ଅଶ୍ଳେଷା କର୍କଟ | ୨୩<br>୭ ନବମୀ ମଳ<br>ବିଶାଖା ତୁଳା | ୩୦<br>୧୪ ପ୍ରତିପଦ<br>ଶ୍ରବଣା ମକର |
| ଶୁକ୍ର FRI | ୩<br>୧୯ ତୃତୀୟା<br>ଶ୍ରବଣା ମକର | ୧୦<br>୨୬ ଦଶମୀ<br>ଦ୍ୱିଜା ମେଷ | ୧୭<br>କର୍କଟ ଦି୧ନ<br>ତୃତୀୟା ଚତୁର୍ଥୀ<br>ମଘା ସିଂହ | ୨୪<br>୮ ଦଶମୀ<br>ଅନୁରାଧା ବିଛା | ୩୧<br>୧୫ ଦ୍ୱିତୀୟା<br>ଧନିଷ୍ଠା ମକର |
| ଶନି SAT | ୪<br>୨୦ ଚତୁର୍ଥୀ<br>ଧନିଷ୍ଠା କୁମ୍ଭ | ଏକାଦଶୀ ୧୧<br>୨୭ ଦ୍ୱାଦଶୀ କ୍ଷଃ<br>କୃତ୍ତିକା ବୃଷ | ୧୮<br>୨ ପଞ୍ଚମୀ<br>ପୂର୍ବାଫା ସିଂହ | ଏକାଦଶୀ ୨୫<br>୯ ଜ୍ୟେଷ୍ଠା<br>ବିଛା | |

## ପର୍ବଦିନ

- ତା୧ ଶରଣ ଆରମ୍ଭ
- ତା୫ ଅଣସର ପଞ୍ଚମୀ ଓ ଫୁଲୁରୀ ଲାଗି
- ତା୬ ଶରଣ ଶେଷ
- ତା୧୦ ଅନବସର ଦଶମୀ
- ତା୧୧ ଖଳିଲାଗି ଏକାଦଶୀ ଉପବାସ, ଅଣସର ଦ୍ୱାଦଶୀ ଓ ହ.ନି
- ତା୧୨ ଅଣସର ତ୍ରୟୋଦଶୀ, ଘଣାଲାଗି
- ତା୧୩ ଚନ୍ଦ୍ରକ୍ଷୟ, ନିଶିପାଳନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ହ.ନି
- **ତା୧୪** ଅମାବାସ୍ୟା, **ନେତ୍ରୋତ୍ସବ** ଓ ଗୋସହସ୍ରୀ ସ୍ନାନ
- ତା୧୫ ଶ୍ରୀଜୀଉଙ୍କ ଉଭାଯାତ୍ରା, ଚନ୍ଦ୍ର ଦର୍ଶନ ପୂଜା ଓ ଉପବାସ
- **ତା୧୬ ଶ୍ରୀଗୁଣ୍ଡିଚା (ରଥଯାତ୍ରା)**, ମାସାନ୍ତ
- **ତା୧୭ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି** ଓ ହ.ନି
- ତା୨୦ ହେରା ପଞ୍ଚମୀ
- **ତା୨୧** ବିପତ୍ତାରିଣୀ ବ୍ରତ ଓ **ପର୍ଶୁରାମାଷ୍ଟମୀ**
- ତା୨୨ ନବମୀର ସନ୍ଧ୍ୟା ଦର୍ଶନ
- ତା୨୩ ନବମୀ ଦର୍ଶନ
- **ତା୨୪ ବାହୁଡ଼ା ଯାତ୍ରା**
- **ତା୨୫ ହରିଶୟନ (ବଡ଼) ଏକାଦଶୀ ଉପବାସ, ଶ୍ରୀଜୀଉଙ୍କର ସୁନାବେଶ** ଓ ହ.ନି
- ତା୨୬ ଗରୁଡ଼ ଶୟନୋତ୍ସବ ଓ ଅଧରପଣା
- ତା୨୭ ନିଳାଦ୍ରୀ ବିଜେ, ଶିବ ଶୟନ ଓ ଶିବ ଚତୁର୍ଦ୍ଦଶୀ ଉପବାସ
- ତା୨୮ ଶରଣ ଆରମ୍ଭ
- **ତା୨୯ ବ୍ୟାସ ପୂର୍ଣ୍ଣିମା** ଓ ଚନ୍ଦ୍ରପୂଜା

ବିବାହ–ତା୧ରିଖ
ବ୍ରତ – ତା୧।୫ରିଖ

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ ।**

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ଜୁଲାଇ ମାସର ବାର ରାଶିଫଳ

**ମେଷ** – ଠିକାଦାରୀ, ସଡ଼କ, ଗୃହନିର୍ମାଣ ସାମଗ୍ରୀ ବ୍ୟବସାୟ, ପ୍ଲାଷ୍ଟିକ ଚମଡ଼ା, ବସ୍ତ୍ର, ଫଳ, ପନିପରିବା, ଖାଇବାତେଲ, ଲୁହା, ମୋଟରପାର୍ଟସ୍, କୋଇଲା, ପେଟ୍ରୋଲିୟମ ପଦାର୍ଥ, ଏଜେନ୍ସି ଆଦି ବ୍ୟବସାୟରେ ଲାଭବାନ ହୋଇ ପାରନ୍ତି। ନିଜର ପ୍ରତିପତି ବିସ୍ତାର କରିପାରିବେ। କର୍ମକ୍ଷେତ୍ରରେ ସହକର୍ମୀ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ସମ୍ବନ୍ଧରେ ମଧୁରତା ସୃଷ୍ଟି ହେବା ଫଳରେ ପଦୋନ୍ନତି ସୁଯୋଗ ପାଇବେ। ବ୍ୟବସାୟୀମାନେ ଶ୍ରମିକ ଓ କର୍ମଚାରୀମାନଙ୍କୁ ସଠିକ୍ ପରାମର୍ଶ ଦେଇ ଧନମାନ ଦିଗରୁ ସୁରକ୍ଷିତ ରହିବା ସହ ସମୟ ଯୋଗପ୍ରଦ ଥିବାରୁ କାରବାର ଦିଗରୁ ପ୍ରଚୁର ଲାଭବାନ୍ ହେବେ। ଗୃହନିର୍ମାଣ ଜମିଜମା କ୍ରୟ ବିକ୍ରୟ କରୁଥିବା ନ୍ୟାୟ ବାଟରେ ଚାଲିଲେ କ୍ରମଶଃ ବିପତ୍ତି କଟିବା ଫଳରେ ସୁଖ ସୌଭାଗ୍ୟ ବୃଦ୍ଧି ହେବ। ପାରିବାରିକ ବ୍ୟବସ୍ଥା ପରିବର୍ତ୍ତନ ସାଙ୍ଗକୁ ଅର୍ଥସଙ୍କଟ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତି।

**ବୃଷ** – ମନୋକାମନା , ପୂରଣ ହେବା ସହ ଆତ୍ମବିଶ୍ୱାସ ବୃଦ୍ଧି ହୋଇ ଲାଭର ମାର୍ଗ ପ୍ରଶସ୍ତ ହେବ। ବିଦ୍ୟୁତ୍‌ବିଭାଗ, ପ୍ରଶାସନ ବିଭାଗ, ଜ୍ୟୋତିଷ, ବିଚାର ବିଭାଗ, ଡାକ, ଓ ତାର ବିଭାଗ, ବୈଜ୍ଞାନିକ, ନୃତ୍ୟ ଓ ସଂଗୀତ ବିଭାଗ, ଜଳଦାୟ ବିଭାଗ, ସମାଜସୁଧାରକ, ଶିକ୍ଷା ବିଭାଗ, ସମାଚାର ବିଭାଗରେ କର୍ମରତ ଥିଲେ ଲାଭବାନ ହେବ। ପାରିବାରିକ କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ମାନ-ସମ୍ମାନ ବୃଦ୍ଧି ହେବ। ଦୂରଯାତ୍ରାର ସୁଯୋଗ ପାଇବେ। ଉଚ୍ଚସ୍ତରୀୟ ଯାନବାହନ କ୍ରୟ କରିବାର ସୁବିଧା ସୁଯୋଗ ପାଇବେ। ବ୍ୟବସାୟୀକ, ଆଧ୍ୟାତ୍ମିକ, ଉଚ୍ଚଶିକ୍ଷା ନିମିତ୍ତ ଯାତ୍ରା ଫଳରେ ଅତ୍ୟନ୍ତ ଲାଭବାନ ହେବେ। ଦୀର୍ଘଦିନ ଧରି ଅଧା ହୋଇ ପଡ଼ିଥିବା କାର୍ଯ୍ୟମାନ ଧିରେ ଧିରେ ପୂର୍ଣ୍ଣ ହୋଇଯିବ। ନଷ୍ଟପାଇଥିବା ପ୍ରତିଷ୍ଠା ପ୍ରତିପତ୍ତି ପୁନର୍ବାର ଫେରିପାଇ ସମ୍ମାନିତ ହେବେ। ଆୟର ଯଥେଷ୍ଟ ଅର୍ଥ ଶୁଭକାର୍ଯ୍ୟରେ ଖର୍ଚ୍ଚକରିବେ। **ପ୍ରତିକାର**–ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଲଗାନ୍ତୁ।

**ମିଥୁନ** – ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ। ଜୀବନସାଥିଙ୍କ ସହଯୋଗରେ ଆର୍ଥୀକ ଲାଭ ହେବ। ଭ୍ରମଣ, ରାଜନୀତି, ପ୍ରଶାସନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ପ୍ରସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଅଚାନକ ଧନପ୍ରାପ୍ତି ହେବା ସହ ମାନ ସମ୍ମାନ ବୃଦ୍ଧି ହେବ। ପାରିବାରିକ ଜୀବନରେ ଶାନ୍ତି, ଭାଇ ଭଉଣୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିବ। ବନ୍ଧୁବାନ୍ଧବଙ୍କଠାରୁ ପୂର୍ଣ୍ଣ ସହଯୋଗ ପ୍ରାପ୍ତ ହେବ। ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। ବ୍ୟବସାୟ ଶୁଭାରମ୍ଭ କରିବାର ସୁଯୋଗ ପାଇବେ। ରାଜନୈତିକ କ୍ଷେତ୍ରରେ ନିଜସ୍ୱ ପ୍ରଶଂସାର ବଶବର୍ତ୍ତି ହୋଇ ନିଜ ଇଚ୍ଛାଶକ୍ତି ପ୍ରୟୋଗ ମାଧ୍ୟମରେ ଅହଂକାରକୁ ହ୍ରାସ କରି ପାରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଅଶ୍ୱତ୍ଥ ବୃକ୍ଷମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ।

**କର୍କଟ** – ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମାନସିକ ଶାନ୍ତି ଅନୁଭବ କରିବେ। ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ। ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ। ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡିପାରେ। ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। କୌଣସି ନୂତନ କର୍ମ କରୁଥିଲେ ସଥେରେ ବିଜୟୀ ହେବେ। ନୂତନ ବନ୍ଧୁମିଳନ ହେତୁ ମନଖୁସୀ ରହିବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ଫଳରେ ପ୍ରଶଂସା ପାଇବେ। ନିଜର ପୁରାତନ ରୋଗର ପ୍ରକୋପରେ ହଇରାଣ ହରକତ ହେବେ **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ ଖାଇବାକୁ ଦିଅନ୍ତୁ।

**ସିଂହ** – ମିତ୍ରଙ୍କ ସାହାଯ୍ୟ ଦ୍ୱାରା ପାରିବାରିକ ସ୍ଥିତି ସନ୍ତୋଷ ଜନକ ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେଲେ। ବିଦ୍ୟାକ୍ଷେତ୍ରରେ ଉନ୍ନତି ହେବା ସହ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆଗେଇବା ପାଇଁ ଚେଷ୍ଟା ଜାରି ରଖିବେ। ମାନସିକ ଦୁଶ୍ଚିନ୍ତା ଶତ୍ରୁବଧା ଦୂରେଇଯିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ରାଜନୀତି କ୍ଷେତ୍ରରେ ସମ୍ମାନ ପାଇବେ। ସାମ୍ବାଦିକତାରୁ ଲାଭ ଓ ଶୁଭ ସମାଚାର ମିଳିବ। ପାର୍ଟି ବା ସମାରୋହରେ ସମ୍ମିଳିତ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ଠିକ୍ ରହିବ। ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବା ସହ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇପାରେ। ଆୟ ଉପାର୍ଜନ କ୍ଷେତ୍ରପ୍ରତି ସଙ୍କଟ ସୃଷ୍ଟି ହେବ ନାହିଁ। ଆପଣା ଲୋକଙ୍କ ମଧ୍ୟରୁ କେହି କ୍ଷୟକ୍ଷତି ଘଟାଇବାର ଉଦ୍ୟମ କରି ପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**କନ୍ୟା** – ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତାପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ କ୍ଷେତ୍ରରେ ମନ ଲାଗିବା ଦ୍ୱାରା ପ୍ରଚାର ପ୍ରସାର ପାଇଁ ଯୋଜନା କରିବେ। ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ବିଦେଶ ଯାତ୍ରା ଫଳରେ ବିଶେଷ ଲାଭବାନ ହେବେ। ବନ୍ଧୁ ବାନ୍ଧବଙ୍କଦ୍ୱାରା ସମସ୍ୟାର ସମାଧାନ ହୋଇ ସାମାଜିକ ପ୍ରତିଷ୍ଠା ମାନ ସମ୍ମାନ ବୃଦ୍ଧି ହେବ । ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସଫଳତା ଲାଭ କରିବେ। ଭ୍ରମଣ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ମାନସିକ ବୌଦ୍ଧିକ ଓ ଭାବନାତ୍ମକ ରୂପରେ ଅଧିକ ସକ୍ଷମ ହେବେ। ଶତ୍ରୁମାନେ ପରାଜିତ ହେବେ ଓ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ତୁଳା** – ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘସ୍ଥାୟୀ ହେବ। ଶିକ୍ଷାକ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କର୍ମ ନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆସିବ ଓ ଯେଉଁ କାର୍ଯ୍ୟରେ ହାତ ହେବେ ଉନ୍ନତି ଦେଖାଦେବ। ଜମି, ଜାଗା, ବାସଗୃହ ଓ ଯାନବାହାନ୍ କ୍ରୟ କରିବାର ସୁବିଧା ପାଇବେ। ବ୍ୟବସାୟରେ ଆଶାଦିତ ଲାଭ କରି କିଛି ନୂତନ ପଦାର୍ଥ ସଂଗ୍ରହ କରିପାରନ୍ତି। ପରିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ନେଇ ମାନପ୍ରତିଷ୍ଠା ବଢ଼ିବ। କର୍ମକ୍ଷେତ୍ରରେ ଅପେକ୍ଷାକୃତ ସୁସ୍ଥ ବାତାବରଣ ଦେଖା ଦେବ। ଧାର୍ମିକ କାର୍ଯ୍ୟରେ ଯୋଗଦେବା ଫଳରେ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀ ପରୀକ୍ଷା ଓ ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହିମିଠା ଖାଇ ଘରୁ ବାହାରନ୍ତୁ।

**ବିଛା** – ଶାରିରୀକ ସୁସ୍ଥତା ଦେଖାଦେବ। ପୂର୍ବଶତ୍ରୁମାନେ ପଛଘୁଞ୍ଚା ଦେବେ। ଅକସ୍ମାତ୍ ଧନଲାଭ ହୋଇ ଶତ୍ରୁ, ରୋଗ, ଋଣରୁ ମୁକ୍ତି ହେବେ। ବିଦେଶ ଯାତ୍ରାରେ ସଫଳ ହେବେ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ସରକାରୀ କର୍ମଚାରୀମାନଙ୍କର କର୍ମ କ୍ଷେତ୍ରରେ ପଦୋନ୍ନତିରେ ସଫଳତା ଲାଭ କରିବେ। ନୂତନ ଆୟର ପନ୍ଥା ଖୋଲିଯିବ। ପରାକ୍ରମ ପ୍ରତିଷ୍ଠା ମାନସମ୍ମାନ ବୃଦ୍ଧି ହେବ। ମାଲିମୋକଦ୍ଦମାରେ ସଫଳ ହେବେ। ବିଶେଷ କରି ବିଦ୍ୟାର୍ଥୀମାନେ ଉଚ୍ଚପ୍ରଶଂସିତ ହେବେ। ଛାତ୍ର-ଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସମ୍ମାନିତ ହେବେ। ଗୃହୋପକରଣ କ୍ରୟ କରିବା ଯୋଗେ ବ୍ୟୟ ଅଧିକ ହେବ। ବ୍ୟବସାୟ କ୍ଷେତ୍ରରେ କରଜର ମାତ୍ରା ହ୍ରାସ ପାଇବ। ରାଜନୀତି କ୍ଷେତ୍ରରେ ପ୍ରଶଂସା ପାଇବା ଫଳରେ ଦେହମନ ଭଲ ରହିବ। ବିରାଟ ଯୋଜନାର ସଂକଳ୍ପ ନେବେ । **ପ୍ରତିକାର** – ପ୍ରତ୍ୟେକ ଦିନ ବାପା ମାଆ ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ଧନୁ** – ବ୍ୟବସାୟ ପାଇଁ ଭ୍ରମଣ କରିବା ଫଳରେ ଅଧିକ ଲାଭାନ୍ୱିତ ହେବେ। ଉଚ୍ଚାଧିକାରୀଙ୍କ ଠାରୁ ସୁଯୋଗ ପାଇ ସହକର୍ମୀଙ୍କ ସହ ବିବାଦ ମେଣ୍ଟିଯିବା ଫଳରେ ସବୁ କିଛି ସୁନ୍ଦର ହିଁ ଦେଖାଦେବ। ପ୍ରେମିକ ପ୍ରେମିକାମାନେ ଗୁପ୍ତ ପ୍ରେମରେ ସଫଳ ହେବେ। ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କଲେ ବହୁତ ଦିନରୁ ରହିଥିବା ବାକିଟଙ୍କା ମିଳିଯିବ। କେତେକ କ୍ଷେତ୍ରରେ ସାମାନ୍ୟ ସୁବିଧା ପାଇବେ। ପୁଅ ଝିଅଙ୍କ କର୍ମସ୍ଥିର ହେବା ଫଳରେ ଖୁସି ହେବେ। ରାଜନୀତି କ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ଯୋଗେ ଯଶ ମିଳିବ। ବନ୍ଧୁବାନ୍ଧବଙ୍କ ଦିଗରୁ ସ୍ୱାର୍ଥ ପ୍ରବଣତାର ଅଭିବୃଦ୍ଧି ଘଟିବ। ପ୍ରିୟଜନମାନେ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ। କର୍ମନିଷ୍ଠା ମଧ୍ୟରେ ନିଜକୁ ସୀମିତ ରଖିବା ହିତକର ହେବ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ଓ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମକର** – ରାଜନୈତିକ କ୍ଷେତ୍ରରେ ସାବଧାନତା ପୂର୍ବକ ପାଦ ବଢ଼େଇବା ବୁଦ୍ଧିମତାପୂର୍ଣ୍ଣ ହେବ। ନୂତନକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ହାତେମାପି ଚାଖଣ୍ଡେ ଚାଲିବା ବିଧେୟ। ତୀର୍ଥାଟନଯୋଗ ଥିବାରୁ ଯାତ୍ରାକାଳରେ କଷ୍ଟ ଭୋଗି ପାରନ୍ତି। ଯେ କୌଣସି କାର୍ଯ୍ୟ ହାତକୁ ନେଲେ ଶେଷ କରିବା ପରେ ଆଶ୍ୱସ୍ତି ହେବେ। ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ବ୍ୟବସାୟରେ ଉଧାର ଦେଲେ ଫେରି ପାଇବା କଷ୍ଟକର ହେବ ତେଣୁ ବୁଝି ବିଚାରି କାର୍ଯ୍ୟ ନକଲେ ଅପମାନ ସହ୍ୟ କରିବାକୁ ପଡ଼ିପାରେ। ଆବଶ୍ୟକସ୍ଥଳେ ଛଳନାର ଆଶ୍ରୟ ନେଇ ନିଜର ବ୍ୟକ୍ତିତ୍ୱ ଅକ୍ଷୁର୍ଣ୍ଣ ରଖିବେ। ବଡପଣିଆ ଦେଖାଇଲେ ମନ୍ଦଫଳ ଭୋଗିବାକୁ ପଡିବ। ମାଲିମୋକଦ୍ଦମାର ଭୟ ରହିବ। ତରବରିଆ ହିସାବରେ କୌଣସି କାର୍ଯ୍ୟ ନକରି ସବୁଆଡକୁ ନଜର ଦେଇ କାମ କରିବା ଉଚିତ୍। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – କଳା, ସାହିତ୍ୟ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ ପ୍ରଶଂସା ପାଇବେ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନଲାଭ ଓ ସାହାଯ୍ୟ ସହଯୋଗ ମିଳିବ। ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। ନୂତନ କର୍ମ ସଂସ୍ଥାରେ ନିଯୁକ୍ତି ପାଇବାର ଯୋଗ ମଧ୍ୟ ରହିଛି। ବ୍ୟବସାୟ ଶୁଭାରମ୍ଭ କରିବାର ସୁଯୋଗ ପାଇବେ। ଭାଇ ଭଉଣୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିବ। ପାରିବାରିକ ଜୀବନରେ ଶାନ୍ତି, ବନ୍ଧୁ ବାନ୍ଧବଙ୍କଠାରୁ ପୂର୍ଣ୍ଣ ସହଯୋଗ ପ୍ରାପ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ। କୌଣସି କାର୍ଯ୍ୟକ୍ରମରେ ସମ୍ମାନିତ ହେବେ। ବ୍ୟବସାୟରେ ସଫଳତା, ନୂଆନୂଆ ବ୍ୟବସାୟିକ ସଂପର୍କସ୍ଥାପନ ଭାଗିଦାର ବ୍ୟବସାୟ ପାଇଁ ସାହାଯ୍ୟ ସହଯୋଗ ଅଚାନକ ମିଳିବ। ଅର୍ଥ ସଂପର୍କିତ ଚୁକ୍ତିପତ୍ର କଲେ ପ୍ରଚୁର ଲାଭବାନ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମୀନ** – ଆୟକୁ ଚାହିଁ ବ୍ୟୟର ଅଟକଳ ନ କଲେ ଲୋକହସା ହେବେ। କର୍ମରେ ଉନ୍ନତି ସହିତ ବାସସ୍ଥାନ ବା ଯାନବାହନର ନବୀକରଣ ଇତ୍ୟାଦି ନାନାବିଧ ସୁଯୋଗପ୍ରାପ୍ତି ହେବ। ଋଣ ପରିଶୋଧ କରିବାର ସୁଯୋଗ ପାଇବେ। ଆର୍ଥିକ ଉନ୍ନତି, ଅଚାନକ ଧନ ପ୍ରାପ୍ତି ହେବା ସହ ମାନ ସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ଉପରିସ୍ଥ ଅଧିକାରୀଙ୍କର କୃପା ଲାଭ କରିବେ। ପ୍ରେମିକ ପ୍ରେମିକାମାନେ ଆମୋଦପ୍ରମୋଦ, ମନୋରଞ୍ଜନ, ନୃତ୍ୟ ଗୀତ, ଭୋଜିଭାତ, ମଉଜମଜଲିସ୍‌ରେ ମଜ୍ଜି ରହିବେ। କୃଷିଦ୍ରବ୍ୟ ବାଣିଜ୍ୟରେ ଆୟ ଆଶାତୀତ ହେବ। ଦେହମନ ଭଲ ରହିବ ଓ ଶାନ୍ତି ପାଇବେ। କଳକାରଖାନା ଓ ଶିଳ୍ପ ପ୍ରଭୃତିର ମାଲିକମାନେ ଏବଂ କଣ୍ଟ୍ରାକ୍ଟରମାନେ ଆନନ୍ଦିତ ହେବେ। ବିଦେଶ ଯାତ୍ରାରେ ସଫଳ ହେବେ। ସନ୍ତାନମାନେ ବ୍ୟବହାରକୁଶଳ, ଅନୁଶାସନ ପ୍ରିୟ, ଗୁଣିଜ୍ଞାନୀ, ଯୋଗ୍ୟ, ଆଜ୍ଞାପାଳକ, ସୌଭାଗ୍ୟଶାଳୀ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଭୋକିଲା ଲୋକଙ୍କୁ ନିରାଶ କରନ୍ତୁ ନାହିଁ।

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯-୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଅଗଷ୍ଟ ୨୦୨୬
## AUGUST 2026

ରୌଦ୍ର ସମ୍ବତ୍ସର କର୍କଟ(ଶ୍ରାବଣ)ଦି୧୬ନ ଠାରୁ ସିଂହ(ଭାଦ୍ର) ଦି୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | | ସୂର୍ଯ୍ୟାସ୍ତ |
|---|---|---|
| ତା୧ | –ଘ୫।୨୫ | ଘ୬।୨୦ |
| ତା୧୦ | –ଘ୫।୨୭ | ଘ୬।୧୫ |
| ତା୨୦ | –ଘ୫।୩୧ | ଘ୬।୦୯ |
| ତା୩୧ | –ଘ୫।୩୪ | ଘ୫।୦୦ |

| | | | | | |
|---|---|---|---|---|---|
| ରବି SUN | ୩୦ ୧୪ ଦ୍ୱିତୀୟା ଉତ୍ତର ଭାଦ୍ର ମୀନ | ୨ ୧୭ ଚତୁର୍ଥୀ ପୂର୍ବଭାଦ୍ର କୁମ୍ଭ | ଏକାଦଶୀ ୯ ୨୪ ମୃଗଶିରା ମିଥୁନ | ୧୬ ୩୧ ଚତୁର୍ଥୀ ହସ୍ତା କନ୍ୟା | ଏକାଦଶୀ ୨୩ ୭ ମୂଳା ଧନୁ |
| ସୋମ MON | ୩୧ ୧୫ ତୃତୀୟା ରେବତୀ ମୀନ | ୩ ୧୮ ପଞ୍ଚମୀ ଉତ୍ତରଭାଦ୍ର ମୀନ | ୧୦ ୨୫ ଦ୍ୱାଦଶୀ ତ୍ରୟୋଦଶୀ କ୍ଷଃ ଆର୍ଦ୍ରା ମିଥୁନ | ୧୭ ସିଂହ ଦି୧ନ ପଞ୍ଚମୀ ଚିତ୍ରା କନ୍ୟା | ୨୪ ୮ ଦ୍ୱାଦଶୀ ପୂର୍ବାଷାଢ଼ା ଧନୁ |
| ମଙ୍ଗଳ TUE | ପାଳକ ସମାଚାର – ଏ ସମ୍ବତ୍ସରେ ରାଜା ରବି, ମନ୍ତ୍ରୀ-ବୁଧ, ପୁରୋଧା-ଶନି, ଗ୍ରହବିପ୍ର-ବୃହସ୍ପତି, ପରୀକ୍ଷକ-ମଙ୍ଗଳ, କରଣ-ଶୁକ୍ର, ଉଗର-ଚନ୍ଦ୍ର, ତାଡନୀୟ-ରବି, ଅର୍ଥରକ୍ଷକ-ବୁଧ, ଆସ୍ଥାନରକ୍ଷକ-ଶନି। | ୪ ୧୯ ଷଷ୍ଠୀ ରେବତୀ ମୀନ | ୧୧ ୨୬ ଚତୁର୍ଦ୍ଦଶୀ ପୁନର୍ବସୁ ମିଥୁନ | ୧୮ ୨ ଷଷ୍ଠୀ ସ୍ୱାତୀ ତୁଳା | ୨୫ ୯ ଦ୍ୱାଦଶୀ ମଳ ଉତ୍ତରଷାଢ଼ା ମକର |
| ବୁଧ WED | | ୫ ୨୦ ସପ୍ତମୀ ଅଶ୍ୱିନୀ ମେଷ | ଅମାବାସ୍ୟା ୧୨ ୨୭ ପୁଷ୍ୟା କର୍କଟ | ୧୯ ୩ ସପ୍ତମୀ ସ୍ୱାତୀ ତୁଳା | ୨୬ ୧୦ ତ୍ରୟୋଦଶୀ ଶ୍ରବଣା ମକର |
| ଗୁରୁ THU | | ୬ ୨୧ ଅଷ୍ଟମୀ ଦ୍ୱିଜା ମେଷ | ୧୩ ୨୮ ପ୍ରତିପଦ ଅଶ୍ଳେଷା ମଘାକ୍ଷଃ କର୍କଟ | ୨୦ ୪ ଅଷ୍ଟମୀ ବିଶାଖା ବିଛା | ୨୭ ୧୧ ଚତୁର୍ଦ୍ଦଶୀ ଧନିଷ୍ଠା ମକର |
| ଶୁକ୍ର FRI | | ୭ ୨୨ ନବମୀ କୃତ୍ତିକା ବୃଷ | ୧୪ ୨୯ ଦ୍ୱିତୀୟା ପୂର୍ବାଫା ସିଂହ | ୨୧ ୫ ନବମୀ ଅନୁରାଧା ବିଛା | ପୂର୍ଣ୍ଣିମା ୨୮ ୧୨ ଶତଭିଷା କୁମ୍ଭ |
| ଶନି SAT | ୧ କର୍କଟ ଦି୧୬ନ ତୃତୀୟା ଶତଭିଷା କୁମ୍ଭ | ୮ ୨୩ ଦଶମୀ ରୋହିଣୀ ବୃଷ | ୧୫ ୩୦ ତୃତୀୟା ଉତ୍ତରଫା ସିଂହ | ୨୨ ୬ ଦଶମୀ ଜ୍ୟେଷ୍ଠା ବିଛା | ୨୯ ୧୩ ପ୍ରତିପଦ ପୂର୍ବଭାଦ୍ର କୁମ୍ଭ |

## ପର୍ବଦିନ

ତା୨ ଶରଣ ଶେଷ

**ତା୩ ବୋଲବମ ଆରମ୍ଭ** ଓ ମନସା ପଞ୍ଚମୀ

ତା୯ କାମଦା ଏକାଦଶୀ ଉପବାସ ଓ ହ.ନି

ତା୧୧ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

**ତା୧୨** ଶ୍ରୀମନ୍ଦିରେ ଓ ଗୃହିଣାଂ ଚିତାଲାଗି ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି

ତା୧୪ ଚନ୍ଦ୍ର ଦର୍ଶନ ପୂଜା ଓ ଉପବାସ

**ତା୧୫ ୮୦ ତମ ସ୍ୱାଧୀନତା ଦିବସ, ଓ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ**

ତା୧୬ ଜାଗ୍ରଦ୍‌ଗୌରୀ ପଞ୍ଚମୀ ଓ ମାସାନ୍ତ

**ତା୧୭ ସିଂହ ସଂକ୍ରାନ୍ତି** ଓ ହଳ ନିଷେଧ

ତା୨୨ ଝୁଲଣଯାତ୍ରା ଆରମ୍ଭ

ତା୨୩ ପୁତ୍ରଦା ଏକାଦଶୀ ଉପବାସ, ଶ୍ରୀଜୀଉଙ୍କ ପବିତ୍ରାଧିବାସ, ରବିନାରାୟଣ ବ୍ରତ ଓ ହ.ନି

ତା୨୪ ପବିତ୍ରାରୋପଣ ଓ ଶରଣ ଆରମ୍ଭ

ତା୨୫ ଆଖେଟକ ପର୍ବ

**ତା୨୬** ଶିବଚତୁର୍ଦ୍ଦଶୀ ଉପବାସ, ଶିବ ପବିତ୍ରାରୋପଣ, **ମହାପୁରୁଷ ମହାଦେବଙ୍କ ଜନ୍ମ ଦିବସ**

**ତା୨୭ ଶ୍ରୀ ବଳଭଦ୍ର ଜନ୍ମ, ରାକ୍ଷୀବନ୍ଧନ, ଗହ୍ମା ପର୍ବ, ଚନ୍ଦ୍ରପୂଜା**

**ତା୨୮ ଗହ୍ମା ପୂର୍ଣ୍ଣିମା** ଓ ଶ୍ରାବଣ ପୂର୍ଣ୍ଣିମା

ତା୨୯ ଶରଣଶେଷ

**ତା୩୦ ଖୁଦୁରୁକୁଣୀ ଓଷା** ଓ କୋଶଳ ପୂଜା

ତା୩୧ ଅଙ୍ଗଭେଟ ତୃତୀୟା

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

# ସନ ୨୦୨୬ ମସିହା ଅଗଷ୍ଟ ମାସର ବାର ରାଶିଫଳ

**ମେଷ** — କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇ ଆଶା ଆକାଂକ୍ଷା ଓ ମହତ୍ୱାକାଂକ୍ଷା ପୂର୍ଣ୍ଣହେବା ସହ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ଜାଗା, ଜମି, ଗୃହ ବାହନ ଆଦି କ୍ରୟ ବିକ୍ରୟ ପାଇଁ ଚୁକ୍ତିପତ୍ର କରି ପାରନ୍ତି। ସରକାରୀ କର୍ମଚାରୀମାନେ କର୍ମକ୍ଷେତ୍ରରେ ପଦୋନ୍ନତି ପାଇବାର ସୂଚନା ପାଇବା ସହ ଯେ କୌଣସି କାମରେ ହାତ ଦେଲେ, ସେଥିରେ ସଫଳତା ପାଇବେ। ଆର୍ଥିକସ୍ଥିତି ସୁଧାରିବାକୁ ଚେଷ୍ଟା କରିବେ। ଉଦ୍ୟୋଗ, ରେଶମୀବସ୍ତ୍ର, ଅଗରବତୀ, ଇଟା, କ୍ଷୀର, ଦହି, ଘିଅ, ବାଦ୍ୟଯନ୍ତ୍ର, ଚଳଚ୍ଚିତ୍ର, ଔଷଧ, ଶାଢ଼ୀ ଇତ୍ୟାଦି ବ୍ୟବସାୟର ଉଦ୍ୟୋଗ କରିପାରିବେ କିମ୍ବା ବିଭାଗର ଦାୟିତ୍ୱ ନେଇ ସୁଚାରୁରୂପେ ଚଳେଇ ପାରିବେ। ପ୍ରେମକ୍ଷେତ୍ରରେ ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ପ୍ରକାର ଅସୁବିଧା ହେବ ନାହିଁ। **ପ୍ରତିକାର** — ପ୍ରତ୍ୟେକ ଦିନ ସିନ୍ଦୁର ଟିକେ ମୁଣ୍ଡରେ ଲଗାନ୍ତୁ।

**ବୃଷ** — ଶତ୍ରୁବିରୋଧୀମାନେ ସତଚେଷ୍ଟା କଲେ ମଧ୍ୟ କୌଣସି କ୍ଷତି କରିପାରିବେ ନାହିଁ। ଗୃହରେ ଦୀର୍ଘଦିନର ବିବାଦୀୟ ସମସ୍ୟାରେ ସଫଳତା ମିଳିବ। ସାମାଜିକ ପତିଆରା ଅମଳିନ ରହିବ। କମିଶନ କାର୍ଯ୍ୟରେ ଲାଭ ହେବାର ସମ୍ଭାବନା ଅଛି। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ଆର୍ଥିକ ପରିସ୍ଥିତି ଉତ୍ତମ ଥିଲେ ମଧ୍ୟ ବସନ ଭୂଷଣରେ କିଛି ବ୍ୟୟ କରି ପାରନ୍ତି। ବ୍ୟବସାୟକ୍ଷେତ୍ରରେ ସାବଧାନତା ପୂର୍ବକ ପାଦ ବଢ଼େଇବା ବୁଦ୍ଧିମତା ପୂର୍ଣ୍ଣ ହେବ। ଧାର୍ମିକ କାର୍ଯ୍ୟପ୍ରତି ଆଗ୍ରହୀ ହେବେ। ରାଜନୀତିରେ ସୁନାମ ଅର୍ଜନ କରିପାରିବେ। କର୍ମାନୁଯାୟୀ ଫଳପ୍ରାପ୍ତି ହେତୁ କର୍ତ୍ତବ୍ୟ ପରାୟଣତା ରକ୍ଷା କରି ପାରିବେ। ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ ଯଶସ୍ୱୀ ହେବେ। ସମ୍ପର୍କୀୟଙ୍କ କୌଣସି ଘଟଣା ଯୋଗୁଁ ବ୍ୟତିବ୍ୟସ୍ତ ହୋଇଯିବେ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ମିଥୁନ** — ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ସମସ୍ତ କାର୍ଯ୍ୟରେ ସଫଳତା ମିଳିବ ଓ ବରିଷ୍ଠ ବ୍ୟକ୍ତିମାନେ ସନ୍ତୋଷ ହେବେ। ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବା ଫଳରେ ପ୍ରତିଷ୍ଠା, ପ୍ରତିପତି, ମାନସମ୍ମାନ ଓ ଖ୍ୟାତି ବଢ଼ିବ। ପୁରାତନ ରୋଗରୁ ଉପସମ ପାଇ ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥାକହିଁ ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମନୋରଂଜନ କାର୍ଯ୍ୟରେ ସମୟ କଟିବ। କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। **ପ୍ରତିକାର** — ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କର୍କଟ** — ପାଖ ପଡ଼ିଶା ମାନଙ୍କ ସହଯୋଗରେ ଗୃହସମସ୍ୟ ସମାଧାନ ହେବ। ବ୍ୟବସାୟିକ କାର୍ଯ୍ୟ ସହଜ ସରଳରେ ସମାଧାନ ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଜନ ସେବାରେ ପ୍ରଶଂସା ମିଳିବ। କର୍ମଚାରୀ ଓ ଶ୍ରମିକମାନେ ବେଶି ଉପକୃତ ହେବେ। ଅର୍ଥଲାଭର ମାର୍ଗ ଖୋଲି ଯିବ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବନ୍ଧୁ ମିତ୍ରମାନଙ୍କର ସହଯୋଗରେ ଧନସମ୍ପଦ ବସ୍ତ୍ର ଆଭୂଷଣ ଆଦି ଲାଭହେବ। ସାମାଜିକ କାର୍ଯ୍ୟରେ ଜୟଯୁକ୍ତ ହେବେ। ଶୁଭ ସମ୍ବାଦ ପାଇବେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ନେଇ ମନସନ୍ତୁଷ୍ଟ ରହିବ। ସନ୍ତାନଙ୍କ ପାଇଁ ମାନସିକ ସ୍ଥିରତା ବଜାୟ ରହିବ। ପାରିବାରିକ କ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ଚୂଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ସିଂହ** — ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ହାତକୁ ନେଇଥିବା କାର୍ଯ୍ୟଟି ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ଉଚ୍ଚାଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ ଆତ୍ମନିର୍ଭରଶୀଳ ହେବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇଁ ପାରିବାରିକ ସମସ୍ୟା ସୁଧୁରି ଯିବା ସହ ଆୟ ଅପରିବର୍ତ୍ତିତ ରହି ମାନସିକ ସ୍ଥିରତା ଦେଖାଦେବ। ବନ୍ଧୁ ମିତ୍ରଙ୍କର ସହଯୋଗ ପ୍ରେରଣା ଓ ଆର୍ଥିକ ସହାୟତାରେ ଉଚିତପନ୍ଥା ଗ୍ରହଣ କରିବେ। ସୁଖ ସମୃଦ୍ଧି ବୃଦ୍ଧି ହେବା ସହ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବ୍ୟବସାୟରେ କମ୍ ପରିଶ୍ରମରେ ଆଶାଜନକ ଲାଭ ପ୍ରାପ୍ତିହେବ। ସାମାଜିକ କାମ ହାସଲ କରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ। ପ୍ରେମିକ ପ୍ରେମିକା ମାନେ ବନ୍ଧୁଙ୍କ ଶୁଭକର୍ମରେ ଯୋଗଦେବାକୁ ବାଧ ହେବେ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**କନ୍ୟା** — ପ୍ରିୟଜନମାନେ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ। କମିଶନ କାର୍ଯ୍ୟରେ ଲାଭ ହେବାର ସମ୍ଭାବନା ଅଛି। କଥାବାର୍ତ୍ତା ଓ ଚତୁରତା ହେତୁ ବିଗିଡିଥିବା କର୍ମଟିକୁ ସଜାଡି ପାରିବେ। ସମ୍ପତ୍ତି ସମ୍ବନ୍ଧିତ ଶୁଭ ସମାଚାର ଶୁଭ ସମାଚାର ଶୁଣିବାକୁ ମିଳିବ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। କୌଣସି ରୋଚକ ବା ଜ୍ଞାନବର୍ଦ୍ଧକ ସାହିତ୍ୟ ପ୍ରତି ମନ ବଳାଇବେ। ମାଲିମୋକଦ୍ଦମାରେ ମୁଣ୍ଡ ଉଚ୍ଚା ରହିବ। ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରରେ ଲୁଚକାଳି ଖେଳଭଳି ଦେଖା ଦେବ। ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଲାଭ ସୁନିଶ୍ଚିତ ହେବେ। ଅଭାବ ଅନାଟନ ପାଇଁ ବ୍ୟୟ ସଂକୋଚନ ହୋଇପାରେ। କୌଣସି କଥାବାର୍ତ୍ତାକୁ ନେଇ ପ୍ରତାରିତ ହେବାର ଆଶଙ୍କା ଉପୁଜିବ। ସମୟ ହେଲେ ମଧ୍ୟ କାର୍ଯ୍ୟ ପୂରଣରେ ବାଧା ଆସି ବିଳମ୍ବ ହୋଇପାରେ। **ପ୍ରତିକାର** — କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** — ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବା ସହ ଆର୍ଥିକକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଉତ୍ତମ ରୋଜଗାର କରିପାରିବେ। ଯାହା ଚିନ୍ତା କରିଛନ୍ତି ଆଜି ତାହା ପୂରଣ କରିବାକୁ ଚେଷ୍ଟା କରିବେ। ସାଧାରଣ ଲୋକମାନେ ଆପଣଙ୍କ ବାଣୀ ଓ ଯୋଗ୍ୟତାରେ ପ୍ରଭାବିତ ହେବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଅନୁଭବ କରିବେ। ଜନସମ୍ପର୍କ ସୁଦୃଢ଼ ଫଳରେ ମାନସିକ ଚିନ୍ତା ଦୂର ହେବ। ମାଲିମୋକଦ୍ଦମାରେ ବିଜୟ ପ୍ରାପ୍ତ ହେବ। କାରବାର ଓ କାମ କାର୍ଯ୍ୟ ସ୍ଥିତିରେ ସୁଧାର ଆସିବାରୁ ମନ ବହୁତ ଖୁସି ରହିବ। ବିଦ୍ୟାଧନ ସମ୍ବନ୍ଧରେ ଶୁଭ ସମାଚାର ପ୍ରାପ୍ତ ହେବ। ବନ୍ଧୁମିଳନ ହେତୁ ମନ ଖୁସୀ ରହିବ। ରାଜନୀତିରେ ସଫଳତା ମିଳିବା ସହ କୃତକାର୍ଯ୍ୟ ହେବେ। ପଡାପଡୋଶୀ ବନ୍ଧୁ ମିତ୍ରଙ୍କ ବ୍ୟବହାରରେ ମନ ବିଚଳିତ ହୋଇପାରେ। **ପ୍ରତିକାର** — ମାଆ, ବାପା ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ବିଛା** — କର୍ମକ୍ଷେତ୍ରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ସଫଳ ହେବେ। ଶୁଭକାମ କରି ପ୍ରଶଂସିତ ହେବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବା ଫଳରେ ଅର୍ଥ ଲାଭର ସୁଯୋଗ ପାଇବେ। ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ପୂର୍ଣ୍ଣ ହେବ। ବୁଦ୍ଧିମତା କାରଣରୁ ପ୍ରଚୁର ଅର୍ଥ ଲାଭହେବ। ବିରୋଧୀମାନେ ଆପଣଙ୍କ ସାମ୍ନା କରିପାରିବେ ନାହିଁ। ଅଟକି ଥିବା କାର୍ଯ୍ୟ ସଫଳତା ପୂର୍ବକ ସମ୍ପନ୍ନ ହେବ। ବ୍ୟବସାୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଯୋଜନା ପ୍ରସ୍ତୁତ କରିବେ। ଗଚ୍ଛିତ ଅର୍ଥ ବୃଦ୍ଧି କରିବା ପାଇଁ ଚେଷ୍ଟିତ ହେବେ। ପାରିବାରିକ ସମସ୍ୟା ବୁଝାମଣା ମଧ୍ୟରେ ସମାଧାନ ହେବ। ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ମାଆବାପା ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ଧନୁ** — କର୍ମକ୍ଷେତ୍ରରେ ମାନସିକ ଦୁଷ୍ଚିନ୍ତା ଦୂର ହୋଇ ଯଶମାନ ବୃଦ୍ଧିହେବ। ବନ୍ଧୁ, ମିତ୍ର ସହକର୍ମୀ ଭାଗୀଦାରୀଙ୍କ ପାଇଁ ଆକସ୍ମିକ ଧନପ୍ରାପ୍ତି ହେବ। ମାଲିମୋକଦ୍ଦମାରେ ଜୟଯୁକ୍ତ ହେବେ। ମାନସିକ ଦୁର୍ଶ୍ଚିନ୍ତା, ଶତ୍ରୁବାଧା ଦୂରେଇ ଯିବ। ଆୟବୃଦ୍ଧି ହେବ, ଋଣ ମୁକ୍ତିର ପଥ ପରିଷ୍କାର ହୋଇଯିବ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। ପାରିବାରିକ କ୍ଷେତ୍ରରେ କେତେକ କର୍ମରେ ସଫଳତା ପ୍ରାପ୍ତି ହେବ। ଆକସ୍ମିକ ଅର୍ଥଲାଭ, ସୁନାମପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ। ବାସସ୍ଥାନ ବା ଯାନବାହାନର ନବୀକରଣ କରି ପାରନ୍ତି। କାର୍ଯ୍ୟର ପ୍ରଗତି ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବେ।। ନିର୍ମାଣ, ଯୋଗାଯୋଗ, ସଭାସମିତି ପାଇଁ ଅଧିକ ସମୟ ଦେବାକୁ ପଡିବ। ପତି ପତ୍ନୀଙ୍କ ମଧ୍ୟରେ ମଧୁର ସମ୍ପର୍କ ଦୃଢ଼ ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ଭୋକିଲା ଲୋକକୁ ନିରାଶ କରନ୍ତୁ ନାହିଁ।

**ମକର** — ଅତୀତ କଥାକୁ ଚିନ୍ତା କରି ଭାବପ୍ରବଣତା ବୃଦ୍ଧି ହେବ। ଶତ୍ରୁପକ୍ଷ ଦୁର୍ବଳ ହୋଇ ଗୋଡ ଟାଣିବାର ପ୍ରଚେଷ୍ଟା ଆରମ୍ଭ ପରିପାରନ୍ତି। ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ମିଳିବ। ସହକର୍ମୀ ମାନଙ୍କ ସହ ବାଦବିବାଦର ଅବସାନ ଘଟିବା ସହ କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବାରେ କୌଣସି ଅସୁବିଧା ହେବ ନାହିଁ। ଉଚ୍ଚଶିକ୍ଷା ପାଇଁ ସୁବିଧା ସୁଯୋଗ ପାଇପାରନ୍ତି। ବ୍ୟବସାୟରେ ଲାଭର ପରିମାଣ ଅଧିକ ହେବା ଫଳରେ ଶୁଭ ସୂଚନା ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହୋଇ ସମସ୍ତ କର୍ମ ବହୁତ ସହଜରେ ହିଁ ସମ୍ପନ୍ନ ହେବ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ସବୁଭଲ ଥିଲେ ମଧ୍ୟ ଆର୍ଥିକ ଅନାଟନ କାର୍ଯ୍ୟକ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିପାରେ। **ପ୍ରତିକାର** — ପ୍ରତ୍ୟେକ ଦିନ କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** — ରାଜନୀତି ସଂଗଠନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପରସ୍ପରକୁ ସାହାଯ୍ୟ ସହଯୋଗ କରି ଗଠନମୂଳକ ଦିଗପ୍ରତି ଆଗ୍ରହୀ ହେବେ। ସହଯୋଗୀଙ୍କ ଠାରୁ ଆଶାତୀତ ସହଯୋଗ ପ୍ରାପ୍ତି ହେବ। ପ୍ରିୟଜନ ଓ ବନ୍ଧୁ ମିତ୍ରଙ୍କ ସମାଗମରେ ସମୟ ବିତିବ। ସାମାଜିକ କାର୍ଯ୍ୟ ସଂସ୍କାରେ ସାମିଲ ହେବେ। ପଡୋଶୀମାନେ ସ୍ୱାର୍ଥ ହାସଲ କରିବା ପାଇଁ ବାକ୍ ଚାତୁରୀ କଥା କହି କାର୍ଯ୍ୟ ପୂରଣ କରିବେ। ବରିଷ୍ଠ କର୍ମୀଙ୍କ ରୋଷର ପାତ୍ର ହେବେ। ପଡ଼ାପଡ଼ିରେ ମାନସିକ ଅଶାନ୍ତି ଦେଖାଦେବ। କଠିନ ପରିଶ୍ରମ କରିବା ଯୋଗୁଁ ଶାରୀରିକ ଅସୁସ୍ଥତା ଦେଖା ଦେବ। ଯେଉଁ ଯାଗାରେ ଦସ୍ତଖତ କରିବାକୁ ପଡିବ ବୁଝି ବିଚାରି କରିବେ। କ୍ଷେତ୍ରରେ ଲଜ୍ଜା ଅପମାନ ସହ୍ୟ କରିବାକୁ ପଡିପାରେ। ଯେତେ ଜଟିଳ ପରିସ୍ଥିତି ହେଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। **ପ୍ରତିକାର** — ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ମୀନ** — ବନ୍ଧୁମାନଙ୍କ ସହ ସୁସମ୍ପର୍କ ସ୍ଥାପନ ହେବ। ଉପରିସ୍ଥ କର୍ମଚାରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ସମସ୍ୟାକୁ ସମାଧାନ କରିଦେଇ ପାରନ୍ତି। ବ୍ୟବସାୟୀମାନେ କଠିନ ପରିଶ୍ରମର ମୂଲ୍ୟ ଫେରି ପାଇବାକୁ ହକ୍ ହେବେ। ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତିର ସମାଧାନ କରି ପ୍ରଶଂସା ପାଇବେ। ନିମ୍ନବର୍ଗ କର୍ମୀଙ୍କ ପ୍ରତି ସତର୍କ ରହି ତଉଆଖିଆ ହୋଇ କର୍ତ୍ତବ୍ୟ ପାଳି ଚାଲିଲେ ପରେ ହଇରାଣ ହେବେ ନାହିଁ। ଯେକୌଣସି କାର୍ଯ୍ୟ କରିବେ କିମ୍ବା ଯୋଜନା ପ୍ରସ୍ତୁତ କରିବେ ଭବିଷ୍ୟତ ପାଇଁ କ୍ୟାରିୟର ଜୀବନ ଓ ପରିବାରର ଉନ୍ନତି ହେବ। ପରିବାରରେ ବାତାବରଣ ଭାରି ରହିବ। ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ଦ୍ୱନ୍ଦ ମେଣ୍ଟିଯିବ ଓ ମାନସିକ ଏକାଗ୍ରତା ବଜାୟ ରହିବ। ଅନେକ ଶୁଭକର୍ମର ସୁଯୋଗ ପାଇବେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩/୩୪ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ସେପ୍ଟେମ୍ବର୍ ୨୦୨୬
## SEPTEMBER 2026

ରୌଦ୍ର ସମ୍ବତ୍ସର ସିଂହ(ଭାଦ୍ର)ଦି୧୬ନ ଠାରୁ କନ୍ୟା(ଆଶ୍ୱିନ)ଦି୧୪ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୩୪ | ଘ୫।୫୯ |
| ତା୧୦–ଘ୫।୩୬ | ଘ୫।୫୦ |
| ତା୨୦–ଘ୫।୩୮ | ଘ୫।୪୨ |
| ତା୩୦–ଘ୫।୪୧ | ଘ୫।୩୩ |

| | | | | | |
|---|---|---|---|---|---|
| ରବି SUN | | ୬ ୨୧ ଦଶମୀ ଆର୍ଦ୍ରା ମିଥୁନ | ୧୩ ୨୮ ଦ୍ୱିତୀୟା ହସ୍ତା କନ୍ୟା | ୨୦ ୪ ନବମୀ ପୂର୍ବାଷାଢ଼ା ଧନୁ | ୨୭ ୧୧ ପ୍ରତିପଦ ଉତ୍ତରଭାଦ୍ର ମୀନ |
| ସୋମ MON | | ୭ ଏକାଦଶୀ ୨୨ ପୁନର୍ବସୁ ମିଥୁନ | ୧୪ ୨୯ ତୃତୀୟା ଚିତ୍ରା ତୁଳା | ୨୧ ୫ ଦଶମୀ ଉତ୍ତରଷାଢ଼ା ଧନୁ | ୨୮ ୧୨ ଦ୍ୱିତୀୟା ରେବତୀ ମୀନ |
| ମଙ୍ଗଳ TUE | ୧ ସିଂହ ଦି ୧୬ନ ଚତୁର୍ଥୀ ଅଶ୍ୱିନୀ ମେଷ | ୮ ୨୩ ଦ୍ୱାଦଶୀ ପୁଷ୍ୟା କର୍କଟ | ୧୫ ୩୦ ଚତୁର୍ଥୀ ସ୍ୱାତୀ ତୁଳା | ୨୨ ଏକାଦଶୀ ୬ ଉତ୍ତରଷାଢ଼ା ମକର | ୨୯ ୧୩ ତୃତୀୟା ଅଶ୍ୱିନୀ ମେଷ |
| ବୁଧ WED | ୨ ୧୭ ପଞ୍ଚମୀ ଷଷ୍ଠୀ କ୍ଷଃ ଦ୍ୱିଜା ମେଷ | ୯ ୨୪ ତ୍ରୟୋଦଶୀ ଅଶ୍ଳେଷା କର୍କଟ | ୧୬ ୩୧ ପଞ୍ଚମୀ ବିଶାଖା ତୁଳା | ୨୩ ୭ ଦ୍ୱାଦଶୀ ଶ୍ରବଣା ମକର | ୩୦ ୧୪ ଚତୁର୍ଥୀ ଦ୍ୱିଜା ମେଷ |
| ଗୁରୁ THU | ୩ ୧୮ ସପ୍ତମୀ କୃତ୍ତିକା ମେଷ | ୧୦ ୨୫ ଚତୁର୍ଦ୍ଦଶୀ ମଘା ସିଂହ | ୧୭ କନ୍ୟା ଦି ୧ନ ଷଷ୍ଠୀ ଅନୁରାଧା ବିଛା | ୨୪ ୮ ତ୍ରୟୋଦଶୀ ଧନିଷ୍ଠା କୁମ୍ଭ | ବହୁ ପୁରାତନ, ପ୍ରତିଷ୍ଠିତ, ବିଶୁଦ୍ଧ ଓ ସର୍ବପରିଚିତ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକା ସର୍ବଦା ବ୍ୟବହାର କରନ୍ତୁ। |
| ଶୁକ୍ର FRI | ୪ ୧୯ ଅଷ୍ଟମୀ ରୋହିଣୀ ବୃଷ | ୧୧ ଅମାବାସ୍ୟା ୨୬ ପୂର୍ବାଫା ସିଂହ | ୧୮ ୨ ସପ୍ତମୀ ଜ୍ୟେଷ୍ଠା ବିଛା | ୨୫ ୯ ଚତୁର୍ଦ୍ଦଶୀ ଶତଭିଷା କୁମ୍ଭ | |
| ଶନି SAT | ୫ ୨୦ ନବମୀ ମୃଗଶିରା ବୃଷ | ୧୨ ୨୭ ପ୍ରତିପଦ ଉତ୍ତରଫା କନ୍ୟା | ୧୯ ୩ ଅଷ୍ଟମୀ ମୂଳା ଧନୁ | ୨୬ ପୂର୍ଣ୍ଣିମା ୧୦ ପୂର୍ବଭାଦ୍ର କୁମ୍ଭ | |

## ପର୍ବଦିନ

ତା୧ ରକ୍ଷାପଞ୍ଚମୀ
**ତା୨ ଶ୍ରୀମନ୍ଦିରେ ରେଖା ପଞ୍ଚମୀ, ବୁଧିବାମନ ଓଷା**
**ତା୪ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଶ୍ରୀ ଆଦିତ୍ୟ ନାରାୟଣ ଦାସଙ୍କ ଜନ୍ମଉତ୍ସବ, ଗାରୋଇ ଗୋବର୍ଦ୍ଧନ ପୀଠ, ଜଗତସିଂହପୁର**
**ତା୫ ନନ୍ଦୋତ୍ସବ, ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ**
ତା୭ କାଳୀୟଦଳନ ଏକାଦଶୀ ଉପବାସ ଓ ହ.ନି
ତା୯ ଶିବ ଚତୁର୍ଦ୍ଦଶୀ ଉପବାସ
ତା୧୦ ଗୁହାଣାଂ ସପ୍ତପୁରୀ ଭୋଗ, ଚନ୍ଦ୍ର କ୍ଷୟ, ନିଶିପାଳନ, ହଳ ନିଷେଧ
ତା୧୧ ଶ୍ରୀମନ୍ଦିରେ ସପ୍ତପୁରୀ ଅମାବାସ୍ୟା
ତା୧୨ ଚନ୍ଦ୍ର ଦର୍ଶନ ପୂଜାର ଉପବାସ
**ତା୧୪ ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ, ଗୌରୀ ଚତୁର୍ଥୀ, ବାଲିତୃତୀୟା**
ତା୧୫ ଋଷି ପଞ୍ଚମୀ, **ନୂଆଖାଇ ପର୍ବ**
ତା୧୬ ମାସାନ୍ତ
**ତା୧୭ କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା**, ଷଷ୍ଠୀ ଓଷା, ସୋମନାଥ ବ୍ରତ ଆରମ୍ଭ, ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ ଓ ହଳ ନିଷେଧ
ତା୧୮ ଶ୍ରୀ ଦୁର୍ଗା ଶୟନୋତ୍ସବ
**ତା୧୯ ଶ୍ରୀରାଧାଷ୍ଟମୀ** ଓ ଦୁର୍ବାଷ୍ଟମୀ
ତା୨୦ ତାଳ ନବମୀ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ।
ତା୨୧ ଶରଣ ଆରମ୍ଭ
ତା୨୨ ପାର୍ଶ୍ୱପରିବର୍ତ୍ତନ (ବଡ)ଏକାଦଶୀ ଓ ହ.ନି
**ତା୨୩ ସୁନିଆଁ, ବାମନଜନ୍ମ, ସନ୍୧୪୩୪ ସାଲ ଅଙ୍କ୨୧ଙ୍କ ପ୍ରବେଶ**, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ, ଇନ୍ଦ୍ରଧ୍ୱଜପୂଜା ଓ **ଗ୍ୟାରୁହିଁ ସରିଫ୍**
**ତା୨୫** ଅଘୋର ଚତୁର୍ଦ୍ଦଶୀ, **ଅନନ୍ତ ବ୍ରତ,** ଶ୍ରୀଦୁର୍ଗା ଓ ଶିବଙ୍କ ପାର୍ଶ୍ୱପରିବର୍ତ୍ତନ।
**ତା୨୬ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ଭାଗବତଜନ୍ମ** ଓ ଶରଣଆରମ୍ଭ
ତା୨୭ ଅପରପକ୍ଷାରମ୍ଭଃ
ତା୩୦ ଅଶ୍ୱପଞ୍ଚମୀ

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ସେପ୍ଟେମ୍ବର ମାସର ବାର ରାଶିଫଳ

**ମେଷ** — ମିତ୍ର ମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଅନେକ କାର୍ଯ୍ୟରେ ସଫଳ ହେବେ। ବାଦବିବାଦ, ପ୍ରତିଯୋଗୀତା ପରୀକ୍ଷା ଓ ମାଲିମୋକଦ୍ଦମାରେ କୃତକାର୍ଯ୍ୟ ହେବେ। ରାଜନୈତିକ କ୍ଷେତ୍ରରେ ଲୋକମାନଙ୍କୁ ଆପେଣେଇ ନବା ଫଳରେ ସମ୍ମାନିତ ହୋଇପାରନ୍ତି। କୌଣସି ନୂତନ ଗୃହୋପକରଣ କିଣିବା ପାଇଁ ଯୋଜନା କରିବେ। ପେଶା, ବ୍ୟବସାୟ, ଭାଗୀଦାରୀ ଓ ବନ୍ଧୁମିତ୍ରଙ୍କଦ୍ୱାରା ଲାଭବାନ ହେଲେ। ପରିବହନ ବ୍ୟବସାୟରେ ବିଶେଷ ଲାଭବାନ ହେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣାର ସମାଧାନ ହୋଇ ଉନ୍ନତିମୂଳକ ପଦକ୍ଷେପ ଦେବେ। ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। କର୍ମ କ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତାଙ୍କର ସୁଦୃଷ୍ଟି ପ୍ରାପ୍ତି ଫଳରେ ସହକର୍ମୀମାନଙ୍କର ସମର୍ଥନ ଏବଂ ସୁଖ ସମ୍ପଦ ପ୍ରାପ୍ତି ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ମାଆ ବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ବୃଷ** — ସହକର୍ମୀ ଓ ପଡୋଶୀ ମାନଙ୍କ ସାହାଯ୍ୟ ମିଳିବ। ବିଦ୍ୟାରେ ଉନ୍ନତି ହେବ। ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ଠିକ୍ ଲୋକ ମଧ୍ୟସ୍ଥିରେ ସମାଧାନ ହେବ। ନିଜର ଚତୁରତା ଓ ବିବେକ ହେତୁ ସମସ୍ତ ବିପରୀତ ପରିସ୍ଥିତିର ସାମ୍ନା କରିପାରିବେ। ଅଧା ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ। ଶତ୍ରୁ ବା ବିରୋଧୀ କିଛି କ୍ଷତିକ କରିପପାରିବେ ନାହିଁ। ଦୁଃଖି ଲୋକଙ୍କୁ ସାହାରା ହେବେ। ପରିବାର ବା ଘର ସମ୍ବନ୍ଧୀୟ କୌଣସି ମହତ୍ୱପୂର୍ଣ୍ଣ ସମାଚାର ଶୁଣିବେ। ନୂତନ ବନ୍ଧୁମିଳନ ହେତୁ ମନଖୁସୀ ରହିବ। ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା, ପ୍ରତିପତ୍ତି ମାନସମ୍ମାନ କ୍ଷାତି ବଢ଼ିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ସୁଖରେ ଶାନ୍ତି ଅନୁଭବ କରିବେ। ଶିକ୍ଷାକ୍ଷେତ୍ରରେ ସଫଳତା ମିଳିବ। **ପ୍ରତିକାର** — ପ୍ରତ୍ୟେକ ଦିନ ଶ୍ୱେତ ଚନ୍ଦନରେ କର୍ପୁର ମିଶେଇ ମସ୍ତକରେ ଧାରଣ କରନ୍ତୁ।

**ମିଥୁନ** — ଅନ୍ୟମାନଙ୍କୁ ସାହାଯ୍ୟ କରିବେ, ତେଣୁ ଲୋକମାନେ ଆପଣଙ୍କୁ ସମ୍ମାନ ଦେବେ। ପ୍ରତ୍ୟେକ କ୍ଷେତ୍ରରେ ମାନସିକସ୍ଥିତି ସୁଦୃଢ଼ ରହିବ। ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେଲେ। କର୍ମ କ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ। ଆଇନ ଅଦାଲତ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ହୋଇପାରୁ ନଥିବା କାମ ସାହସ ଦ୍ୱାରା କରିପାରିବେ। ଆପଣା ଲୋକଙ୍କ ମଧ୍ୟରୁ କେହି କ୍ଷୟକ୍ଷତି ଘଟାଇବାର ଉଦ୍ୟମ କରି ପାରନ୍ତି। ଯାହାର ବେଶି ଉପକାର କରିବେ ତାହାଦ୍ୱାରା ବେଶି ଆଘାତ ପାଇବେ। ରାସ୍ତାଘାଟରେ ଯଥେଷ୍ଟ ସତର୍କ ହୋଇ ଚଳିବା ଉଚିତ୍। ପାରିବାରିକ କ୍ଷେତ୍ରରେ ସ୍ନେହ ସଦ୍ଭାବ ଦେଖାଦେବ। ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ଶତ୍ରୁମାନେ ମଥାନତ କରିବେ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**କର୍କଟ** — ନୂତନ ବନ୍ଧୁଙ୍କ ସହିତ ଭେଟ ହେବା ଫଳରେ ଅଟକିଥିବା କାର୍ଯ୍ୟ ସମ୍ପନ୍ନ ହେବ। ପ୍ରେମ ପ୍ରସଙ୍ଗରେ ଉନ୍ନତି ହୋଇପାରେ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ। ପାଠ ପଢ଼ାରେ ମନଯୋଗ ଦେବେ। ରାଜନୀତିରେ ଲୋକପ୍ରିୟତା ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ମାନସିକସ୍ଥିତି ଭଲ ରହିବ। ଉଧାର ଦେଇଥିବା ଟଙ୍କା ମିଳିଯିବ ଫଳରେ କିମ୍ବା ପୁରୁଣା ପ୍ରାପ୍ୟ ଆଦାୟ ହେବା ଫଳରେ ବ୍ୟବସାୟରେ ନିଜରପଦ ଗରିମା ବଜାୟ ରହିବ। ବନ୍ଧୁ ଓ ମିତ୍ର ଏବଂ ସହକର୍ମୀ ମାନଙ୍କ ଦ୍ୱାରା ଲାଭବାନ ହେବେ। ରାଜନୀତିରେ ଉନ୍ନତି ହେବା ସହ ପ୍ରତିଷ୍ଠା ପ୍ରତିପତ୍ତି, ମାନସମ୍ମାନ ପ୍ରାପ୍ତିହେବ। ବୁଦ୍ଧିମତା କାରଣରୁ ପ୍ରଚୁର ଅର୍ଥ ଲାଭ ହେବ। କର୍ମକ୍ଷେତ୍ରରେ ଶତ୍ରୁତା କମିଯିବା ଫଳରେ ପ୍ରତିଷ୍ଠିତ ହୋଇପାରିବେ। **ପ୍ରତିକାର** — ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ସିଂହ** — ପାରିବାରିକ ସମସ୍ୟାକୁ ସୁଧାରିନେଇ ପ୍ରଶଂସିତ ହେବେ। ବ୍ୟବସାୟରେ ଆଶାତୀତ ଲାଭ କରିବେ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବା ଫଳରେ, ପ୍ରତିଷ୍ଠା, ପତିପତି, ମାନସମ୍ମାନ ବଢ଼ିବ। ସାମାନ୍ୟ ବ୍ୟତିକ୍ରମ ପରିଲିକ୍ଷିତ ହେଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଯେକୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଚାଖଣ୍ଡେ ଚାଲିବା ଉଚିତ୍। କର୍ମକ୍ଷେତ୍ରରେ ପୂର୍ବ ସମସ୍ୟାର ସମାଧାନ ହୋଇ କର୍ମବ୍ୟସ୍ତତାରେ ସମୟ କାଟିବେ। ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିପାରିବେ। କୌଣସି ବନ୍ଧୁଙ୍କ ଦ୍ୱାରା ପରିବାର ସମ୍ବନ୍ଧିତ ଶୁଭ ସମାଚାର ଶୁଣିବେ। ସ୍ୱାସ୍ଥ୍ୟ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂରହେବ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। କମିଶନ ସମ୍ବନ୍ଧିତ କାର୍ଯ୍ୟରେ ଲାଭ ମିଳିବ। **ପ୍ରତିକାର** — ପ୍ରତ୍ୟେକ ଦିନ ଭୋକିଲା କୁକୁରକୁ ଭୋଜନ ଦିଅନ୍ତୁ।

**କନ୍ୟା** — ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ସଭାସମିତି, ସାହିତ୍ୟ ଓ କଳାକ୍ଷେତ୍ରରେ ସମ୍ମାନ ପାଇବେ। କର୍ମ କ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ ପ୍ରଶଂସିତ ହେବେ। କୋର୍ଟ କଚେରୀ ମାମଲାରେ ସଫଳ ହେବେ। ରାଜନୈତିକ କ୍ଷେତ୍ରରେ ଜଟିଳ ପରିସ୍ଥିତି ଥିଲେ ସରଳ ହେବ। କାର୍ଯ୍ୟର ପ୍ରଗତି ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବେ। ଧନର ଆଗମନ ହୋଇପାରେ। ପ୍ରେମ ପ୍ରସଙ୍ଗରେ ମଧୁରତା ଆସିବ। ନୂତନ ବନ୍ଧୁଙ୍କୁ ପାଇ ଖୁସୀ ହେବେ। ସହକର୍ମୀ କେହି ଇର୍ଷାତୁର ହେଲେବି କ୍ଷତିକାରୀ ହେବେନାହିଁ। ପୁରାତନ ରୋଗର ଉପସମ ଓ ବନ୍ଧୁ ସମାଗମ ହେବ। ଈର୍ଷାପରାୟଣ ବ୍ୟକ୍ତିମାନେ ଦୂରେଇଯିବେ। ସାମାଜିକ ସ୍ତରରେ ସମ୍ମାନଲାଭ କରିବେ। ସହକର୍ମୀ ମାନଙ୍କ ସହ ଶତ୍ରୁତା ମେଣ୍ଟି ଯିବ। ଉତ୍ତମ ଯୋଜନାବଦ୍ଧ ହେବାର ସମ୍ଭାବନା ଅଛି। **ପ୍ରତିକାର** — ପ୍ରତ୍ୟେକ ଦିନ କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** — ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ବିଜୟ ହେବ। ଶାରୀରିକ କଷ୍ଟ ଦୂରେଇ ଯିବା ଫଳରେ ବେଶ୍ ଆନନ୍ଦ ଅନୁଭବ କରିବେ। ଗୃହ ଜମି ଓ ପାରିବାରିକ ସମସ୍ୟାକୁ ନେଇ ବାଦବିବାଦରେ ବିଜୟୀ ହେବେ। ସୁଯୋଗ ପାଇ ଧନ ଲାଭର ମାର୍ଗ ଖୋଲିଯିବ। ଉପରିସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ। ଅଚାନକ ଧନପ୍ରାପ୍ତି ହେବାଫଳରେ ଆର୍ଥିକ ଉନ୍ନତି ହେବା ସହ ମାନସମ୍ମାନ ବୃଦ୍ଧିହେବ। ବ୍ୟବସାୟ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବା ଫଳରେ ସୁଖ ଶାନ୍ତି ବର୍ଦ୍ଧିତ ହେବ। ସାଙ୍ଗସାଥିମାନେ ସାହାଯ୍ୟ ସହଯୋଗ କରିବେ। ରାଜନୀତିରେ ଉଚ୍ଚପ୍ରଶଂସିତ ହେବେ ଓ ସଫଳତା ମିଳିବ। ସାମାଜିକ ଉତ୍ସବରେ ଯୋଗ ଦେଇ ପ୍ରସଂଶିତ ହେବେ। ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ। ବନ୍ଧୁ ମିତ୍ରଙ୍କ ଆଗମନ ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ବିଛା** — ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ଅଧୁରା କାର୍ଯ୍ୟ ପୂରଣ ହେବ। ଶୁଭ ସମାଚାର ମିଳିପାରେ। ପ୍ରେମିକ ପ୍ରେମିକାଙ୍କ ମିଳନ ହେବ। ସାମ୍ବାଦିକମାନେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ। ଆକସ୍ମିକ ଧନପ୍ରାପ୍ତି ହୋଇ ଆର୍ଥିକ ସ୍ଥିତି ସୁଧୁରିଯିବ। ସମସ୍ତ ଫଇସଲା ଓ ନିର୍ଣ୍ଣୟ ବୁଦ୍ଧିମତାରେ ପରିପୂର୍ଣ୍ଣ ହେବ। ନିଜର ଚତୁରତା ଓ ବିବେକରେ ବିପରୀତ ପରିସ୍ଥିତିକୁ ନିଜ ସପକ୍ଷରେ ନେଇପାରିବେ। ଯାନ ବାହନ ସୁଖ ମିଳିବ। ବ୍ୟବସାୟରେ ଆକସ୍ମିକ ଧନପ୍ରାପ୍ତି ହେବା ଫଳରେ ବଢ଼େଇବାର ପ୍ରୟାସ କରିବେ। ପ୍ରତିଷ୍ଠା, ପ୍ରତିପତ୍ତି, ମାନସମ୍ମାନ ଓ କ୍ଷାତି ବଢ଼ିବ। ଶିକ୍ଷାକ୍ଷେତ୍ରରେ ମାନସିକ ସ୍ଥିରତା ଦେଖାଦେବ। **ପ୍ରତିକାର** — ପ୍ରତ୍ୟେକ ଦିନ ସିନ୍ଦୂରଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ଧନୁ** — ମିତ୍ରଙ୍କଠାରୁ ବହୁତ ସାହାଯ୍ୟ ସହଯୋଗ ମିଳିବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ବ୍ୟବସାୟ, ମାଲିମକଦ୍ଦମାରେ ଉନ୍ନତି ହେବ। ପରିବାରରେ ପ୍ରସନ୍ନତା ବିରାଜମାନ କରିବ। ଅନ୍ୟମାନଙ୍କ କାନ୍ଧରେ ବନ୍ଧୁକରଖି ଖେଳ ଖେଳିବେ ଏବଂ ଅପଯଶକୁ ଦୂରକୁ ଠେଲିଦେଇ କେବଳ ଯଶତକ ଗ୍ରହଣ କରିବେ। ପାରିବାରିକ ଜୀବନରେ ଅନେକ ପ୍ରକାରର ବାଧାବିଘ୍ନ ଦୂରେଇ ଯିବ। ଉତ୍ତରାଧିକାରୀ ଏବଂ ସମ୍ପତ୍ତିକୁ ନେଇ ମାମନଲାରେ ଆପୋଷ ସମାଧାନ କରି ପାରନ୍ତି। ବ୍ୟବସାୟରେ ଶତ୍ରୁମାନେ ପରାଜିତ ହେବେ ଓ ଉନ୍ନତି ହୋଇ ଋଣଭାର କମିଯିବ। ରାଜନୀତି କ୍ଷେତ୍ରରେ ସମ୍ମାନ ପ୍ରାପ୍ତି ଓ ସହକର୍ମୀଙ୍କ ସହ ବୁଝାମଣା ଠିକ ରହିବ। ଦାମ୍ପତ୍ୟ ସୁଖରେ ସୁଖୀ ହେବେ। କିନ୍ତୁ ଅହଂକାରକୁ ତ୍ୟାଗ କରିବାକୁ ହେବ। **ପ୍ରତିକାର** — ପ୍ରତ୍ୟେକ ଦିନ ମାଆବାପା ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମକର** — ସାମ୍ବାଦିକମାନେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ। ରାଜନୀତିରେ ପ୍ରଶଂସିତ ହେବେ। ପ୍ରପର୍ଟି ସମ୍ବନ୍ଧୀୟ ମାମଲା କାହାର ମଧ୍ୟସ୍ଥତା ଦ୍ୱାରା ଦୂର ହେବ। ନୂଆ ଜ୍ଞାନର ବୃଦ୍ଧି ହେବ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ଦ୍ୱନ୍ଦ ମେଣ୍ଟିଯିବ ଓ ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ରାଜନୀତି କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଦୂରେଇ ଯାଇ ନିଜ ଚେଷ୍ଟାରେ ସଫଳତା ମିଳିବ। ଆର୍ଥିକ ସହାୟତାରେ ପୂର୍ଣ୍ଣ ସଫଳତା ପ୍ରପ୍ତି ହେବ। ପରିଶ୍ରମ ଓ ମେହେନତର ପରିଣାମ ମିଳିବ। ଆମୋଦ ପ୍ରମୋଦର ସୁଯୋଗ ପାଇବେ। ପଢ଼ିବା, ପଢ଼େଇବା ମାମଲାରେ ଆଗକୁ ଗତି କରିବେ। **ପ୍ରତିକାର** — ପ୍ରତ୍ୟେକ ଦିନ କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** — ପ୍ରେମୀ ପ୍ରେମିକାଙ୍କ ସାମଞ୍ଜସ୍ୟ ବୃଦ୍ଧି ହେବ ଓ ସମସ୍ତ କ୍ଷେତ୍ରରେ ସଫଳତା ମିଳିବ। ଭୌତିକ ଓ ଆଧ୍ୟାତ୍ମିକ ମାମଲା କ୍ଷେତ୍ରରେ ଉନ୍ନତି ହେବ। ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ଶତ୍ରୁମାନେ ସାମ୍ନାକୁ ଆସିବାକୁ ସାହସ କରିବେ ନାହିଁ। ଜମିଜମା ସକ୍ରାନ୍ତିୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ। ଅଳ୍ପ ପରିଶ୍ରମରେ ବହୁତ ଧନ ଲାଭ ହେବ। ସବୁଥିରେ ସଫଳତା ମିଳିବ। ଫଳରେ ସମୟ ହସ ଖୁସିରେ ବିତିବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। ସୁଖ ସମୃଦ୍ଧି ବୃଦ୍ଧି ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ନିଜର ଇଚ୍ଛା ପୂରଣ ପାଇଁ କୌଣସି କର୍ମକରି ପ୍ରଶଂସା ପାଇବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। **ପ୍ରତିକାର** — ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ମୀନ** — ଶତ୍ରୁମାନେ ପରାଜିତ ହେବେ। ବନ୍ଧୁ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ପରିବାରରେ ମାନ ମନାନ୍ତର ଦୂର ହେବ। ସମ୍ମାନର ସହ ଦିନଚର୍ଯ୍ୟା ସମ୍ପାଦନ କରିବେ। ପରିବାରରେ ସୁଖଶାନ୍ତି ଯୋଗେ ସମସ୍ତ ଚିନ୍ତା ଦୂର ହେବ। କଳା, ସାହିତ୍ୟ, ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। କର୍ମକ୍ଷେତ୍ରରେ ଉନ୍ନତି କରି ପାରିବେ। ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଯୋଗେ କେତେକ କ୍ଷେତ୍ରରେ ପ୍ରଶଂସା ପାଇବେ। ବ୍ୟବସାୟରେ ସଫଳତା ଅର୍ଜନ କରିବେ। କିନ୍ତୁ ପଇସା ଅଭାବରୁ ମାନସିକ ଅଶାନ୍ତି ବୃଦ୍ଧି ପାଇପାରେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। ରାଜନୈତିକ କ୍ଷେତ୍ରରେ ସ୍ଥିରତା ଦେଖାଦେବା ସହ ଭୋଗବିଳାସ ଓ ଆନନ୍ଦମୟ ମୁହୂର୍ତ୍ତ କଟିବ। କେତେକ କାର୍ଯ୍ୟ ଅଧାରେ ଝୁଲି ରହିବ। **ପ୍ରତିକାର** — ପ୍ରତ୍ୟେକ ଦିନ ଭୋକିଲା ଲୋକକୁ ନିରାଶ କରିବେ ନାହିଁ।

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୪ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଅକ୍ଟୋବର୍ ୨୦୨୬
## OCTOBER 2026

ରୌଦ୍ର ସମ୍ବତ୍ସର କନ୍ୟା(ଆଶ୍ୱିନ)ଦି୧୫ନ ଠାରୁ ତୁଳା(କାର୍ତ୍ତିକ)ଦି୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | | ସୂର୍ଯ୍ୟାସ୍ତ |
|---|---|---|
| ତା୧ | –ଘ୫।୪୧ | ଘ୫।୩୨ |
| ତା୧୦ | –ଘ୫।୪୩ | ଘ୫।୨୪ |
| ତା୨୦ | –ଘ୫।୪୬ | ଘ୫।୧୬ |
| ତା୩୧ | –ଘ୫।୫୧ | ଘ୫।୧୦ |

| | | | | | |
|---|---|---|---|---|---|
| ରବି SUN | | ୪<br>୧୮ ଅଷ୍ଟମୀ<br>ନବମୀକ୍ଷଃ<br>ପୁନର୍ବସୁ ମିଥୁନ | ୧୧<br>୨୫ ପ୍ରତିପଦ<br>ଚିତ୍ରା ତୁଳା | ୧୮<br>୨ ସପ୍ତମୀ<br>ପୂର୍ବାଷାଢ଼ା ଧନୁ | ୨୫<br>୯ ଚତୁର୍ଦ୍ଦଶୀ<br>ରେବତୀ ମୀନ |
| ସୋମ MON | | ୫<br>୧୯ ଦଶମୀ<br>ପୁଷ୍ୟା କର୍କଟ | ୧୨<br>୨୬ ଦ୍ୱିତୀୟା<br>ସ୍ୱାତୀ ତୁଳା | ୧୯<br>୩ ଅଷ୍ଟମୀ<br>ଉତ୍ତରଷାଢ଼ା ମକର | ପୂର୍ଣ୍ଣିମା ୨୬<br>୧୦ ଅଶ୍ୱିନୀ<br>ମେଷ |
| ମଙ୍ଗଳ TUE | | ଏକାଦଶୀ ୬<br>୨୦ ଅଶ୍ଳେଷା<br>କର୍କଟ | ୧୩<br>୨୭ ତୃତୀୟା<br>ବିଶାଖା ତୁଳା | ୨୦<br>୪ ନବମୀ<br>ଶ୍ରବଣା ମକର | ୨୭<br>୧୧ ପ୍ରତିପଦ<br>ଦ୍ୱିତୀୟା କ୍ଷଃ<br>ଦ୍ୱିଜା ମେଷ |
| ବୁଧ WED | | ୭<br>୨୧ ଦ୍ୱାଦଶୀ<br>ମଘା ସିଂହ | ୧୪<br>୨୮ ଚତୁର୍ଥୀ<br>ଅନୁରାଧା ବିଛା | ୨୧<br>୫ ଦଶମୀ<br>ଧନିଷ୍ଠା ମକର | ୨୮<br>୧୨ ତୃତୀୟା<br>କୃତ୍ତିକା ବୃଷ |
| ଗୁରୁ THU | ୧<br>କନ୍ୟା ଦି୧୫ନ<br>ପଞ୍ଚମୀ କୃତ୍ତିକା ରୋହିଣୀ ବୃଷ | ୮<br>୨୨ ତ୍ରୟୋଦଶୀ<br>ପୂର୍ବାଫା ସିଂହ | ୧୫<br>୨୯ ପଞ୍ଚମୀ<br>ଜ୍ୟେଷ୍ଠା ବିଛା | ଏକାଦଶୀ ୨୨<br>୬ ଶତଭିଷା<br>କୁମ୍ଭ | ୨୯<br>୧୩ ଚତୁର୍ଥୀ<br>ରୋହିଣୀ ବୃଷ |
| ଶୁକ୍ର FRI | ୨<br>୧୬ ଷଷ୍ଠୀ<br>ମୃଗଶିରା ବୃଷ | ୯<br>୨୩ ଚତୁର୍ଦ୍ଦଶୀ<br>ଉତ୍ତରଫା କନ୍ୟା | ୧୬<br>୩୦ ଷଷ୍ଠୀ<br>ଜ୍ୟେଷ୍ଠା ବିଛା | ୨୩<br>୭ ଦ୍ୱାଦଶୀ<br>ପୂର୍ବାଭାଦ୍ର କୁମ୍ଭ | ୩୦<br>୧୪ ପଞ୍ଚମୀ<br>ମୃଗଶିରା ମିଥୁନ |
| ଶନି SAT | ୩<br>୧୭ ସପ୍ତମୀ<br>ଆର୍ଦ୍ରା ମିଥୁନ | ଅମାବାସ୍ୟା ୧୦<br>୨୪ ହସ୍ତା<br>କନ୍ୟା | ୧୭<br>ତୁଳା ଦି୧ନ<br>ଷଷ୍ଠୀ ମଳ<br>ମୂଳା ଧନୁ | ୨୪<br>୮ ତ୍ରୟୋଦଶୀ<br>ଉତ୍ତରାଭାଦ୍ର ମୀନ | ୩୧<br>୧୫ ଷଷ୍ଠୀ<br>ଆର୍ଦ୍ରା ମିଥୁନ |

## ପର୍ବଦିନ

ତା୧ ଗଜ ଷଷ୍ଠୀ

**ତା୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ**

ତା୩ ଶ୍ରୀ ଦୁର୍ଗା ଦେବ୍ୟାଃଉତ୍ଥାପନ, ସହସ୍ର କୁମ୍ଭାଭିଷେକ, ଷୋଡଶଦିନାତ୍ମକ ପୂଜା, ମୂଳାଷ୍ଟମୀ ଓ ଦ୍ୱିତୀବାହାନ ଓଷା ।

ତା୬ ଇନ୍ଦିରା ଏକାଦଶୀ ଉପବାସ ଓ ହ.ନି

ତା୯ ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା

**ତା୧୦ ମହାଳୟା ଅମାବାସ୍ୟା,** ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳନିଷେଧ

ତା୧୧ ଶ୍ରୀ ଦୁର୍ଗା ଦେବ୍ୟାଃ ନବ ଦିନାତ୍ମକ ପୂଜାରମ୍ଭ, ମା ବିରଜା ଦେବୀଙ୍କ ରଥଯାତ୍ରା ଓ ଦୁର୍ଗା ମାଧବଙ୍କ ବାହାର ବିଜେ।

ତା୧୨ ଚନ୍ଦ୍ର ଦର୍ଶନ ପୂଜା ଓ ଉପବାସ

ତା୧୫ ନତଃ ପଞ୍ଚମୀ, ମା'ବିରଜା ଦେବୀଙ୍କ ପଞ୍ଚମୀ ହୋମ ଓ ଗୁରୁପଞ୍ଚମୀ ବ୍ରତ।

ତା୧୬ ତପଃ ଷଷ୍ଠୀ ଓ ମୃଣ୍ମୟୀ ଦେବୀଙ୍କ ବିଲ୍ୱାଧିବାସ

**ତା୧୭ ପୀଠେ ଶ୍ରୀ ଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା, ମୃଣ୍ମୟୀ ଦେବୀଙ୍କ ମହାସପ୍ତମୀ ପୂଜା, ତୁଳା (ଗର୍ଭଣା ସଂକ୍ରାନ୍ତି) ଉପବାସ ଓ ହଳନିଷେଧ।**

**ତା୧୮ ପୀଠେ ମହାଷ୍ଟମୀ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା ଓ ଶରଣ ଆରମ୍ଭ**

**ତା୧୯ ପୀଠେ ଓ ମୃଣ୍ମୟୀଦେବୀଙ୍କ ମହାନବମୀ ପୂଜା**

**ତା୨୦ ପୀଠେ ଓ ମୃଣ୍ମୟୀ ଦେବୀଙ୍କ ଦଶହରା**

**ତା୨୧ ଶ୍ରୀମନ୍ଦିରରେ ଦଶହରା,** ସୋମନାଥ ବ୍ରତଉଦ୍‌ଯାପନ ଓ **ଭସାଣି**

ତା୨୨ ପାପାଙ୍କୁଶା ଏକାଦଶୀ ଉପବାସ ଓ ହ.ନି

ତା୨୩ ଶରଣଶେଷ

ତା୨୪ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

**ତା୨୫ କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା** ଓ ଚନ୍ଦ୍ରପୂଜା

**ତା୨୬ କୁମାର ପୂର୍ଣ୍ଣିମା,** କାର୍ତ୍ତିକ ବ୍ରତାରମ୍ଭଃ ଓ ପଣ୍ଡିତ ବିଷ୍ଣୁ ପ୍ରସାଦ ଖଡୀରତ୍ନଙ୍କ ଶ୍ରାଦ୍ଧ

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

"Your NUTRITIONIST"

Calendarkohinoor.com

# ସନ ୨୦୨୬ ମସିହା ଅକ୍ଟୋବର୍ ମାସର ବାର ରାଶିଫଳ

**ମେଷ** – ସନ୍ତାନ ସମ୍ବନ୍ଧିୟ କୌଣସି ମହତ୍ୱପୂର୍ଣ୍ଣ କାମ ଆପଣଙ୍କ ଦ୍ୱାରା ହୋଇପାରେ। ଗୁରୁଜନ ଓ ବୃଦ୍ଧଜନଙ୍କ ସେବା କଲେ ଅନେକ ଆଶୀର୍ବାଦ ପାଇବେ। କମିଶନ କାର୍ଯ୍ୟରେ ଲାଭ ହେବାର ସମ୍ଭାବନା ଅଛି। ରାଜନୀତି କ୍ଷେତ୍ରରେ ସଂଘର୍ଷ ମଧ୍ୟ ଦେଇ ସମୟ ବିତାଇବେ। ଭାତୃ ବିବାଦ, ଜମିବାଡି ଓ ଘରଜାଗା ନେଇ ଦ୍ୱନ୍ଦର ସମାଧାନ ହେବ। ପାରିବାରିକ ମାମଲା ବହୁତ ଶାନ୍ତି ପୂର୍ଣ୍ଣ ରହିବ। ଅଚାନକ ଧନପ୍ରାପ୍ତି ହେବା ଫଳରେ ଆର୍ଥିକ ଉନ୍ନତି ହେବା ସହ ମାନ ସମ୍ମାନ ବୃଦ୍ଧି ହେବ। ବହୁତ ଦିନରୁ ଯେଉଁ କାମ ପାଇଁ ଚିନ୍ତା କରୁଥିଲେ ତାହା ଅଳ୍ପ ପ୍ରୟାସରେ ପୂରଣ ହୋଇପାରେ। ପ୍ରକାଶନ ଓ ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। କୌଣସି ନୂତନ ବ୍ୟକ୍ତିଙ୍କୁ ଭରସା କରି କାର୍ଯ୍ୟକଲେ ଫାଇଦା ଉଠାଇବେ। ପଢ଼ାପଢ଼ିରେ ମାନସିକ ଶାନ୍ତି ଦେଖାଦେବ। **ପ୍ରତିକାର** – ପ୍ରତ୍ୟେକଦିନ ଅସହାୟଙ୍କୁ ସାହାଯ୍ୟ କରନ୍ତୁ।

**ବୃଷ** – ଶାରୀରିକ କଷ୍ଟ ଦୂର ହୋଇ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ। କାମକାର୍ଯ୍ୟରେ ନୂଆ ଉପଲବ୍ଧି ଆପଣଙ୍କ ପ୍ରତୀକ୍ଷାରେ ରହିବ। ସମସ୍ତ କ୍ଷେତ୍ରରେ ଖୁସି ମିଳିବ। କୌଣସି ନୂତନ ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ପାରିବାରିକ କ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା କାଏମ ରହିବ। ଜାଗା, ଜମି ଉଚ୍ଚସ୍ତରୀୟ ବାହନ ଆଦି କ୍ରୟ ନକରିବା ଉଚିତ୍। ରାଜନୀତିରେ ବରିଷ୍ଠ ବ୍ୟକ୍ତି ଉଚ୍ଚାଧିକାରୀଙ୍କ ସହ ସମ୍ବନ୍ଧ ଦୃଢ଼ୀଭୂତ ହେବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବିଦ୍ୟାକ୍ଷେତ୍ରରେ ସଂଘର୍ଷ ମଧ୍ୟ ଦେଇ ସମୟ ବିତାଇବେ। ପ୍ରେମିକ ପ୍ରେମିକା ମାନେ କଥା କଟାକଟିକୁ ନେଇ ଆନନ୍ଦସହ କଷ୍ଟ ଅନୁଭବ କରି ପାରନ୍ତି। ଯେଉଁ ଯାଗାରେ ଦସ୍ତଖତ କରିବାକୁ ପଡିବ ବୁଝିବିଚାରି କରିବେ। ବ୍ୟବସାୟରେ ଉଧାର ଦେଲେ ଫେରି ପାଇବା କଷ୍ଟକର ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମିଥୁନ** – ଆକସ୍ମିକ ଧନ ପ୍ରାପ୍ତି ହେବ। ଜାଗା, ଜମି ଓ ଅନ୍ୟ ବ୍ୟବସାୟ କ୍ଷେତ୍ରରେ ଅନେକ ଦିନ ଧରି ଚାଲିଥିବା ଦ୍ୱନ୍ଦର ସମାଧାନ ହେବ। ପିଲାମାନଙ୍କର ପାଠପଢ଼ା ନେଇ ବହୁ ଦିଗରୁ ମନୋବଳ ଓ ସାମର୍ଥ୍ୟ ବୃଦ୍ଧି ପାଇବା ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ବ୍ୟାପାର ଓ କାରବାରରେ ସୁଧାର ଆସିବ। ଟଙ୍କାର ଆବଶ୍ୟକତା ପୂରଣ ହେବ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବ। ଅଧିକାରୀ କାମରେ ପ୍ରସନ୍ନ ରହିବେ। ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। ଗୁରୁଜନଙ୍କ ସେବା ଓ ସହମତିରେ ଆଗକୁ ବଢ଼ିପାରିବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ସବୁ କିଛି ସୁନ୍ଦର ହିଁ ସୁନ୍ଦର ଦେଖାଦେବ। ଅନେକ ଶୁଭକର୍ମର ସୁଯୋଗ ପାଇବେ। ଶତ୍ରୁମାନେ ପରାଜିତ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଭୋକିଲା ଲୋକଙ୍କୁ ଖାଇବାକୁ ଦିଅନ୍ତୁ।

**କର୍କଟ** – ଅନ୍ୟମାନଙ୍କୁ ସାହାଯ୍ୟ କରିବେ, ତେଣୁ ଲୋକମାନେ ଆପଣଙ୍କୁ ସମ୍ମାନ ଦେବେ। ଘରୋଇ କର୍ମକ୍ଷେତ୍ରରେ ସହକର୍ମୀ ମାଲିକଙ୍କ ଠାରୁ ପ୍ରଶଂସିତ ହେବେ। ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଯେ କୌଣସି କାର୍ଯ୍ୟ ହାତକୁ ନେଲେ ଶେଷ କରିବା ପରେ ଆଶ୍ୱସ୍ତି ହେବେ। ଅନ୍ୟକୁ ନିଜ ସହ ତୁଳନା କରି ମାନସିକ ଶାନ୍ତି ଅନୁଭବ କରିବେ। ପୁରାତନ ରୋଗପ୍ରତି ସାବଧାନ ରହିଲେ ଭଲ। ସମସ୍ତ ଚିନ୍ତାରୁ ମୁକ୍ତି ମିଳିବ। ଉଚ୍ଚ କର୍ମକର୍ତ୍ତାଙ୍କ ସୁଦୃଷ୍ଟି ପ୍ରାପ୍ତି ହେବା ସହ ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପାରିବାରିକ ସୁଖଶାନ୍ତି ବୃଦ୍ଧି ହେବ। ପ୍ରେମ ପ୍ରସଙ୍ଗରେ ସଫଳତା ମିଳିବ। ମାନସିକ ଶାନ୍ତି ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଭୋକିଲା ଲୋକଙ୍କୁ ନିରାଶ କରନ୍ତୁ ନାହିଁ।

**ସିଂହ** – ଶୁଭ ସମାଚାର ଶୁଣିବାକୁ ମିଳିବ। ଗୁରୁଜନ ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ହେବା ଫଳରେ ଶତ୍ରୁ ଓ ବିରୋଧୀମାନେ ପରାସ୍ତ ହେବେ। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବେ ଓ ବହୁବିଧ ଲାଭ ମିଳିବ। ଅନେକ କ୍ଷେତ୍ରରେ ସୁଯୋଗ ପାଇ କାମ କାର୍ଯ୍ୟର ଦାୟିତ୍ୱ ବଢ଼ିବ। ଜାଗା, ଜମି, ସମ୍ପତ୍ତି ଓ ଯାନବାହାନ ସମ୍ବନ୍ଧୀୟ କେତେ ସମସ୍ୟା ସମାଧାନ ହୋଇଯିବ। କୌଣସି ରୋଚକ ବା ଜ୍ଞାନବର୍ଦ୍ଧକ ସାହିତ୍ୟ ପ୍ରତି ମନ ବଳାଇବେ। କଳା, ସଂଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିଦ୍ୟା କ୍ଷେତ୍ରରେ ଧୈର୍ଯ୍ୟ ଓ ସଂଯମତା ରଖି ପାରିଲେ ବିଶେଷ ଲାଭାନ୍ୱିତ ହେବେ। ନୂତନ ବନ୍ଧୁ ଭେଟ ହେବା ଫଳରେ ମନସନ୍ତୁଷ୍ଟ ରହିବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆ ବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କନ୍ୟା** – ପରିବାରରେ ମାନ ମନାନ୍ତର ଦୂର ହୋଇ ସୁଖ, ସମ୍ପତ୍ତି-ଲାଭ ହେବ। କାରବାରରେ ସୁଧାର ଆସିବା ଫଳରେ ଅଧିକ ଲାଭ ପାଇ ମନ ଖୁସି ହେବ। ଧୈର୍ଯ୍ୟ ଓ ସହନଶୀଳତା ଯୋଗେ ଯଶ ମିଳିବ। ପୁରାତନ ବନ୍ଧୁ ଓ ମିତ୍ରଙ୍କ ସହଯୋଗ ଅଧିକ ଲାଭଦାୟକ ହେବ। ଘର ଓ ପରିବାରରେ ସୁଖଦାୟକ ବାତାବରଣ ଦେଖାଦେବ। ବ୍ୟବସାୟରେ କ୍ଷତି ଅପେକ୍ଷା ଲାଭର ପରିମାଣ ଅଧିକ ହେବ । ଶିକ୍ଷାକ୍ଷେତ୍ରରେ ମାନସିକ ସ୍ଥିରତା ଦେଖାଦେବ। ରାଜନୀତିକ୍ଷେତ୍ରରେ ସହଯୋଗୀଙ୍କ ଠାରୁ ଆଶାତୀତ ସହଯୋଗ ପ୍ରାପ୍ତି ହୋଇ ପ୍ରତିଷ୍ଠା, ପ୍ରତିପତ୍ତି ବୃଦ୍ଧି ପାଇବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। ସତର୍କତା ଅବଲମ୍ବନ ନ କଲେ କୌଣସି ଭୁଲ୍ କାମରେ ଫଶିଯିବ। ଶାରିରୀକ ଅସୁସ୍ଥତା ସହ ଅଶାନ୍ତି ଦେଖାଦେଇ ପାରେ **ପ୍ରତିକାର** – ପ୍ରତ୍ୟେକଦିନ ଅସହାୟଙ୍କୁ ସାହାଯ୍ୟ କରନ୍ତୁ।

**ତୁଳା** – ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବ ଓ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇପାରେ। ବୃତ୍ତିଗତ କର୍ମକୁ ଅଧିକ ଗୁରୁତ୍ୱ ଦେଇ ଚାକିରି କ୍ଷେତ୍ରରେ ଉନ୍ନତି କରି ପାରିବେ। ଆର୍ଥିକ ଦିଗରୁ ଉନ୍ନତି କରି ପାରିବେ। ଆର୍ଥିକ ଦିଗରୁ ଉନ୍ନତି ହେବେ ମଧ୍ୟ ବ୍ୟୟ ଭାର ବୃଦ୍ଧି ହେବ। ଉଚ୍ଚପଦାଧିକାରୀଙ୍କ ଠାରୁ ସାହାଯ୍ୟସହଯୋଗ ପାଇ ବନ୍ଧୁ, ମିତ୍ର ଏବଂ ସହକର୍ମୀ ମାନଙ୍କ ଦ୍ୱାରା ଲାଭବାନ୍ ହେବେ। ମାଲିମୋକଦ୍ଦମାରେ ଆପୋଷ ସମାଧାନର ରାସ୍ତା ଖୋଲିଯିବ। ରାଜନୈତିକ କ୍ଷେତ୍ରର ସାବଧାନତା ପୂର୍ବକ ପାଦ ବଢ଼େଇବା ବୁଦ୍ଧିମତା ପୂର୍ଣ୍ଣ ହେବ। ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଗତି କରିବା ସାଙ୍ଗକୁ ପାରିବାରିକ ଦୁଶ୍ଚିନ୍ତାରେ ମାନସିକ ଅଶାନ୍ତି ଦେଖାଦେବ। କାର୍ଯ୍ୟର ପ୍ରଗତିପାଇଁ ସମସ୍ତ ପ୍ରକାର ପ୍ରୟାସ କରି ହଇରାଣ ହରକତ ହେବାକୁ ପଡିପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ ଖାଦ୍ୟ ଦିଅନ୍ତୁ।

**ବିଛା** – ସ୍ୱାସ୍ଥ୍ୟ ଦିଗରୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁ ମିତ୍ରମାନଙ୍କ ସମର୍ଥନ ଓ ପରିବାର ଲୋକଙ୍କର ସାହାଯ୍ୟ ସହଯୋଗ ହେତୁ ଖୁସି ହେବେ। ଅଧସ୍ତନ କର୍ମୀ ଓ ନିମ୍ନବର୍ଗଙ୍କ ସୌଜନ୍ୟରୁ ସାହାଯ୍ୟ ସମର୍ଥନ ହାସଲ କରିବା ଫଳରେ ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସରକାରୀ ସାହାଯ୍ୟ ମିଳିପାରେ। ରାଜନୈତିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ହେବା ସହ ସୁନାମ ଅର୍ଜନ କରିବେ। ଅଚାନକ ଭାବରେ ଧନପ୍ରାପ୍ତି କରିବାର ସୁଯୋଗ ମିଳିବ। ଗୃହରେ କୌଣସି ଶୁଭକର୍ମ ସମ୍ପାଦନ କରିପାରନ୍ତି। ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ। ଚତୁରାତା ସହ ଗତିକରି କାମ ହାସଲ କରିବେ। ସମ୍ପତ୍ତି ସମ୍ବନ୍ଧିତ ଶୁଭ ସମାଚାର ଶୁଣିବାକୁ ମିଳିବ। ନୂତନ ବସ୍ତୁ କ୍ରୟ କରିପାରିବେ। ଶତ୍ରୁ ଓ ବିରୋଧୀମାନେ କିଛି କ୍ଷତି କରି ପାରିବେ ନାହିଁ। ଗଠନମୂଳକ କାର୍ଯ୍ୟପ୍ରତି ଆଗ୍ରହ ବଢ଼ିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ଧନୁ** – ସହଯୋଗୀ, ସହକର୍ମୀ, ବରିଷ୍ଠ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ନିବିଡ଼ ହେବା ଫଳରେ ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ ହାସଲ କରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ। ସନ୍ତାନ ସନ୍ତତି ମାନଙ୍କ ଖୁସିରେ ଆନନ୍ଦିତ ହେବେ। ନୂତନ ବନ୍ଧୁଙ୍କୁ ପାଇ ଖୁସୀ ହେବା ସହ ହସଖୁସିରେ ସମୟ ବିତାଇବେ। ବ୍ୟବସାୟରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ। ବୁଦ୍ଧିମତା କାରଣରୁ ପ୍ରଚୁର ଅର୍ଥ ଲାଭ ହେବ। କର୍ମଜୀବି ମାନଙ୍କ ପାଇଁ ସହକର୍ମୀ ଓ ପଦାଧିକାରୀମାନେ ସହଯୋଗ କରିବା ଫଳରେ ସାମାଜିକ ପତିଆରା ଅମଳିନ ରହିବ। ବିଦ୍ୟାର୍ଥୀମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ। ଶୁଭ ସମାଚାର ମିଳିବା ଫଳରେ ଖୁସିହେବେ। ଭାଇ ଭଉଣୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିବା ଫଳରେ ପାରିବାରିକ ଜୀବନରେ ଶାନ୍ତି ଅନୁଭବ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ମକର** – ବ୍ୟବସାୟୀକ କ୍ଷେତ୍ରରେ ଉନ୍ନତି ହେବା ସହ ବୁଦ୍ଧିମତା କାରଣରୁ କିଛି ଅର୍ଥ ଲାଭହେବ। ରାଜନୀତି କ୍ଷେତ୍ରରେ ସୁସମ୍ପର୍କ ସ୍ଥାପନ କରି ନିଜର ଭାବମୂର୍ତ୍ତିକୁ ଉଜ୍ଜ୍ୱଳତର କରିବାର ସାମର୍ଥ୍ୟ ବଢ଼ିବ। ପାରିବାରିକ କ୍ଷେତ୍ରରେ ଭୁଲ ବୁଝାମଣା, ରାଗାରୁଷା, ମାନଅଭିମାନ, କଳହ ଇତ୍ୟାଦି ଅଳ୍ପ ବହୁତ ଦେଖାଦେଲେ ମଧ୍ୟ କୁ ପ୍ରଭାବ ପଡିବ ନାହିଁ। ଆପଣା ଲୋକଙ୍କ ସାହାଯ୍ୟ ପାଇ ଧନ ଲାଭ ହେବ। ଶିକ୍ଷାର୍ଥୀମାନେ ଉନ୍ନତିର ଛକ ଉପରେ ପଦାର୍ପଣ କରି ଲକ୍ଷ୍ୟପୂରଣ ଆଡକୁ ଆଗେଇ ପାରିବେ। ଧର୍ମ କର୍ମରେ ରୁଚି ରହିଲେ ସୁଖ ଶାନ୍ତିରେ ଦିନଟି କଟାଇ ପାରିବେ। ପ୍ରେମ ପ୍ରସଙ୍ଗରେ ଅଧିକ ଘନିଷ୍ଠତା ହେବ। ଯୋଜନା ମୁତାବକ କାମ କରନ୍ତୁ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ତଳୁ ଉପର ସ୍ତର ଯାଏଁ ଆଦୃତି ଓ ମାନ୍ୟତା ଅର୍ଜ୍ଜନ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**କୁମ୍ଭ** – ସାମାଜିକ ପତିଆରା ଅମଳିନ ରହିବ। ଆୟ ଉପାର୍ଜନ ବୃଦ୍ଧି ହେବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୁଧୁରି ଯିବ। ଅଚାନକ ଧନ ଲାଭ ହେବାରୁ ମନ ଖୁସି ରହିବ। ସ୍ୱାସ୍ଥ୍ୟ ଠିକ୍ ରହିବ। ଆକସ୍ମିକ ଅର୍ଥଲାଭ, ସୁନାମ ପ୍ରାପ୍ତି, ସମ୍ମାନ ବୃଦ୍ଧି ହେବ ଯଦିଚ ସତର୍କ ରହି ଆର୍ଥିକ ଭାରସାମ୍ୟ ରକ୍ଷାକରି ପାରିବେ। ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟକରି ଚାଲିବା ହିତକର। ଦକ୍ଷତାକୁ କେନ୍ଦ୍ରକରି ଉଚ୍ଚମାନ୍ୟତାରେ ବୃଦ୍ଧି ହୋଇପାରେ। ଅନେକ ପ୍ରକାର ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ବ୍ୟବସାୟ ବାଣିଜ୍ୟ କିମ୍ବା ଯୌଥ ପରିବାର ସମ୍ପର୍କୀୟ କୌଣସି ଘଟଣା ଯୋଗୁ ବିଶେଷ ବ୍ୟସ୍ତ ରହିବେ। ଶତ୍ରୁମୁକ୍ତ ନିରୁପଦ୍ରବ ଜୀବନଚର୍ଯ୍ୟ କାଏମ୍ ରଖି ପାରିଲେ ଲାଭ ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମୀନ** – ଶ୍ରମିକ ଓ କର୍ମଚାରୀମାନେ ଦୂର ଓ ନିକଟ କାର୍ଯ୍ୟରେ ତିଷ୍ଠି ରହି ପାରିବେ। ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ। ବ୍ୟବସାୟୀ ମାନଙ୍କର କାରବାର ବଢ଼ିବ ଓ ଲୋକ ସମ୍ପର୍କ ବୃଦ୍ଧି ହେବ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ମଧୁରତା ଆସିବ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ହେବ। ଧୀରସ୍ଥିର ଭାବରେ ପାରିବାରିକ ସମସ୍ୟା ସୁଧାରି ନେବା ଉଚିତ୍। ଆର୍ଥିକ ପରିସ୍ଥିତି ଉତ୍ତମ ଥିଲେ ମଧ୍ୟ ବସନ ଭୂଷଣରେ ଅଧିକ ବ୍ୟୟ ଘଟିବ। ରାଜନୀତିରେ ସମାଲୋଚିତ ହେଲେ ମଧ୍ୟ ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରହିବ। ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଗତି କରିବା ସାଙ୍ଗକୁ ମାନସିକ ଅଶାନ୍ତି ଦେଖାଦେଇ ପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁକୁରକୁ ଖାଇବାକୁ ଦିଅନ୍ତୁ।

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ - ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୪ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ନଭେମ୍ବର୍ ୨୦୨୬
## NOVEMBER 2026

ରୌଦ୍ର ସମ୍ବତ୍ସର ତୁଳା (କାର୍ତ୍ତିକ) ଦି ୧୬ନ ଠାରୁ ବିଛା (ମାର୍ଗଶୀର) ଦି ୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୫୧ | ଘ୫।୧୦ |
| ତା୧୦–ଘ୫।୫୬ | ଘ୫।୦୫ |
| ତା୨୦–ଘ୬।୦୨ | ଘ୫।୦୩ |
| ତା୩୦–ଘ୬।୦୮ | ଘ୫।୦୨ |

| ରବି SUN | ସୋମ MON | ମଙ୍ଗଳ TUE | ବୁଧ WED | ଗୁରୁ THU | ଶୁକ୍ର FRI | ଶନି SAT |
|---|---|---|---|---|---|---|
| ୧ ତୁଳା ଦି ୧୬ନ ସପ୍ତମୀ ପୁନର୍ବସୁ ପୁଷ୍ୟା କର୍କଟ | ୨ ୧୭ ଅଷ୍ଟମୀ ଅଶ୍ଳେଷା କର୍କଟ | ୩ ୧୮ ନବମୀ ମଘା ସିଂହ | ୪ ୧୯ ଦଶମୀ ପୂର୍ବାଫା ସିଂହ | ଏକାଦଶୀ ୫ ୨୦ ଉତ୍ତରଫା ସିଂହ | ୬ ୨୧ ଦ୍ୱାଦଶୀ ହସ୍ତା କନ୍ୟା | ୭ ୨୨ ତ୍ରୟୋଦଶୀ ଚିତ୍ରା କନ୍ୟା |
| ୮ ୨୩ ଚତୁର୍ଦ୍ଦଶୀ ଚିତ୍ରା ତୁଳା | ଅମାବାସ୍ୟା ୯ ୨୪ ସ୍ୱାତୀ ତୁଳା | ୧୦ ୨୫ ପ୍ରତିପଦ ବିଶାଖା ବିଛା | ୧୧ ୨୬ ଦ୍ୱିତୀୟା ଅନୁରାଧା ବିଛା | ୧୨ ୨୭ ତୃତୀୟା ଜ୍ୟେଷ୍ଠା ବିଛା | ୧୩ ୨୮ ଚତୁର୍ଥୀ ମୂଳା ଧନୁ | ୧୪ ୨୯ ପଞ୍ଚମୀ ପୂର୍ବାଷାଢ଼ା ଧନୁ |
| ୧୫ ୩୦ ଷଷ୍ଠୀ ଉତ୍ତରାଷାଢ଼ା ମକର | ୧୬ ବିଛା ଦି ୧ନ ସପ୍ତମୀ ଶ୍ରବଣା ମକର | ୧୭ ୨ ଅଷ୍ଟମୀ ଧନିଷ୍ଠା ମକର | ୧୮ ୩ ନବମୀ ଶତଭିଷା କୁମ୍ଭ | ୧୯ ୪ ନବମୀ ମଳ ଶତଭିଷା କୁମ୍ଭ | ୨୦ ୫ ଦଶମୀ ପୂର୍ବଭାଦ୍ର ମୀନ | ଏକାଦଶୀ ୨୧ ୬ ଦ୍ୱାଦଶୀ କ୍ଷଃ ଉତ୍ତରଭାଦ୍ର ମୀନ |
| ୨୨ ୭ ତ୍ରୟୋଦଶୀ ରେବତୀ ଅଶ୍ୱିନୀ ମୀନ | ୨୩ ୮ ଚତୁର୍ଦ୍ଦଶୀ ଦ୍ୱିଜା ମେଷ | ପୂର୍ଣ୍ଣିମା ୨୪ ୯ କୃତ୍ତିକା ମେଷ | ୨୫ ୧୦ ପ୍ରତିପଦ ରୋହିଣୀ ବୃଷ | ୨୬ ୧୧ ଦ୍ୱିତୀୟା ମୃଗଶିରା ବୃଷ | ୨୭ ୧୨ ତୃତୀୟା ଆର୍ଦ୍ରା ମିଥୁନ | ୨୮ ୧୩ ଚତୁର୍ଥୀ ପଞ୍ଚମୀ କ୍ଷଃ ପୁନର୍ବସୁ ମିଥୁନ |
| ୨୯ ୧୪ ଷଷ୍ଠୀ ପୁଷ୍ୟା କର୍କଟ | ୩୦ ୧୫ ସପ୍ତମୀ ଅଶ୍ଳେଷା କର୍କଟ | | | | | |

**ଭାଗସଂଖ୍ୟା** – ବର୍ଷାଭା୧୭ଗ ବାତ ଭା୧୧ଗ ଧାନ୍ୟ ଭା୫ଗ ତୃଣ ଭା୧୩ ଶୀତ ଭା୧୭ ଉଷ୍ମ ଭା୧୩ ହାନି ଭା୧୫ ବୃଦ୍ଧି ଭା୧୫ ପୁଷ୍ପ ଭା୧୧ ରସ ଭା୮୪ ଫଳଭା୫୪ ଦୁଗ୍ଧ ଭା୨୪ ବସ୍ତ୍ର ଭା୬୪ ଅଗ୍ନି ଭା୮୪ ରୋଗ ଭା୬୪ ଅମୃତ ଭା୭୪ ବିଷ ଭା୭୪ ଔଷଧ ଭା ୫୪ ବ୍ୟାଧି ଭା୧୫ ସଦ୍ଭା୯ ଉପଶମ ଭା୩ ଆଚାର ଭା୧୧ ଦୁରାଚାର ଭା୧୫ ମରଣ ଭା୧୧ ଜନ୍ମ ଭା୧୩ ଦେଶୋପଦ୍ରବ ଭା୧୩ ଦେଶସ୍ୱାସ୍ଥ୍ୟ ଭା୯।

## ପର୍ବଦିନ

- ତା୫ ରମା ଏକାଦଶୀ ଉପବାସ, ଗୋବତ୍ସ ଦ୍ୱାଦଶୀ ଓ ହଳନିଷେଧ
- ତା୭ ଧନ୍ୱନ୍ତରୀ ଜୟନ୍ତୀ, ନରକ ଚତୁର୍ଦ୍ଦଶୀ ଓ ଉପବାସ।
- **ତା୮ ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା,** ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
- ତା୯ କାର୍ତ୍ତିକ ଅମାବାସ୍ୟା ଓ ସୋମମହତୀ ସ୍ନାନ
- **ତା୧୦ ଗୋବର୍ଦ୍ଧନ ପୂଜା,** ଅନ୍ନକୂଟ ଚନ୍ଦ୍ରଦର୍ଶନ ପୂଜା ଓ ଉପବାସ
- ତା୧୧ ଯମ ଓ ଭ୍ରାତୃ ଦ୍ୱିତୀୟା
- ତା୧୩ ନାଗ ଚତୁର୍ଥୀ
- **ତା୧୪ ଶିଶୁଦିବସ, ଜବାହାରଲାଲ ନେହେରୁଙ୍କ ଜୟନ୍ତୀ** ଓ ଶରଣ ଆରମ୍ଭ
- **ତା୧୬ ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା** ଷୋଳଶାସନ ଅମୃତ ମଣୋହି ଭୋଗ ଓ ହ.ନି
- ତା୧୭ ଗୋଷ୍ଠାଷ୍ଟମୀ
- ତା୧୮ ଅଁଳା ନବମୀ, ଜଗଧାତ୍ରୀ ପୂଜା, ଶ୍ରୀରାଧାଙ୍କ ପାଦଦର୍ଶନ ଓ ଭାଗବତ ସପ୍ତାହ ପାଠ।
- ତା୧୯ ଶରଣ ଶେଷ
- ତା୨୦ ଶରଦ୍ରାସାଧିବାସ ଓ ରାଧା ଦାମୋଦର ବେଶ ସମାପ୍ତି
- ତା୨୧ ଦେବୋତ୍ଥାପନ (ବଡ) ଏକାଦଶୀ, ଗରୁଡ଼ ଦ୍ୱାଦଶୀ, ତୁଳସୀ ବିବାହ ଓ ଭୀଷ୍ମ ପଞ୍ଚକ ବ୍ରତ
- **ତା୨୩ ଶିବ ଉତ୍ଥାପନ (ବଡଓଷା),** ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ଶେଷ ସୋମବାର
- **ତା୨୪ ରାସପୂର୍ଣ୍ଣିମା, କାର୍ତ୍ତିକ ବ୍ରତ ସମାପନ, କାର୍ତ୍ତିକେଶ୍ୱର ପୂଜା, ଚନ୍ଦ୍ରପୂଜା** ଓ **ବାଲିଯାତ୍ରା**
- **ତା୨୫ ଛାଡଖାଇ**
- ତା୨୬ ମାର୍ଗଶୀର ଗୁରୁବାର
- ତା୨୮ ସୀତା ବିବାହ
- ତା୨୯ ଶ୍ରୀକ୍ଷେତ୍ର ପରିକ୍ରମା

**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।**

Calendarkohinoor.com

Calendarkohinoor.com

# ସନ ୨୦୨୬ ମସିହା ନଭେମ୍ବର ମାସର ବାର ରାଶିଫଳ

**ମେଷ** – ଶାରିରୀକ ସୁସ୍ଥତା ଦେଖାଦେବ। ସହକର୍ମୀମାନେ ପରସ୍ପରକୁ ସାହାଯ୍ୟ ସହଯୋଗ କରି, ଗଠନମୂଳକ କାର୍ଯ୍ୟ ହାତକୁ ନେବେ। ନୂତନ କର୍ମପ୍ରାପ୍ତିର ସୁଯୋଗ ପାଇବେ। ଜାଗା, ଜମି, ଗୃହ ବାହନ ଆଦି ପାଇଁ ଚୁକ୍ତି ପତ୍ର ହେବ। କର୍ମ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପରିବାରରେ କୌଣସି ଜଟିଳ ସମସ୍ୟାର ସମାଧାନ ହୋଇ ଶାନ୍ତି ଦେଖା ଦେବ। ବ୍ୟବସାୟରେ ଉନ୍ନତି ସହ ଆଶାନୁରୂପ ଲାଭ କରିବେ। ଯେ କୌଣସି କାମରେ ହାତ ଦେଲେ, ସେଥିରେ ସଫଳତା ପାଇବେ। ବନ୍ଧୁ ବାନ୍ଧବଙ୍କ ଦ୍ୱାରା ସମସ୍ୟାର ସମାଧାନ ହୋଇ ସାମାଜିକ ପ୍ରତିଷ୍ଠା ମାନ ସମ୍ମାନ ବୃଦ୍ଧି ହେବ। ଅବିବାହିତ ଯୁବକ ଯୁବତୀ ମାନଙ୍କର ବିଭିନ୍ନ ସ୍ଥାନରୁ ପ୍ରସ୍ତାବ ମାନ ଆସିବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସଫଳତା ପାଇ ଆନନ୍ଦିତ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ବୃଷ** – ସମସ୍ତ ସମସ୍ୟା ଅପସରି ଯିବ। ମାଲିମୋକଦ୍ଦମାରେ ବିଜୟଲାଭ ହେବ। ଶତ୍ରୁମାନେ ତଳମୁହାଁ ହେବେ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବା ସହ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ସରକାରୀ କର୍ମଚାରୀ ମାନଙ୍କର କର୍ମ କ୍ଷେତ୍ରରେ ପଦୋନ୍ନତି ପାଇବାର ସୂଚନା ପାଇ ପାରନ୍ତି। ବରିଷ୍ଠ କର୍ମୀଙ୍କ ପ୍ରିୟ ପାତ୍ର ହେବା ସହ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇବେ। ବନ୍ଧୁ ମିତ୍ରମାନେ ସାହାଯ୍ୟ କରିବେ। ବାଦବିବାଦ, ପ୍ରତିଯୋଗିତା ପରୀକ୍ଷା, କ୍ରୀଡା ଓ ସାକ୍ଷାତ୍କାରରେ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ପାଇବେ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସୁବର୍ଣ୍ଣ ସୁଯୋଗ ପାଇ ଖୁସି ହେବେ। ରାଜନୀତି କ୍ଷେତ୍ରରେ ସହଯୋଗୀ ମାନେ ଅସହଯୋଗ କରିପାରନ୍ତି। ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଯୋଗେ ବ୍ୟବସାୟୀ ମାନଙ୍କର କାରବାର ବଢ଼ିବ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମିଥୁନ** – ସନ୍ତାନଙ୍କ ସମ୍ବନ୍ଧିତ କୌଣସି ମହତ୍ୱପୂର୍ଣ୍ଣ ଓ ଉନ୍ନତି ମୂଳକ ସଂବାଦ ମିଳିପାରେ। ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭବାନ୍ ହେବେ। ଦକ୍ଷତାକୁ କେନ୍ଦ୍ରକରି ଉଚ୍ଚମାନ୍ୟତାରେ ବୃଦ୍ଧି ହୋଇପାରେ। କର୍ମଚାରୀମାନେ ଉପରିସ୍ଥଙ୍କୁ ଆପଣାର କରି କୃପାଭାଜନ ହେବେ। ନୂତନ ଦାୟିତ୍ୱ ନେଇ ଧାଁ ଦଉଡ଼ କରିବାକୁ ପଡ଼ିବ ଓ ଦୂରଯାତ୍ରାର ସୁଯୋଗ ପାଇବେ। ଶାରିରୀକ ସୁସ୍ଥତା ଦେଖାଦେବ। ମାଲିମୋକଦ୍ଦମାରେ ସଫଳ ହେଲେ ମଧ୍ୟଅସ୍ଥିରତା ଦେଖାଦେବ। ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ପାଇବ। ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇ ଦୀର୍ଘଦିନ କରି ଅଧା ହୋଇ ପଡ଼ିଥିବା କାର୍ଯ୍ୟମାନ ଧିରେ ଧିରେ ପୂର୍ଣ୍ଣ ହୋଇଯିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଗୃହପାଳିତ ପଶୁଙ୍କ ଦ୍ୱାରା ବିଶେଷ ଲାଭନ୍ୱିତ ହେବେ। **ପ୍ରତିକାର** – ପ୍ରତ୍ୟେକଦିନ ମାଆବାପା ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କର୍କଟ** – ଯେକୌଣସି କାର୍ଯ୍ୟରେ ହାତ ଦେଲେ ସଫଳ ହେବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ କ୍ଷେତ୍ରରେ ନିରାଶା ଭାବ ଦୂର ହୋଇ ସ୍ଥିତି ସାମାନ୍ୟ ବଦଳିଯିବ। କର୍ମସଂଧାନୀ ମାନେ କର୍ମ ନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। ଶିକ୍ଷା କ୍ଷେତ୍ରରେ ନିଜ ଇଚ୍ଛାଶକ୍ତି ପ୍ରୟୋଗ ମାଧ୍ୟମରେ ଅହଂକାରକୁ ହ୍ରାସ କରି ପାରିଲେ ସମସ୍ତ ପରୀକ୍ଷାରେ ସଫଳତା ଲାଭ କରିବେ। ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ପ୍ରତିଷ୍ଠା ପ୍ରତିପତ୍ତି ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହଯୋଗୀମାନେ ସହଯୋଗ କରିବା ଫଳରେ ଓ ପ୍ରାଧାନ୍ୟ ବୃଦ୍ଧି ପାଇବ। ବିଶେଷକରି ଇଞ୍ଜିନିୟରିଂ କ୍ଷେତ୍ରରେ ଜଡିତ ଥିବା ବ୍ୟକ୍ତିମାନେ ଚାକିରୀରେ ପଦୋନ୍ନତି ପାଇବେ। ମାଲିମୋକଦ୍ଦମାରେ ଆପୋଷ ସମାଧାନ ରାସ୍ତା ଖୋଲିଯିବ। ପରୀକ୍ଷା ପରିଣାମ ମନ ଅନୁକୂଳ ହେବ ଓ ନୂତନକର୍ମରେ ନିଯୁକ୍ତି ପାଇ ପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ସିଂହ** – ଆକସ୍ମିକ ଅର୍ଥଲାଭ, ସୁନାମ ପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ। ଆର୍ଥିକ ଦିଗରୁ ଉନ୍ନତି ହେବା ଫଳରେ ନୂତନ ପଦାର୍ଥ ସଂଗ୍ରହ କରି ପାରନ୍ତି। ସମାଜିକ କ୍ଷେତ୍ରରେ ତଳୁ ଉପର ସ୍ତର ଯାଏ ଆଦୃତି ଓ ମାନ୍ୟତା ଅର୍ଜନ କରିବେ। କର୍ମକ୍ଷେତ୍ରରେ ରାଜକୀୟ ସମ୍ମାନ ମିଳିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଲାଭ ସୁନିଶ୍ଚିତ ଓ ସୁଖ ସମ୍ପଦ ପ୍ରାପ୍ତି ହେବ। ଧୀରସ୍ଥିର ଭାବରେ ପାରିବାରିକ ସମସ୍ୟା ଗୁଡିକୁ ସୁଧାରି ନେଇ ଯଶ ମାନକୁ ଅଧିକ ମହତ୍ତ୍ୱ ହେବେ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ହେବ। ନୂତନ କାର୍ଯ୍ୟ କିଛି ଆରମ୍ଭ କରିପାରିବେ। ରାଜନୀତି କ୍ଷେତ୍ରରେ ମାନସମ୍ମାନ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିବା ସହ ତଳୁ ଉପରସ୍ତର ଯାଏ ଆଦୃତି ଓ ମାନ୍ୟତା ଅର୍ଜନ କରିବେ। ପ୍ରେମିକ ପ୍ରେମିକା ମାନେ ପ୍ରେମ କ୍ଷେତ୍ରରେ ମିତ୍ରମାନଙ୍କ ଦ୍ୱାରା ଲାଭ ପାଇବେ। **ପ୍ରତିକାର** – ପ୍ରତ୍ୟେକଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କନ୍ୟା** – ଆର୍ଥିକ ଉନ୍ନତି ଫଳରେ ଚିନ୍ତା କରିଥିବା କାର୍ଯ୍ୟ ଠିକ୍ ସମୟରେ ପୂରଣ ହୋଇ ପାରିବ। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। କର୍ମ କ୍ଷେତ୍ରରେ ବରିଷ୍ଠ ଓ ସହଯୋଗୀ ମାନଙ୍କର ସାହାଯ୍ୟ ସହଯୋଗ ମିଳିବ। ସନ୍ତାନର ସୁଖବର ଶୁଣି ଖୁସି ହେବେ। ସନ୍ତାନ ମାନେ ବିଦ୍ୟାରେ ଉନ୍ନତି କରିବେ। ଅଟକିଥିବା କାର୍ଯ୍ୟ ପୂରଣ ହେବ। ଘରୋଇ ସଂସ୍ଥାର କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବା ସହ କଠିନ କାର୍ଯ୍ୟ ସହଜରେ ସମାଧାନ କରିବେ। ସ୍ୱାସ୍ଥ୍ୟକ୍ଷେତ୍ରରେ ପରିବର୍ତ୍ତନ ଆସିବ। କୋର୍ଟକଚେରୀ ମାମଲା ଓ ବାଦବିବାଦ ଆପଣଙ୍କ ସପକ୍ଷରେ ଯିବ। ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଜାଗା ଜମି ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ମାଲିମୋକଦ୍ଦମାରେ ସମ୍ମାନ ଓ ପ୍ରତିଷ୍ଠା ଅତୁଟ ରହିବ। **ପ୍ରତିକାର** – ପ୍ରତ୍ୟେକ ଦିନ ବାପା ମାଆ ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ତୁଳା** – ଜନ ସେବାରେ ନିଜକୁ ନିୟୋଜିତ କରି ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। ରୋମାନ୍ସ ଓ ପ୍ରେମରେ ପ୍ରସନ୍ନତାର ଅନୁଭୂତି ହେବ। କର୍ମକ୍ଷେତ୍ରରେ ଉନ୍ନତିସହ ଶାନ୍ତି ଉପୁଜିବ ଓ ଶତୃମାନେ ମୁଣ୍ଡ ନୁଆଁଇବେ। ଆର୍ଥକକ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ। ଚିନ୍ତାଦୂର ହୋଇଯିବ। ବ୍ୟବସାୟ କରୁଥିଲେ ଲାଭ ଲାଗି ରହିବ। ବୁଡିଯାଉଥିବା ପଇସା କିମ୍ବା ଆପଣଙ୍କଠାରୁ କେହି ଅର୍ଥ ନେଇ ଦେଉନଥିଲେ କଳେବଳେ କୌଶଳେ ପ୍ରାପ୍ତିହେବ। ପଡୋଶୀଙ୍କ ସହିତ ମଧୁର ସଂପର୍କ ସ୍ଥାପନହେବ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ ବାରମ୍ବାର ମନଉଚ୍ଚାଟ ରହିବ। ଅନେକଅର୍ଥ ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଖର୍ଚ୍ଚ ହୋଇପାରେ **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବିଛା** – ମହତ୍ ଉଦ୍ଦେଶ୍ୟ ନେଇ ଉଚ୍ଚଆକାଂକ୍ଷାରେ କାର୍ଯ୍ୟକଲେ ନିଶ୍ଚୟ ଭାଗ୍ୟୋଦୟ ହେବାସହ ଅଭିଳାଷପୂର୍ଣ୍ଣ ହେବ। ରାଜନୈତିକ କ୍ଷେତ୍ରରେ ପୁରୁଖା ନେତା ବା ଦଳର ମୁଖ୍ୟଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହୋଇପାରିବେ। ଦାମ୍ପତ୍ୟ ଜୀବନରେ ଘନିଷ୍ଠତା ବୃଦ୍ଧି ପାଇବ। ପରିବାରର ସଦସ୍ୟଙ୍କ ସହିତ ହାସ ପରିହାସ ଓ ମନୋରଞ୍ଜନର ଆନନ୍ଦ ଉପଭୋଗ କରି ପାରିବେ। ସରକାରୀ କର୍ମଚାରୀ ମାନେ କର୍ମକ୍ଷେତ୍ରରେ ମାନସମ୍ମାନ ଲାଭ କରିବା ସହ ଦକ୍ଷତା ଯୋଗ୍ୟତା ଓ ପାରଦର୍ଶିତାର ଉପଭୋଗ କରି ଫାଇଦା ଉଠେଇ ପାରିବେ। ବ୍ୟବସାୟ କ୍ଷେତ୍ରକୁ ସସଜ୍ଜିତ କରିବା ଫଳରେ ଲାଭର ମାର୍ଗ ପ୍ରଶସ୍ଥ ହେବା ସହ ପ୍ରବଳ ଆର୍ଥିକ ଉନ୍ନତି ଦେଖାଦେବ। ଶିକ୍ଷା କ୍ଷେତ୍ରରେ ଉଚ୍ଚ ସମ୍ଭବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ଧନୁ** – ରପ୍ତାନି ବାଣିଜ୍ୟରୁ ଯଥେଷ୍ଟ ଲାଭ ମିଳିବ। ସାଧୁ ଓ ସଚ୍ଚୋଟ ଭାବେ କର୍ମଯୋଗକୁ ଶ୍ରେଷ୍ଠତା କରି ସମ୍ମାନ ଓ ପ୍ରତିଷ୍ଠାର ଅଧିକାରୀ ହେବେ। ରାଜନୀତି କ୍ଷେତ୍ରରେ ଜଡିତ ଥିବା ଲୋକମାନଙ୍କ ପାଇଁ ସମୟ ବହୁତ ଭଲ ରହିବ। ସରକାରୀ କର୍ମଚାରୀ ମାନେ ଅଧସ୍ତନ କର୍ମୀ ଓ ନିମ୍ନବର୍ଗଙ୍କ ସୌଜନ୍ୟରୁ ସାହାଯ୍ୟ ସମର୍ଥନ ହାସଲ କରି କର୍ମ କ୍ଷେତ୍ରରେ ମାନସମ୍ମାନ ପାଇବେ। ଆର୍ଥିକ ଉନ୍ନତି ଫଳରେ ଋଣରୁ ମୁକ୍ତି ମିଳିବ। ଚେଷ୍ଟା କଲେ ମାଲିମୋକଦ୍ଦମାର ଆପୋଷ ସମାଧାନର ରାସ୍ତା ଖୋଲିଯିବ। ପିଲାମାନଙ୍କ ଗବେଷଣା କ୍ଷେତ୍ର ପ୍ରାୟତଃ ପ୍ରଶସ୍ତ ରହିବ। ରୋଜଗାର ସମସ୍ୟା ସୁଧୁରି ଯାଇ ଧନଲାଭ ହେବାରୁ ମନ ଖୁସି ରହିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଲାଭ ସୁନିଶ୍ଚିତ ହେବ ଓ ନାନାବିଧ ସୁଯୋଗ ପାଇବା ସହ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। **ପ୍ରତିକାର** – ପ୍ରତ୍ୟେକ ଦିନ ଚୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମକର** –ସରକାରୀ ସାହାଯ୍ୟ ପାଇବାର ସୁଯୋଗ ହାତ ପାହାନ୍ତାରେ ପହଞ୍ଚିବ। ସ୍ୱାସ୍ଥ୍ୟର ପରିବର୍ତ୍ତନ ଘଟିବା ସହ ଶତ୍ରୁମାନେ ତଳମୁହାଁ ହେବେ। ନୂତନ ସମ୍ପର୍କ ଆପଣଙ୍କ ପାଇଁ ଭଲ ହୋଇପାରେ। ସାଧାରଣ ଜନତା ଆପଣଙ୍କ ସୌନ୍ଦର୍ଯ୍ୟ ଓ ବକ୍ତବ୍ୟ ଶୈଳୀଦ୍ୱାରା ପ୍ରଭାବିତ ହେବେ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା କଟିଯାଇ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଘନିଷ୍ଠ ଲୋକମାନେ ସାହାଯ୍ୟ ସହଯୋଗ କରିବେ। କର୍ମ କ୍ଷେତ୍ରରେ ସଫଳତା ମିଳିବ ଓ ବିଦ୍ୟା ଖେଳରେ ସକ୍ରିୟ ହେବେ। ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ଲଢ଼ି ପାରନ୍ତି। ରାଜନୀତି କ୍ଷେତ୍ରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଫଳରେ ମନରେ ଥିବା କାମନା ପୂର୍ଣ୍ଣ ହେବ। ବ୍ୟବସାୟ କ୍ଷେତ୍ରରେ ଶତ୍ରୁମାନେ ଦୂରେଇ ଯିବା ଫଳରେ ମାନସିକ ଶାନ୍ତି ମିଳିବା ସହ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇ ପାରିବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କୁମ୍ଭ** – ସାଙ୍ଗମାନଙ୍କ ସାହାଯ୍ୟ ନେବାକୁ ବାରଣ ନ କଲେ ବ୍ୟବସାୟରେ ଅତୁଳନୀୟ ସଫଳତା ପାଇବେ। ସମ୍ପର୍କର ଦୀର୍ଘ ଦିନର ତିକ୍ତତା ମଧୁରତାରେ ପରିଣତ ହୋଇପାରେ। ରାଜନୀତି ସହିତ ଲୋକମାନେ ଏକ ଉଚ୍ଚ ପଦ ପାଇବେ। ଆଧ୍ୟାତ୍ମିକ ଚିନ୍ତାଧାରା ପ୍ରତି ଆଗ୍ରହ ପ୍ରକାଶ ପାଇବ। ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇ ପାରିବ। ପଢ଼ିବା, ପଢ଼େଇବା ମାମଲାରେ ପ୍ରଶଂସା ପାଇବେ। ପାଖରେ ଥିବା ସାଥୀ ଓ ପ୍ରିୟଜନଙ୍କୁ ଆର୍ଥିକ ଏବଂ ଭାବନାତ୍ମକ ସାହାଯ୍ୟ ସହଯୋଗ କରିବାକୁ ବାଧହେବେ। ଉଚ୍ଚପଦାଧିକାରୀମାନେ ଆପଣଙ୍କୁ ବହୁତ ସମର୍ଥନ କରିବେ। ତୃତୀୟ ବ୍ୟକ୍ତିର ହସ୍ତକ୍ଷେପ ଦ୍ୱାରା ପାରିବାରିକ ସୁଖ ନଷ୍ଟ ହେବାକୁ ଦିଅନ୍ତୁ ନାହିଁ। ଜୀବନ ସାଥୀଙ୍କ ସମର୍ଥନ ଓ ବନ୍ଧୁଙ୍କ ପ୍ରେରଣା ଅନେକ ଚିନ୍ତାରୁ ମୁକ୍ତ କରିବାରେ ସହାୟକ ହେବ। **ପ୍ରତିକାର** – ପ୍ରତ୍ୟେକଦିନ ହରିଦ୍ରା ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

**ମୀନ** – କାମ କାର୍ଯ୍ୟରେ ଉନ୍ନତି ହେବା ସହ ରପ୍ତାନିରେ ମଧ୍ୟ ବୃଦ୍ଧି ଘଟିବ। ଘରୋଇ ଜୀବନରେ ଆପଣ ଆଶା କରୁଥିବା ଅପେକ୍ଷା ଅଧିକ ଶୁଭଫଳ ପାଇବେ। ସାମାଜିକ କର୍ମୀମାନେ ସେମାନଙ୍କର ପ୍ରତିଷ୍ଠା ଏବଂ ସମ୍ମାନ ପ୍ରତି ସତର୍କ ରହି କାର୍ଯ୍ୟ କରିବା ଫଳରେ ପ୍ରଶଂସିତ ହେବେ। ପର୍ଯ୍ୟଟନ ଏବଂ ହୋଟେଲ ଇତ୍ୟାଦି ବ୍ୟବସାୟ ସହିତ ଜଡିତ ଲୋକଙ୍କ ବ୍ୟବସାୟରେ ଆଶା କରାଯାଉଥିବା ବୃଦ୍ଧି ଘଟିବ। କାର୍ଯ୍ୟକ୍ଷେତ୍ରରେ ବହୁବିଧ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ଉନ୍ନତି ହେବ। ବ୍ୟବସାୟରେ ଉତ୍ତମ ରୋଜଗାର ହେବା ସହ ବେଶ୍ ଦୁଇ ପଇସା ଲାଭ ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନ ଧରି ଚାଲିଆସୁଥିବା ନକରାତ୍ମକତା ଚିନ୍ତାଧାରାର ସମାଧାନ ହୋଇ ସକାରାତ୍ମକତା ସୃଷ୍ଟିହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହିମିଠା ଖାଇ ଘରୁ ବାହାରନ୍ତୁ।

Calendarkohinoor.com

Calendarkohinoor.com

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୪ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଡିସେମ୍ବର ୨୦୨୬
## DECEMBER 2026

ରୌଦ୍ର ସମ୍ବତ୍ସର ବିଛା(ମାର୍ଗଶୀର)ଦି୧୬ନ ଠାରୁ ଧନୁ(ପୌଷ)ଦି୧୬ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୬।୦୮ | ଘ୫।୦୨ |
| ତା୧୦–ଘ୬।୧୪ | ଘ୫।୦୩ |
| ତା୨୦–ଘ୬।୨୦ | ଘ୫।୦୮ |
| ତା୩୧ –ଘ୬।୨୫ | ଘ୫।୧୪ |

| | | | | | |
|---|---|---|---|---|---|
| ରବି SUN | | ୬ ୨୧ ତ୍ରୟୋଦଶୀ ସ୍ୱାତୀ ତୁଳା | ୧୩ ୨୮ ଚତୁର୍ଥୀ ଉତ୍ତରଷାଢ଼ା ମକର | ଏକାଦଶୀ ୨୦ ୫ ଅଶ୍ୱିନୀ ମେଷ | ୨୭ ୧୨ ଚତୁର୍ଥୀ ଅଶ୍ଳେଷା କର୍କଟ |
| ସୋମ MON | | ୭ ୨୨ ଚତୁର୍ଦ୍ଦଶୀ ବିଶାଖା ତୁଳା | ୧୪ ୨୯ ପଞ୍ଚମୀ ଶ୍ରବଣା ମକର | ୨୧ ୬ ଦ୍ୱାଦଶୀ ଦ୍ୱିଜା ମେଷ | ୨୮ ୧୩ ପଞ୍ଚମୀ ମଘା ସିଂହ |
| ମଙ୍ଗଳ TUE | ୧ ବିଛା ଦି୧୬ନ ଅଷ୍ଟମୀ ମଘା ସିଂହ | ୮ ୨୩ ଅନୁରାଧା ବିଛା | ୧୫ ୩୦ ଷଷ୍ଠୀ ଧନିଷ୍ଠା କୁମ୍ଭ | ୨୨ ୭ ତ୍ରୟୋଦଶୀ କୃତ୍ତିକା ବୃଷ | ୨୯ ୧୪ ଷଷ୍ଠୀ ପୂର୍ବାଫା ସିଂହ |
| ବୁଧ WED | ୨ ୧୭ ନବମୀ ପୂର୍ବାଫା ସିଂହ | ୯ ୨୪ ଅମାବାସ୍ୟା ମଳ ଜ୍ୟେଷ୍ଠା ବିଛା | ୧୬ ଧନୁ ଦି୧ନ ସପ୍ତମୀ ଶତଭିଷା କୁମ୍ଭ | ୨୩ ୮ ଚତୁର୍ଦ୍ଦଶୀ ରୋହିଣୀ ମୃଗଶିରା ବୃଷ | ୩୦ ୧୫ ସପ୍ତମୀ ଉତ୍ତରଫା କନ୍ୟା |
| ଗୁରୁ THU | ୩ ୧୮ ଦଶମୀ ଉତ୍ତରଫା କନ୍ୟା | ୧୦ ୨୫ ପ୍ରତିପଦ ମୂଳା ଧନୁ | ୧୭ ୨ ଅଷ୍ଟମୀ ପୂର୍ବଭାଦ୍ର କୁମ୍ଭ | ୨୪ ୯ ପ୍ରତିପଦ କ୍ଷଃ ଆର୍ଦ୍ରା ମିଥୁନ | ୩୧ ୧୬ ଅଷ୍ଟମୀ ହସ୍ତା କନ୍ୟା |
| ଶୁକ୍ର FRI | ଏକାଦଶୀ ୪ ୧୯ ହସ୍ତା କନ୍ୟା | ୧୧ ୨୬ ତୃତୀୟା ପୂର୍ବାଷାଢ଼ା ଧନୁ | ୧୮ ୩ ନବମୀ ଉତ୍ତରଭାଦ୍ର ମୀନ | ୨୫ ୧୦ ଦ୍ୱିତୀୟା ପୁନର୍ବସୁ ମିଥୁନ | |
| ଶନି SAT | ୫ ୨୦ ଦ୍ୱାଦଶୀ ଚିତ୍ରା ତୁଳା | ୧୨ ୨୭ ତୃତୀୟା ଉତ୍ତରଷାଢ଼ା ଧନୁ | ୧୯ ୪ ଦଶମୀ ରେବତୀ ମୀନ | ୨୬ ୧୧ ତୃତୀୟା ପୁଷ୍ୟା କର୍କଟ | |

## ପର୍ବଦିନ

**ତା୧ ପ୍ରଥମାଷ୍ଟମୀ**
ତା୨ କାଞ୍ଜି ଅଁଳା ନବମୀ
**ତା୩ ମାଣବସା ଗୁରୁବାର**
ତା୪ ଉତ୍ପନ୍ନା ଏକାଦଶୀ ଉପବାସ, ହ.ନି
ତା୭ ଶ୍ରୀମନ୍ଦିରରେ ଦେବଦିପାବଲ୍ୟୁତ୍ସବ ଆରମ୍ଭ ଓ ଶିବ ଚତୁର୍ଦ୍ଦଶୀ ଉପବାସ
ତା୮ ମହୋଦଧି ଅମାବାସ୍ୟା, ଚନ୍ଦ୍ରକ୍ଷୟ, ଶ୍ରୀମନ୍ଦିରରେ ମଧ୍ୟ ଦୀପାବଳୀ, ଚନ୍ଦ୍ରକ୍ଷୟ, ନିଶିପାଳନ, ଗୋସହସ୍ରୀ ସ୍ନାନ ଓ ହଳ ନିଷେଧ।
ତା୯ ଶ୍ରୀମନ୍ଦିରରେ ଶେଷ ଦୀପାବଳୀ
ତା୧୦ ଚନ୍ଦ୍ରଦର୍ଶନ ପୂଜା ଓ ଉପବାସ
**ତା୧୧ ରମ୍ଭା ତୃତୀୟା**
ତା୧୨ ଶରଣ ଆରମ୍ଭ
ତା୧୪ କୁରାଳ ପଞ୍ଚମୀ
ତା୧୫ ଓଢ଼ଣ ଓ ପ୍ରାବରଣ ଷଷ୍ଠୀ
**ତା୧୬ ଧନୁ ସଂକ୍ରାନ୍ତି, ପହିଲି ଭୋଗ ଓ ହଳ ନିଷେଧ**
ତା୧୭ ଶରଣ ଶେଷ
ତା୧୮ ମୋକ୍ଷଦା ଏକାଦଶୀ ଉପବାସ ଓ ରବିନାରାୟଣ ବ୍ରତ।
ତା୨୧ ବ୍ୟଞ୍ଜନ ଦ୍ୱାଦଶୀ
ତା୨୨ ଅନଙ୍ଗ ତ୍ରୟୋଦଶୀ, ଗୀତା ଜୟନ୍ତୀ ଓ ପାଷାଣ ଚତୁର୍ଦ୍ଦଶୀ
ତା୨୩ **ପଣ୍ଡୁ ଓଷା**, ଚନ୍ଦ୍ରପୂଜା ଓ ଉପବାସ
ତା୨୪ ପୂର୍ଣ୍ଣିମା ଓ ଗୁରୁପୂର୍ଣ୍ଣିମା
**ତା୨୫ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ)**
ତା୨୬ ଦାଣ୍ଡ ପହଁରା ଓ **ବାଟ ଓଷା**
**ତା୩୧ ପଠାଣି ସାମନ୍ତଙ୍କ ଜୟନ୍ତୀ ଓ ଇଂରାଜୀ ବର୍ଷ ଶେଷ**

ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

Calendarkohinoor.com

Calendarkohinoor.com



# ସନ ୨୦୨୬ ମସିହା ଡିସେମ୍ବର ମାସର ବାର ରାଶିଫଳ

**ମେଷ** – ବ୍ୟବସାୟ ସମ୍ବନ୍ଧରେ କିଛି ସମସ୍ୟା ସମାଧାନ ହୋଇ କଷ୍ଟ ଓ ପରିଶ୍ରମ ସାର୍ଥକ ହେବ। ଆର୍ଥିକ ସ୍ଥିରତା ହେତୁ ନୂତନ ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ ହେବ। ଯଦି ନୂତନ ଘର କିମ୍ବା ଯାନବାହାନ ପାଇଁ ଯୋଜନା କରୁଛନ୍ତି, ତେବେ ସମୟ ବହୁତ ଭଲ ରହିବ ପିଲାମାନଙ୍କ ସହିତ ମଜା ମଜଲିସ୍ ଓ ମନୋରଞ୍ଜନରେ ସମୟ ଉପଭୋଗ କରିବେ। ଜୀବନସାଥୀଙ୍କ ବିଷୟରେ ଉତ୍ସାହିତ ହୋଇ ଇନ୍ଦ୍ରିୟ ପରାୟଣତା ବୃଦ୍ଧି ପାଇବ। ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ଭଲ ଲାଭ ହେବାର ସମ୍ଭାବନା ଅଛି। ଅଫିସ୍‌ରେ ଆପଣଙ୍କ ଫାଇଲ୍ ଏବଂ କାଗଜପତ୍ର ଠିକ୍ ରଖନ୍ତୁ। ପ୍ରେମିକ ପ୍ରେମୀକାଙ୍କ ସାମଞ୍ଜସ୍ୟ ସୃଷ୍ଟି ହେବ। ଅଧ୍ୟୟନ କ୍ଷେତ୍ରରେ ଉନ୍ନତି ହେବ। ବିଶେଷକରି ଟଙ୍କା ସମସ୍ୟାରୁ ମୁକ୍ତି ମିଳିପାରେ ଓ କୃତକାର୍ଯ୍ୟ ଆରମ୍ଭ କରିବାରେ ସହାୟକ ହେବ। **ପ୍ରତିକାର–** ପ୍ରତ୍ୟେକଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ବୃଷ** – ସମସ୍ତ କାର୍ଯ୍ୟ ପାଇଁ ଅନୁକୂଳ ହେବା ସହ କ୍ୟାରିୟର ସମ୍ବନ୍ଧରେ ବହୁତ ଶୁଭ ହେବ। ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ଉନ୍ନତିହେବ। ବନ୍ଧୁ ମିତ୍ରଙ୍କର ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। କ୍ରୋଧକୁ ଦମନ କରି ହସଖୁସିର ବା[illegible]ଣ ସୃଷ୍ଟି ହେବ। ବେମାର, ବୃଦ୍ଧଜନ ଓ ଅଶକ୍ତ ଲୋକଙ୍କୁ ସହଯୋଗ କରିବା ପାଇଁ ହାତ ବଢ଼େଇବେ। ସ୍ୱାସ୍ଥ୍ୟ ବହୁତ ଭଲ ହେବ। ବ୍ୟବସାୟରେ ନୂତନ ଚୁକ୍ତି ସଂପର୍କରେ କିଛି ଚିନ୍ତା ନ କରି ଆଗେଇ ଆସନ୍ତୁ ବ୍ୟବସାୟରେ ଲାଭର ପରିମାଣ ଅଧିକ ହେବ। ପ୍ରତିରକ୍ଷା ସହିତ ଜଡିତ ଲୋକ ଅନେକ ସୁବିଧା ସୁଯୋଗ ପାଇବେ। ବ୍ୟାଙ୍କିଙ୍ଗ୍ ଏବଂ ଶିକ୍ଷା ବୃତ୍ତିରେ ଅଗ୍ରଗତି ପାଇଁ ସୁଯୋଗ ପାଇବେ। ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଆପଣ ସଫଳତା ପାଇପାରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**ମିଥୁନ** – ନୂଆ ବେପାରୀଙ୍କ ସହ ସମ୍ପର୍କ ଯୋଗୁ ନୂତନ ବ୍ୟବସାୟର ଯୋଜନା କରିବା ସହ ବ୍ୟବସାୟରେ ଆଶାତୀତ ଲାଭ କରି କିଛି ନୂତନ ପଦାର୍ଥ ସଂଗ୍ରହ କରି ପାରନ୍ତି। ଅନେକ ଦିଗରୁ ଧନର ଆଗମନ ହୋଇପାରେ। ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ହେବ। ପ୍ରେମ ସମ୍ବନ୍ଧ ଓ ଦାମ୍ପତ୍ୟ ଜୀବନରେ ମଧୁରତା ସୃଷ୍ଟି ହେବ। ସୁଖ ସମୃଦ୍ଧି ବୃଦ୍ଧି, ସୁନାମ ପ୍ରାପ୍ତି, ସମ୍ମାନ ବୃଦ୍ଧି, କର୍ମୋନ୍ନତି, ବାସସ୍ଥାନ ବା ଜାନବାହାନ ପ୍ରାପ୍ତି ହେବ। ପୁଅ ଝିଅଙ୍କ କର୍ମସ୍ଥିର ହେବ ଫଳରେ ଖୁସି ହେବେ। ରାଜନୀତି କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ସମର୍ଥନ ପାଇ ସଫଳ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ହରିଡ଼ା, ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

**କର୍କଟ** – ନିଜର ବକ୍ତବ୍ୟ ଏବଂ ଆଚରଣରେ ନମ୍ରତା ରହିବା ଫଳରେ ବ୍ୟବସାୟରେ ଆୟ ବୃଦ୍ଧି କରିବାର ସୁଯୋଗ ପାଇବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଯୋଜନା କରିପାରନ୍ତି। ମାଲିମମୋକଦ୍ଦମାରେ ଆପୋଷ ସମାଧାନର ରାସ୍ତା ଖୋଲିଯିବ। ସୃଜନଶୀଳତା ଏକ ନୂତନ ଦିଗ ପାଇବା ସହ ନିଜର ସଫଳତା ପାଇଁ ଗର୍ବିତ ଅନୁଭବ କରିବେ। ସାମ୍ବାଦିକତା ଏବଂ ଚଳଚ୍ଚିତ୍ର କ୍ଷେତ୍ର ସହିତ ଜଡିତ ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ। ଆର୍ଥିକ ପରିସ୍ଥିତି ଉତ୍ତମ ଥିଲେ ମଧ ବସନ ଭୂଷଣରେ ଅଧିକ ବ୍ୟୟ ଘଟିବ। କଠିନ ପରିଶ୍ରମ କରିବା ଫଳରେ ବହୁତ ଭଲ ଫଳ ପାଇବେ। ମିତ୍ର ବା ଜରୁରୀମନ୍ଦଙ୍କ ସହାୟତା ପାଇଁ ହାତ ବଢ଼ାଇବେ। ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନଦେଇ ବ୍ୟାୟାମ୍ କରିବା ଆବଶ୍ୟକ। ଅଧ୍ୟୟନରେ ପରିଶ୍ରମ କରିବା ଆବଶ୍ୟକ **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ସିଂହ** – ରାଜନୈତିକ କ୍ଷେତ୍ରରେ ଉଚ୍ଚ ପଦଧିକାରୀଙ୍କ ସହ ସମ୍ପର୍କ ମଜବୁତ ହେବ। ସମସ୍ତ ପ୍ରୟାସ ଫଳପ୍ରଦ ହେବା ଫଳରେ ଲୋକମାନେ ଆପଣଙ୍କ ବ୍ୟକ୍ତିତ୍ୱ ପ୍ରତି ଈର୍ଷା କରିପାରନ୍ତି। ଅଧ୍ୟୟନରେ ଆପଣ ଭଲ ଲାଭ ପାଇବେ ଓ ଭବିଷ୍ୟତ ଯୋଜନାରେ ଟଙ୍କା ବିନିଯୋଗ କରିପାରନ୍ତି। ଅନେକ ଅନୁଷ୍ଠାନରୁ ଚାକିରି ଅଫର ଉପଲବ୍ଧ ହେବ। ପରିବାର ସଦସ୍ୟଙ୍କ ସହିତ ଏକ ପର୍ଯ୍ୟଟନ ଯାତ୍ରା ଯୋଜନା କରିବେ। ନୂତନ ବିନିଯୋଗ ପାଇଁ ଅପେକ୍ଷା ନ କରି ଆଗେଇ ଚାଲନ୍ତୁ ଆୟର ବିକଳ୍ପ ଉତ୍ସ ଆଡକୁ ଗତି କରିବ। ଜୀବନସାଥୀଙ୍କ ସହିତ ଆଚରଣ ଉଚ୍ଚାରଣ ଠିକ୍ ରଖନ୍ତୁ। ଅବିବାହିତ ଯୁବକ ଯୁବତୀମାନଙ୍କର ନୂତନ ସମ୍ପର୍କ ପାଇଁ ଶୀଘ୍ର ଯୋଗାଯୋଗ ହୋଇଯିବ। ସହଯୋଗୀ ମାନଙ୍କ ସହିତ ବଡ଼ ଧରଣର କାରବାର ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନ ନିଅନ୍ତୁ। ଗୃହୋପକରଣ କ୍ରୟ କରିବା ଯୋଗେ ବ୍ୟୟ ଅଧିକ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଖାଇବାକୁ ଦିଅନ୍ତୁ।

**କନ୍ୟା** – ଆର୍ଥିକ ପ୍ରସଙ୍ଗରେ ସମସ୍ୟା ଦୂର ହେବା ଫଳରେ ଆପଙ୍କର ସଞ୍ଚୟ ପ୍ରଭାବିତ ହୋଇପାରେ। ସରକାରୀ ଚାକିରୀ କରୁଥିବା ଲୋକମାନେ ଏକ ଉଚ୍ଚ ପଦପଦବୀ ପାଇପାରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନ ନିଅନ୍ତୁ। ଅତୀତରେ ଆପଣଙ୍କ ଦ୍ୱାରା କରାଯାଉଥିବା ଭଲ କାର୍ଯ୍ୟ ପାଇଁ ପ୍ରଶଂସିତ ହେବେ। ବିଦେଶରେ ଅଧ୍ୟୟନ କରୁଥିବା କିମ୍ବା ଅନୁସନ୍ଧାନ କରୁଥିବା ଶିକ୍ଷାର୍ଥୀଭଲ ସଫଳତା ପାଇବେ। ଗୃହର ପୁନଃ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହେବ। ସାନ ଭାଇଭଉଣୀର ବ୍ୟକ୍ତିଗତ ଜୀବନରେ କିଛି ଅସୁବିଧା ଥିଲେ ସୁବିଧା ହୋଇପାରେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଉତ୍ପାଦନ ସହିତ ଜଡିତ ବ୍ୟବସାୟ ବୃଦ୍ଧି ପାଇବା ସହ କୌଣସି ସଂସ୍ଥାରୁ ସମ୍ମାନ ପାଇବାର ସମ୍ଭାବନା ଅଛି। ରାଜନୀତିରେ ସତର୍କତା ଅବଲମ୍ବନ କରିବା ଉଚିତ୍। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** – ସାମାଜିକ କାର୍ଯ୍ୟରେ ବନ୍ଧୁମିତ୍ରଙ୍କ ଠାରୁ ବହୁତ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଲାଭ ସୁନିଶ୍ଚିତ ଓ ମାନସିକ ଶାନ୍ତି ଅନୁଭବ କରିବେ। ସାମ୍ବାଦିକ ମାନେ ନିଜ କାର୍ଯ୍ୟରେ କୃତିତ୍ୱ ଲାଭ କରିବେ। ଆକାଉଣ୍ଟାଣ୍ଟ ମାନଙ୍କ ପାଇଁ ଅତ୍ୟନ୍ତ ଶୁଭ ହେବ। ବିଦ୍ୟା କ୍ଷେତ୍ରରେ ଉନ୍ନତି କରିବେ। ଗଚ୍ଛିତ ଅର୍ଥ ବୃଦ୍ଧି କରିବା ପାଇଁ ଚେଷ୍ଟିତ ହେବେ। ଧନସମ୍ପଦ, ବସ୍ତ୍ରଭୂଷଣ ଆଦି ଲାଭହେବ। ଧର୍ମକାର୍ଯ୍ୟରେ ଯୋଗଦେଇ ଦେବଦର୍ଶନ କରିବେ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ। ନୂତନ ବ୍ୟବସାୟ ସମ୍ବନ୍ଧରେ ଆପଣଙ୍କୁ କିଛି ସୁବିଧାର ସମ୍ମୁଖୀନ ହେବାକୁ ପଡିନାହିଁ। ଘରୋଇ କର୍ମଚାରୀମାନେ ଭାରସାମ୍ୟ ରକ୍ଷାକରି ସାଧାରଣ ବର୍ଗଙ୍କ ଯୋଗେ ପରିସ୍ଥିତିକୁ ନିଜ ତରଫରେ ନେଇ ସ୍ୱାର୍ଥସିଦ୍ଧିର ପଥକୁ ପ୍ରଶସ୍ତ କରିବେ। ପ୍ରେମିକ ପ୍ରେମିକାମାନେ ଗୁପ୍ତ ପ୍ରେମରେ ସଫଳ ହୋଇ ପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆ ବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ବିଛା** – ରାଜନୈତିକ କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁଁ ଚିନ୍ତିତ ରହି ପାରନ୍ତି। ପରିବେଶକୁ ଭଲ ରଖି ନକରାତ୍ମକ ଚିନ୍ତାଧାରାଠାରୁ ଦୂରରେ ନ ରହିଲେ ଆପଣଙ୍କ ଏକାଗ୍ରତା ଉପରେ କୁପ୍ରଭାବ ପକାଇପାରେ। କମିଶନ ଏବଂ ସେୟାର ସହିତ ଜଡିତ ଲୋକମାନେ ପରିସ୍ଥିତିକୁ ଅଣଦେଖା କରିବା ଆପଣଙ୍କ ଉପରେ କୁପ୍ରଭାବ ପକାଇପାରେ। କିଛି ଲୋକ ପ୍ରେମ ସମ୍ପର୍କରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିବେ। ପୁରୁଣା ବିନିଯୋଗ ଭଲ ଲାଭ ଦେବ। ରୋମାଣ୍ଟିକ୍ ଜୀବନ ଆରମ୍ଭ ହୋଇପାରେ। ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଭଲ ସମ୍ପର୍କ ରଖନ୍ତୁ ଚାକିରି ଅବସ୍ଥା ଆପଣଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ହେବ। ସାମ୍ବାଦିକ ମାନେ ଶୁଭ ସମାଚାର ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ଧନୁ** – ସନ୍ତାନ ମାନଙ୍କ ପାଇଁ ଚିନ୍ତିତ ରହିବେ। ସ୍ୱାସ୍ଥଗତ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କ୍ଷେତ୍ରରେ ଧୈର୍ଯ୍ୟ ଶହନଶୀଳତା କାଏମ ରହିବ। ବନ୍ଧୁଙ୍କ ସାହାଯ୍ୟ ପାଇ ଆନୁଷ୍ଠାନିକ କାମ ହାସଲ କରିବା ସହ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ। ଛାତ୍ରଛାତ୍ରୀମାନେ ପରିଶ୍ରମ କରିବା ଫଳରେ ପ୍ରଶଂସା ପାଇବେ। ବ୍ୟବସାୟ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ହେବ। କର୍ମକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ ପ୍ରଶଂସା ପାଇବେ। ସାମ୍ବାଦିକ ମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆମୋଦପ୍ରମୋଦ, କ୍ରୀଡା, ମନୋରଞ୍ଜନ, ନୃତ୍ୟଗୀତ, କଳାସଙ୍ଗୀତ, ଭୋଜିଭାତରେ ଉତ୍ସାହିତ ହେବେ। ବିଭିନ୍ନ ବିଭାଗୀୟ ପରୀକ୍ଷା ଦେବାର ସୁଯୋଗ ପାଇବେ। ଓକିଲାତି ଓ ପରିଚାଳନା ସହିତ ଜଡିତ ଲୋକଙ୍କୁ ବହୁତ ସମ୍ମାନ ମିଳିପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମକର** – କାରବାରରେ ଉତ୍ଥାନ ହେବା ଫଳରେ ବ୍ୟବସାୟର ପରିବର୍ତ୍ତନ କରିବାପାଇଁ ଇଚ୍ଛା ଜାଗ୍ରତ ହେବ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବ। ପିଲାମାନଙ୍କ ପାଠପଢ଼ା ନେଇ ଖୁସି ରହିବେ। ଅତିରିକ୍ତ ଆୟର ଦରକାର ଅନୁଭବ ହେବ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଠାରୁ ସମ୍ମାନ ମିଳିବ। ଆର୍ଥିକ ସମସ୍ୟା ନିଶ୍ଚିତ ରୂପେ ସମାଧାନ ହୋଇଯିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ସାମ୍ବାଦିକ ମାନେ ଶୁଭ ସମାଚାର ପାଇବେ। ବନ୍ଧୁ ମିତ୍ରଙ୍କ ଆଗମନ ହେବ ଓ ବନ୍ଧୁଙ୍କର କୌଣସି-ମହତ୍ୱପୂର୍ଣ୍ଣ କାମ ଆପଣଙ୍କ ଦ୍ୱାରା ହୋଇପାରେ। ଗଚ୍ଛିତ ଅର୍ଥ ବୃଦ୍ଧି କରିବା ପାଇଁ ଚେଷ୍ଟିତ ହେବେ। ଧନସମ୍ପଦ, ବସ୍ତ୍ରଭୂଷଣ ଆଦି ଲାଭହେବ। ଅତି ନିକଟର ବନ୍ଧୁବାନ୍ଧବଙ୍କ ସହ ଅତି ପ୍ରିୟତା ସୃଷ୍ଟିହେବ। ମନୋରଞ୍ଜନ କାର୍ଯ୍ୟରେ ବା କଳାସଙ୍ଗୀତ ଓ ନୃତ୍ୟ ଗୀତରେ ମଜ୍ଜି ରହିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – ସରକାରୀ ସାହାଯ୍ୟ ଲାଭ କରିବାର ସୁଯୋଗ ପାଇବେ। ସନ୍ତାନଙ୍କର ଶିକ୍ଷାରେ ଦେଖାଦେଉଥିବା ପ୍ରତିବନ୍ଧକ ଦୂର ହେବ। କର୍ମଚାରୀମାନେ କଠିନ ପରିଶ୍ରମ କରି କାର୍ଯ୍ୟ କଲେ ତଳ ମହଲରୁ ଆଶାତୀତ ଲାଭ ପାଇବା ସହ ଉପରିସ୍ଥ କର୍ମଚାରୀ ମାନଙ୍କ ପ୍ରିୟଭାଜନ ହେବେ ଓ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟ କ୍ଷେତ୍ରରେ ଆଶାତୀତ ଲାଭ ପାଇବା ସହ ପରିଶ୍ରମ ମେହନତର ପରିଣାମ ମିଳିବ ଓ ଆର୍ଥିକ ସ୍ଥିତିରେ ବୃଦ୍ଧିହେବ। ନୂତନ କର୍ମ ସଂସ୍ଥାନରେ ନିଯୁକ୍ତି ପାଇବାର ଯୋଗ ରହିଛି। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ଏକାଧିକ କାମରେ ହାତ ଦେଇ ସାମାଜିକ ପ୍ରତିଷ୍ଠା ମାନସମ୍ମାନ ଲାଭ କରିବେ। ଶିକ୍ଷାକ୍ଷେତ୍ରରେ ଆଶା ମୁତାବକ ଫଳ ପାଇ ସଫଳତା ଅର୍ଜନ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବେଲ କାଠରେ ଚନ୍ଦନ ଘୋରି ଧାରଣ କରନ୍ତୁ।

**ମୀନ** – ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। କର୍ମକ୍ଷେତ୍ରରେ ପ୍ରତ୍ୟେକ ମୁଖରୁ ପ୍ରଶଂସାବାଣୀ ଶୁଣିବା ସହ ପଦସ୍ଥ ବ୍ୟକ୍ତିଙ୍କ ଆସ୍ଥାଭାଜନ ହେବେ। କର୍ମକ୍ଷେତ୍ରରେ ତଳୁ ଉପରସ୍ତର ଯାଏ ଆଦୃତି ଓ ମାନ୍ୟତା ଅର୍ଜନ କରିବେ। ଭୋଗ ବିଳାସ ଓ ଆନନ୍ଦମୟ ମୂହୁର୍ତ୍ତ ସାଙ୍ଗକୁ ସମ୍ମାନଜନକ ଘଟଣା ଘଟିବ। ଅନ୍ୟର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ପ୍ରୟାସରତ ହେବେ। ଗୃହୋପକରଣ କ୍ରୟ କରିବା ଯୋଗେ ବ୍ୟୟ ଅଧିକ ହେବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ଶୁଭ ସମାଚାର ମିଳିବା ଫଳରେ ଖୁସିହେବେ। ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଉତ୍ତମ ଆୟର ପଥ ପରିଷ୍କାର କରିବେ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

Calendarkohinoor.com